R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୫
ତିଥି: ଏକାଦଶୀ
୨୯ ଜାନୁଆରୀ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 115
29 January 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଅବତରଣ ବେଳେ ଜଳିଗଲା ବିମାନ

# ଅଜିତ୍ ପାୱାରଙ୍କ ଦୁଃଖଦ ଦେହାନ୍ତ




- ପାଇଲଟଙ୍କ ସମେତ ୫ ମୃତ
- ଆସନ୍ତାକାଲି ବାରମତିରେ ହେବ ଶେଷକୃତ୍ୟ
- ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ
- ମହାରାଷ୍ଟ୍ରରେ ୩ ଦିନିଆ ଶୋକ ଘୋଷଣା

ମୁମ୍ବାଇ,୨୮।୧: ହୃଦୟ ବିଦାରକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦେହାନ୍ତ ହୋଇଛି । ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ଦୁଇ ପାଇଲଟଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି । ଆସନ୍ତାକାଲି ତାଙ୍କର ଶେଷକୃତ ସମ୍ପନ୍ନ କରାଯିବ । ନିଜ ପୈତୃକ ଗାଁ ବାରାମତିରେ ଏହି ଶେଷକୃତ ହେବ । ଶ୍ରୀ ପାୱାରଙ୍କ ବିରୋଧରେ ମହାରାଷ୍ଟ୍ର ସରକାର ୩ ଦିନ ଲାଗି ରାଷ୍ଟ୍ରୀୟ ଶୋକ ପାଇଁ ଘୋଷଣା କରିଛନ୍ତି ।

ବାରାମତିରେ ହେବାକୁଥିବା ଜିଲ୍ଲା ପରିଷଦ ନିର୍ବାଚନ ଲାଗି ୪ଟି ସାଧାରଣ ସଭାରେ ଉଦବୋଧନ ଦେବାକୁ ଅଜିତ ପାୱାର ଯାଉଥିଲେ । ମୁମ୍ବାଇରୁ ତାଙ୍କ ବିମାନ ଉଡାଣ ଭରିଥିଲା । ଅଳ୍ପ କିଛି ସମୟ ପରେ ବାରାମତି ବିମାନବନ୍ଦରରେ ସେ ଅବତୀର୍ଣ୍ଣ କରିଥାନ୍ତେ । ମାତ୍ର ତାଙ୍କ ଏହି ଚାର୍ଟାଡ ବିମାନରେ ଦୁଇ ପାଇଲଟ ଅଜିତଙ୍କ ଦୁଇ ସୁରକ୍ଷାକର୍ମୀ ଥିଲେ । ସେମାନେ ମଧ ମୃତ୍ୟୁବରଣ କରିଛନ୍ତି । ବିମାନ ଦୁର୍ଘଟଣାର ଭିଡ଼ିଓ ସାମ୍ନାକୁ ଆସିଛି । ଯେଉଁଥିରେ ବିମାନଟି ଜଳି ଯାଉଥିବା ଦେଖିବାକୁ ମିଳିଛି । ବୁଧବାର ସକାଳେ ୮.୪୫ରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା କୁହାଯାଉଛି । କମ ଦୁଶ୍ୟମାନତା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ସମଗ୍ର ଅଞ୍ଚଳ କଳା ଦୁହାଁରେ ଛାଇ ଯାଇଥିଲା । ବେସାମରିକ ବିମାନ ଚଳାଚଳର ମହାନିର୍ଦ୍ଦେଶକ ଅଜିତଙ୍କ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି । ଯେତେବେଳେ ବିମାନଟି ଅବତରଣ କରିବାକୁ ଉଦ୍ୟମ କରିଥିଲା ଯେତେ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୬୬ ବର୍ଷୀୟ ଅଜିତଙ୍କ ଦୁଖଃଦ ବିୟୋଗ ଘଟିଥିଲା । ତେବେ ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିନାହିଁ । ବର୍ତ୍ତମାନ ସୁଧା ଘଟଣାର ପ୍ରକୃତ କାରଣ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଶୋକ

ଭୁବନେଶ୍ୱର,୨୮।୧(ସବ୍ୟୁ): ଅଜିତ ପାୱାରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀଙ୍କ ଦେହାନ୍ତ ହେବାର ଅତ୍ୟନ୍ତ ଦୁଃଖଦାୟକ ଓ ତାଙ୍କୁ ମର୍ମାହତ କରିଛି । ଶ୍ରୀ ପାୱାର ଜଣେ ରାଜନେତା ଓ ସମର୍ପିତ ଜନସେବକ ଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ଯେ, ଦିବଂଗତ ଆତ୍ମାକୁ ନିଜ ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ । ଶୋକାକୁଳ ପରିବାରକୁ ଏହି ଦୁଃଖଦ ସମୟରେ ଶକ୍ତି ପ୍ରଦାନ କରନ୍ତୁ ।

### ଶୋକବ୍ୟକ୍ତ କଲେ ନବୀନ

ଭୁବନେଶ୍ୱର,୨୮।୧(ସବ୍ୟୁ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଜିତ ପାୱାରଙ୍କ ଦେହାନ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡ଼ିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ । ଅଜିତ ପାୱାରଙ୍କ ସମେତ ତାଙ୍କ ସହଯାତ୍ରୀ ମଧ ମୃତ୍ୟୁବରଣ କରିଛନ୍ତି । ଶ୍ରୀ ପାୱାରଙ୍କ ବନ୍ଧୁ ଓ ସମର୍ଥକଙ୍କୁ ହୃଦୟରୁ ସମବେଦନା ଜଣାଉଛି ।

## ସଂସଦ ଅଧିବେଶନ ଆରମ୍ଭ

# ବିକଶିତ ଭାରତ ଏକ ନିରନ୍ତର ଯାତ୍ରା



ନୂଆଦିଲ୍ଲୀ, ୨୮।୧ : ସଂସଦର ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧନ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ସଫଳତା ସମ୍ପର୍କରେ ଆଲୋକପାତ କରିବା ସହ ଅପରେସନ୍ ସିନ୍ଦୂରରେ ବିଶ୍ୱ ଭାରତର ସାହାସ ଦେଖିଥିଲା ବୋଲି କହିଥିଲେ । ରାଷ୍ଟ୍ରପତି କହିଥିଲେ ଯେ ବିକଶିତ ଭାରତ ଲକ୍ଷ୍ୟ କୌଣସି ଗୋଟିଏ ସରକାର କିମ୍ବା ଗୋଟିଏ ପିଢ଼ି ପର୍ଯ୍ୟନ୍ତ ସୀମିତ ନୁହେଁ । ଏହା ଏକ ନିରନ୍ତର ଯାତ୍ରା । ଏହି ଯାତ୍ରାରେ ଆମେ ସମସ୍ତଙ୍କ ପ୍ରୟାସ, ଶୃଙ୍ଖଳା ଏବଂ ନିରନ୍ତରତା ଗୁରୁତ୍ୱପୂର୍ଣ୍ଣ । ମୁଁ ନିଶ୍ଚିତ ଯେ ସଂସଦ, ସରକାର ଏବଂ ନାଗରିକମାନେ ମିଳିତ ଭାବେ ବିକଶିତ ଭାରତର ସଂକଳ୍ପ ପୂରଣ କରିବେ । ନାଗରିକମାନେ ରାଷ୍ଟ୍ର ହିତକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖି ଆଗକୁ ବଢ଼ିବେ ।

ରାଷ୍ଟ୍ରପତି କହିଥିଲେ ଯେ ଏକ ବିକଶିତ ଭାରତ ପାଇଁ ସମୃଦ୍ଧ ଚାଷୀଙ୍କୁ ପ୍ରଥମ ପ୍ରାଥମିକତା ଭାବରେ ସରକାର ଦେଖୁଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରାଯାଇଛି । ଗ୍ରାମାଞ୍ଚଳରେ ବିକାଶ ଓ ନିଯୁକ୍ତି ପାଇଁ ବିକଶିତ ଭାରତ-ଜୀ ରାମ ଜୀ ଯୋଜନା ସମ୍ପର୍କରେ ମଧ (୯ ପୃଷ୍ଠାରେ)

# ୮ ଘଣ୍ଟିଆ ବନ୍ଦର ଆଂଶିକ ପ୍ରଭାବ



ଭଦ୍ରକ/ବଲାଙ୍ଗୀର/ଝାରସୁଗୁଡ଼ା/ଢେଙ୍କାନାଳ/ଭୁବନେଶ୍ୱର, ୨୮।୧ (ସବ୍ୟୁ): ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ଦଣ୍ଡ ଆଦାୟ, ବିଦ୍ୟୁତ ବିତରଣ କମ୍ପାନିର ମନମାନି ବିରୋଧରେ ନବନିର୍ମାଣ କୃଷକ ସଂଗଠନ ଆଜି ଓଡ଼ିଶା ବନ୍ଦ ଡାକରା ଦେଇଛି । ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିଥିଲା । ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ, ବାମ ଦଳ ଓ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି । ବିଜେଡି ଏହାକୁ ସ୍ୱାଗତ କରିଥିଲେ ହେଁ ବିଧିବଦ୍ଧ ସମର୍ଥନ ଦେଇନାହିଁ । ଓଡିଶା ବନ୍ଦର ପ୍ରଭାବ ରାଜ୍ୟର କିଛି ଜିଲ୍ଲାରେ ଦେଖିବାକୁ ମିଳିଛି ।

### କିଛି ଜିଲ୍ଲାରେ ସକାଳୁ ବନ୍ଦ, ମଧ୍ୟାହ୍ଣରେ ଖୋଲିଲା

କଟକ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜୟପୁର ଓ ବଲାଙ୍ଗୀରରରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । କେଉଁଠି ଟାୟାର ଜାଳି ରାସ୍ତା ଅବରୋଧ ତ ଆଉ କେଉଁଠି ପିକେଟିଂ କରି ଗାଡ଼ିମୋଟର ଅଟକାଉଛନ୍ତି ଆନ୍ଦୋଳନକାରୀ । ଓଡ଼ିଶା ବନ୍ଦ ପାଳନରୁ ସମସ୍ତ ଅତ୍ୟାବଶ୍ୟକ ସେବାକୁ ବାଦ୍ (୯ ପୃଷ୍ଠାରେ)

## ଏଣ୍ଟରପ୍ରାଇଜେସ୍ ଓଡ଼ିଶାର ରୌପ୍ୟଜୟନ୍ତୀ ସଂସ୍କରଣକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୫୨ ହଜାର ୨୬ କୋଟି ନିବେଶ, ୨୦୪୨୭ ନିଯୁକ୍ତି ସୁଯୋଗ




ଭୁବନେଶ୍ୱର, ୨୮।୧ (ସବ୍ୟୁ) : ଓଡ଼ିଶା ବିକାଶର ପ୍ରମୁଖ ଇଞ୍ଜିନ ଭାବେ ଏବେ ପଶ୍ଚିମଓଡ଼ିଶା ପରବର୍ତ୍ତୀ ନୂତନ କ୍ଷେତ୍ର ହେବାକୁ ଯାଉଛି । ଏମ୍ଏସ୍ଏମ୍ଇ କ୍ଷେତ୍ରରେ ସର୍ବାଧିକ ଫୋକସ ଦିଆଯାଇ ନିଯୁକ୍ତି ସୁଯୋଗ ଘର ପାଖରେ ସୃଷ୍ଟି କରାଯାଉଛି । ଆମେ ସର୍ବୋତ୍ତମ କାର୍ଯ୍ୟ କରିବାକୁ ଚେଷ୍ଟା କରୁଛୁ ବୋଲି ରାଉରକେଲାରେ ଏଣ୍ଟରପ୍ରାଇଜେସ୍ ଏଡିସନର ରୌପ୍ୟଜୟନ୍ତୀକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ୨୨ଟି ନିବେଶ ଲାଗି ୫୨ ହଜାର ୨୬ କୋଟିର ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ଓ ଏହାଦ୍ୱାରା ୨୦ ହଜାର ୪୨୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୮୦୦ କୋଟିର ୨୨ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି, ଯାହା ୬୮୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଣ୍ଟରପ୍ରାଇଜେସ୍ ଓଡ଼ିଶାର ଏହି ରୌପ୍ୟଜୟନ୍ତୀ ସଂସ୍କରଣରେ ନୂଆ ଚିନ୍ତାଧାରା ପ୍ରତିଫଳିତ ହୋଇଛି । ପ୍ରତି କ୍ଷେତ୍ରରେ ଭଲ କରିବା ପାଇଁ ଆମର

### ରାଉରକେଲାକୁ ୮୮୦୦ କୋଟିର ପ୍ରକଳ୍ପ ଭେଟି

ଆକାଂକ୍ଷା ବଢ଼ିଛି । ଆମେ ଆଶ୍ୱସ୍ତ ଯେ ଆଗକୁ ବଢ଼ିବୁ । ଓଡ଼ିଶା ହେଉଛି ସବୁଠୁ ଶ୍ରେଷ୍ଠ ସ୍ଥାନ ଯେଉଁଠି ରହିବା, କାର୍ଯ୍ୟ କରିବା ଓ ବ୍ୟବସାୟ (୯ ପୃଷ୍ଠାରେ)

## ରାଜ୍ୟସଭା ନିର୍ବାଚନ ରାଜନୀତି

# ନବୀନଙ୍କୁ ଭେଟିବାକୁ ସମୟ ମାଗିଲେ ଭକ୍ତ



ଭୁବନେଶ୍ୱର, ୨୮।୧ (ସବ୍ୟୁ) : ରାଜ୍ୟସଭା ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଏନେଇ ରାଜନୈତିକ କଳ୍ପନା ଜଳ୍ପନା ବୃଦ୍ଧି ପାଇବାରେ ଲାଗିଛି । ମାର୍ଚ୍ଚରେ ରାଜ୍ୟସଭା ଲାଗି ନିର୍ବାଚନ ହେବ । ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଏକ ମନ୍ତବ୍ୟ ରଜନୈତିକ ପାଣିପାଗକୁ ଉଷ୍ମ କରିଛି । ଭକ୍ତ କହିଛନ୍ତି ଯେ ଚତୁର୍ଥ ଆସନ ଲାଗି ସେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବେ । ଏନେଇ ତାଙ୍କ ସହ ଆଲୋଚନା କରିବାକୁ ଫେବୃଆରୀ ପ୍ରଥମ ସପ୍ତାହରେ ସମୟ ମାଗିଛି ।

ଖାଲି ହେଉଥିବା ୪ ରାଜ୍ୟସଭା ଆସନ ଲାଗି ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ବିଜେପିରୁ ୨ ଓ ବିଜେଡିରୁ ଜଣେ ଯିବା ନିଶ୍ଚିତ । ତେବେ ଚତୁର୍ଥ ଆସନ ଲାଗି ରହିଛି ସନ୍ଦେହ । ରାଜ୍ୟସଭା ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ପ୍ରଥମ ପସନ୍ଦର ୩୦ଟି ଭୋଟ୍ ଆବଶ୍ୟକ । ବିଜେପିର ୩ ସହଯୋଗୀ ବିଧାୟକଙ୍କ ସମେତ ମୋଟ୍ ବିଧାୟକଙ୍କ ସଂଖ୍ୟା ୮୨ ରହିଛି । ଦୁଇ ପ୍ରାର୍ଥୀଙ୍କୁ ସେମାନେ ଅନାୟସରେ ରାଜ୍ୟସଭାକୁ ପଠାଇ ଦେଇପାରିବେ । ସେହିଭଳି ବିଜେଡିର ବିଧାୟକଙ୍କ ସଂଖ୍ୟା ୪୮ ଅଛି । ଏମାନେ ମଧ ଜଣେ ପ୍ରାର୍ଥୀଙ୍କୁ ଆରାମରେ ଜିତାଇ ପାରିବେ । ତେବେ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୪ ଓ ସିପିଏମ୍‌ର ୧ ବିଧାୟକ ଅଛନ୍ତି । ଏହି ୧୫ ବିଧାୟକଙ୍କ ଉପରେ ମଧ ଚତୁର୍ଥ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇପାରେ ବୋଲି କୁହାଯାଉଛି । ବିଜେଡି ତା'ର ପ୍ରଥମ ପସନ୍ଦ ୩୦ଟି ଭୋଟ୍ ଦେବାପରେ ଅବଶିଷ୍ଟ ୧୮ ଭୋଟ୍ ବଳକା ରହୁଛି । ଯଦି କଂଗ୍ରେସ ଓ ବିଜେଡି ହାତ ମିଳାନ୍ତି ତେବେ ଚତୁର୍ଥ ପ୍ରାର୍ଥୀ (୯ ପୃଷ୍ଠାରେ)

## ବୋମା ବିସ୍ଫୋରଣ ଘଟଣାର ଏନ୍‌ଆଇଏ ତଦନ୍ତ

ଭୁବନେଶ୍ୱର, ୨୮।୧ (ସବ୍ୟୁ) : ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦନଗର ବୋମା ବିସ୍ଫୋରଣ ମାମଲାରେ ତଦନ୍ତ ଆରମ୍ଭ କରିଛି ଏନ୍‌ଆଇଏ । ଏନ୍‌ଆଇଏର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିବା ପରେ ଘଟଣା ସମ୍ପର୍କରେ କମିଶନରେଟ୍ ପୋଲିସ ସହ ଆଲୋଚନା କରିଛି । କମିଶନରେଟ୍ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବୋମା ବିସ୍ଫୋରଣକୁ ନେଇ ତଦନ୍ତ କରୁଥିବା ବେଳେ ଏନ୍‌ଆଇଏ ମଧ ନିଆରା ଭାବେ ତଦନ୍ତକୁ ତ୍ୱରାନ୍ୱିତ କରିଛି ।

ବଡଧରଣର ଯୋଜନା ପ୍ରସ୍ତୁତ କରିଥିଲା ଦୁର୍ଦ୍ଦାନ୍ତ ଅପରାଧୀ ଶେହେନାଜ ମଲ୍ଲିକ । ତାରିଖ ସ୍ଥିର (୯ ପୃଷ୍ଠାରେ)

# ବିଏମ୍‌ସି ଅଞ୍ଚଳରେ ଗୁଟ୍‌ଖା ବିକ୍ରି ସମ୍ପୂର୍ଣ୍ଣ ନିଷେଧ


ଭୁବନେଶ୍ୱର, ୨୮।୧ (ସବ୍ୟୁ): ରାଜ୍ୟରେ ଗୁଟଖା ବିକ୍ରିର ଉପରେ ସରକାର ରୋକ ଲଗାଇଥିବା ବେଳେ ଏବେ ବି ଖୁଲମ ଖୁଲା ବିଭିନ୍ନ ପାନ ଦୋକାନ, ଓମଫେଡ ବୁଥ୍ ଓ ଭେଣ୍ଡିଂଜୋନରେ ବିକ୍ରି ହେଉଛି ଗୁଟଖା । ବିଏମ୍‌ସି ଅଞ୍ଚଳରେ ଏହି ନିୟମକୁ କେହି ଦୋକାନୀ ମାନୁନାହାନ୍ତି । ବହୁ ସ୍ଥାନରେ ଚଢ଼ା ଦରରେ ବିକ୍ରି ହେଉଛି ଗୁଟଖା । ବିଏମସି ଅଞ୍ଚଳରେ ଗୁଟଖା ବିକ୍ରି ସମ୍ପୂର୍ଣ୍ଣ ନିଷେଧ ହେବ । ଏହାସହ ଏନଫୋର୍ସମେଣ୍ଟକୁ ଜୋରଦାର କରାଯିବ ବୋଲି ବିଏମସି ବୈଠକରେ ନିଷ୍ପତ୍ତି ହୋଇଛି ।

ବିଏମ୍‌ସି ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷେଧ ହେବ ଗୁଟଖା ବିକ୍ରି । ଭେଣ୍ଡିଂ ଜୋନ୍ ଓ ଓମ୍ଫେଡ୍ ବୁଥ୍‌ରେ ଗୁଟଖା ବିକ୍ରି କଲେ, ସେମାନଙ୍କର ଲାଇସେନ୍ସ ବାତିଲ କରାଯିବ । ଅନ୍ୟ ସବୁ ଅଞ୍ଚଳରେ ଗୁଟଖା ବିକ୍ରିକୁ ନିଷେଧ କରାଯିବ ସହ ଗୁଟଖା ଏନଫୋର୍ସମେଣ୍ଟକୁ ଜୋରଦାର

### ଜୋରଦାର ହେବ ଗୁଟ୍‌ଖା ଏନଫୋର୍ସମେଣ୍ଟ

### ଭେଣ୍ଡିଂଜୋନ୍, ଓମଫେଡ୍ ବୁଥରେ ଗୁଟ୍‌ଖା ବିକ୍ରି କଲେ ବାତିଲ ହେବ ଲାଇସେନ୍ସ

କରାଯିବ । ସରକାର କରିଥିବା ଗୁଟଖା ନିଷେଧ ଆଇନକୁ କଡାକଡି ଭାବେ ବିଏମ୍‌ସି କାର୍ଯ୍ୟକାରୀ କରିବାକୁ ଆଜିର ସାଧାରଣ ପରିଷଦ (୯ ପୃଷ୍ଠାରେ)



## ଆଜି ଜନ୍ମଦିନ
# ମଧୁସୂଦନ ରାଓ

ଭକ୍ତକବି ମଧୁସୂଦନ ରାଓ ଓଡ଼ିଆ ସାହିତ୍ୟ ସହ ଆଧୁନିକ ଓଡ଼ିଆ ଶିକ୍ଷାର ମୁଖ୍ୟ ପୁରୋଧା । ସେ ୧୮୫୩ ମସିହା ଜାନୁଆରୀ ୨୯ ତାରିଖରେ ପୁରୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଭାଗୀରଥୀ ରାଓ ଓ ମାତାଙ୍କ ନାମ ଅମ୍ବିକା ବାଈ ଥିଲା । ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ ଏବଂ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଆଜୀବନ ପ୍ରୟାସ କରିଥିଲେ । ସେ ସମୟର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନରେ ତାଙ୍କର ଅବଦାନ ଅତୁଳନୀୟ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ମଧୁସୂଦନ ରାଓ ଅନେକ କାଳଜୟୀ କୃତି ରଚନା କରିଛନ୍ତି । ବିଶେଷ କରି ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର 'ବର୍ଣ୍ଣବୋଧ' ପୁସ୍ତକଟି ଆଜି ମଧ ଓଡ଼ିଶାର ପ୍ରତିଟି ଶିଶୁର ପ୍ରଥମ ପାଠ୍ୟ ପୁସ୍ତକ ହୋଇ ରହିଛି । ଏହା ବ୍ୟତୀତ 'ଛାନ୍ଦମାଳା', 'କବିତାବଳୀ', 'ବସନ୍ତ ଗାଥା' ଏବଂ 'କୁସୁମାଞ୍ଜଳି' ଭଳି କାବ୍ୟ ଗ୍ରନ୍ଥରେ ତାଙ୍କର ଭକ୍ତିପୂତ ଓ ଆଧ୍ୟାତ୍ମିକ ଚିନ୍ତାଧାରାର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ । ତାଙ୍କର ଉଚ୍ଚକୋଟୀର ଭକ୍ତି କବିତା ପାଇଁ ତାଙ୍କୁ 'ଭକ୍ତକବି' ଉପାଧିରେ ଭୂଷିତ କରାଯାଇଛି । ବ୍ରାହ୍ମଧର୍ମ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ଚେଷ୍ଟା କରିଥିଲେ । ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ଏହି ମହାନ୍ ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା । ତାଙ୍କର ନୈତିକତା ଏବଂ ଜ୍ଞାନର ଆଲୋକ ଓଡ଼ିଶାର ଜନମାନସରେ ଆଜି ମଧ ଜୀବନ୍ତ ହୋଇ ରହିଛି ।

## ସୋସିଆଲ କୋଟ୍ସ



କୌନ୍ ବନେଗା କରୋଡପତି ସେଟ୍‌ରେ ମୁଁ ସକାଳ ୯ଟାରୁ ୫ଟା ଯାଏଁ କାମ କରିଛି । ଏପରିକି ଗାଡିରେ ଲଞ୍ଚ ମଧ କରିଛି । ଅଭିନୟ ମୋ ପାଇଁ ସବୁକିଛି । ସବୁବେଳେ କାମକୁ ନେଇ ଆଡଜଷ୍ଟ କରିଥାଏ ।

**ଅମିତାଭ ବଚ୍ଚନ, ଅଭିନେତା**



ମୋତେ ଅଭିନୟ ପାଇଁ ପିଲାଦିନରୁ ଆଗ୍ରହ ଥିଲା । ମୋତେ ପିଲାଦିନେ ଗପ କହିବାକୁ ଖୁବ ଭଲ ଲାଗିଥାଏ । ସେଥିରୁ ଅଭିନୟ ପାଇଁ ଭଲ ପାଇବା ଆରମ୍ଭ ହୋଇଥିଲା ।

**ଆୟୁଷ ଶର୍ମା, ଅଭିନେତା**



ମୁଁ ଏବେ ବହୁତ ୟଙ୍ଗ ଅଛି ହେଲେ ମଧ ମୋତେ ଭଉଣୀ କ୍ୟାରେକ୍ଟର ଅଫର ହେଉଛି । ସିମ୍ବା ଫିଲ୍ମରେ ଭଉଣୀ ଚରିତ୍ରରେ ଅଭିନୟ କରିବା ପରେ କେବଳ ଏଭଳି ଚରିତ୍ର ହିଁ ଅଫର ହେଉଛି ।

**ଉଲକା ଗୁପ୍ତା, ଅଭିନେତ୍ରୀ**

# ଭାରତୀୟ ଖବରକାଗଜ ଦିବସ



ଆମ ଜୀବନରେ ଖବର କାଗଜର ଗୁରୁତ୍ୱ ଖୁବ ଅଧିକ ରହିଥାଏ । କିଛି ତଥ୍ୟ ପାଇଁ ହେଉ କିମ୍ବା ଦେଶ ଦୁନିଆ ବିଷୟରେ ଖବର ଜାଣିବା ପାଇଁ ହେଉ ସମସ୍ତେ ନିର୍ଭର କରନ୍ତି ଖବର କାଗଜ ଉପରେ । ତେବେ ଖବର କାଗଜ ବିଷୟରେ ସଚେତନତାର ପ୍ରଚାର ପ୍ରସାର କରିବା ପାଇଁ ପ୍ରତିବର୍ଷ ୨୯ ଜାନୁଆରୀରେ ପାଳନ ହୋଇଥାଏ ଭାରତୀୟ ଖବର କାଗଜ ଦିବସ । ପ୍ରଥମଥର ପାଇଁ ୧୭୮୦ରେ ଜାନୁଆରୀ ୨୯ରେ ଭାରତରେ ଖବର କାଗଜ ପ୍ରସାରଣ ହୋଇଥିଲା । ଏହାର ବହୁବର୍ଷ ପରେ ଓଡ଼ିଶାରେ ୧୮୬୬ରେ ଅଗଷ୍ଟ ୪ରେ ଓଡ଼ିଶାରେ ଉତ୍କଳଦୀପିକା ଖବର କାଗଜ ଛପା ଯାଇଥିଲା । ଏହି ସାପ୍ତାହିକ କାଗଜକୁ ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାଶ ଛାପିବା ଆରମ୍ଭ କରିଥିଲେ । ତେଣୁ ଅଗଷ୍ଟ ୪କୁ ଓଡିଆ ସାମ୍ବାଦିକ ଦିବସ ଭାବେ ମଧ ପାଳନ କରାଯାଇଥାଏ । ତେବେ ଭାରତୀୟ ଖବର କାଗଜ ଦିବସରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କୁ ଖବରକାଗଜ ସମ୍ବନ୍ଧରେ ଜ୍ଞାନ ଦିଆଯାଇଥାଏ ।

# ରେଷ୍ଟୋରାଁ ପାଇଁ ନୂଆ ନିୟମ




ଅନେକ ସମୟରେ ଏଭଳି ଦେଖିବାକୁ ମିଳେ ଗ୍ରାହକମାନେ ଘଣ୍ଟାଘଣ୍ଟା ଧରି ରେଷ୍ଟୋରାଁରେ ବସି ରହିଥାଆନ୍ତି । ହେଲେ ବେଙ୍ଗାଲୁରୁରେ ଆଉ ଏଭଳି କରିହେବ ନାହିଁ । ବର୍ତ୍ତମାନ ବେଙ୍ଗାଲୁରୁରେ ଆଉ କେହି ବି ରେଷ୍ଟୋରାଁ କିମ୍ବା କଫି ସପରେ ଘଣ୍ଟା ଘଣ୍ଟା ଧରି ବସିପାରିବେ ନାହିଁ । ଏହି ସମସ୍ୟାକୁ ଏଡାଇବା ପାଇଁ ଏକ ନୂଆ ନିୟମର ଆବିଷ୍କାର କରାଯାଇଛି । ଏହି ରେଷ୍ଟୋରାଁରେ ଏକ ଘଣ୍ଟାରୁ ଅଧିକ ସମୟ ବସିବାକୁ ହେଲେ ଏକ ହଜାର ଟଙ୍କା ଫାଇନ ଦେବାକୁ ହେବ । ଏନେଇ ରେଷ୍ଟୋରାଁ ପକ୍ଷରୁ ଏକ ନୋଟିସ ଜାରି କରାଯାଇ ରେଷ୍ଟୋରାଁ ବାହାରେ ରଖା ଯାଇଛି । ରେଷ୍ଟୋରାଁ ସୂଚନା ଅନୁସାରେ ପୂର୍ବରୁ ଖାଇବାକୁ ଆସୁଥିବା ଗ୍ରାହକମାନେ ଅଧିକ ସମୟ ବସିରହିବାରୁ ରେଷ୍ଟୋରାଁକୁ ଆସୁଥିବା ନୂଆ ଗ୍ରାହକଙ୍କ ପାଇଁ ସିଟ ମିଳିବାରେ ସମସ୍ୟା ହେଉଛି । ତେଣୁ ସେମାନେ ବାଧ୍ୟ ହୋଇ ଏଭଳି ନିୟମ ବାହାର କରିଛନ୍ତି ।

# ସଙ୍ଗୀତ ଜାରି ରହିବ

ସୋସିଆଲ ମିଡିଆରେ ୨୭ ତାରିଖରୁ ଏକ ପୋଷ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ପୋଷ୍ଟଟି ବଲିଉଡର ପରିଚିତ ସିଙ୍ଗର ଅରିଜିତ ସିଂଙ୍କ ଆକାଉଣ୍ଟରୁ କରାଯାଇଛି । ଯେଉଁଥିରେ ସେ ପ୍ଲେ ବ୍ୟାକ୍ ସିଂରୁ ଅବସର ନେଉଥିବା ଘୋଷଣା କରିଛନ୍ତି, ଯାହାପରେ ତାଙ୍କ ଫ୍ୟାନ ଖୁବ ନିରାଶ ହୋଇଛନ୍ତି । ନିଜ ପ୍ରିୟ ସିଙ୍ଗରଙ୍କର ଏହି ଅବସରକୁ ସେମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ନିଜର ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରିବା ପାଇଁ ଫ୍ୟାନମାନେ ତାଙ୍କୁ ସୋସିଆଲ ମିଡିଆରେ ଅନୁରୋଧ କରିବାରେ ଲାଗିଛନ୍ତି । ତେବେ ଅରିଜିତ କେବଳ ପ୍ଲେ ବ୍ୟାକ୍ ସିଙ୍ଗିରୁ ଅବସର ନେଇଛନ୍ତି ନା କି ସଙ୍ଗୀତରୁ । ଆଗକୁ ସେ ସଙ୍ଗୀତ ଶିଖିବା ସହିତ ନିଜର କାମ ଜାରି ରଖିବେ ବୋଲି ମଧ ସ୍ପଷ୍ଟ କରିଛନ୍ତି ଅରିଜିତ । ତେବେ ସୋସିଆଲ ମିଡିଆରେ ହେଉଥିବା ଆଲୋଚନା ଅନୁସାରେ ଅରିଜିତଙ୍କୁ ଆଗକୁ ଅନ୍ତର୍ଜାତୀୟ ସ୍ତରର ପ୍ରୋଜେକ୍ଟରେ କାମ କରୁଥିବାର ଦେଖିବାକୁ ମିଳିବ । ୨୦୦୫ରେ ଅରିଜିତ ରିଆଲିଟି ଶୋ ଫେମ୍ ଗୁରୁକୁଳରେ ଭାଗନେଇ ନିଜର ସଙ୍ଗୀତର ଯାତ୍ରା ଆମ୍ଭ କରିଥିଲେ । ଏହି ଶୋର ବିଜେତା ସେ ହୋଇନଥିଲେ ମଧ ତାଙ୍କର ଅନନ୍ୟର ପ୍ରତିଭାର ଚିହ୍ନଟ ଏହି ମଞ୍ଚରେ ହିଁ ହୋଇଥିଲା । ଏହାପରେ ସେ ନିଜର ମ୍ୟୁଜିକ ପ୍ରୋଗ୍ରାମର ଓ ବ୍ୟାକ୍ଗ୍ରାଉଣ୍ଡ ସିଙ୍ଗରର କାମ ଆରମ୍ଭ କରିଥିଲେ । ଏହା ତାଙ୍କ କ୍ୟାରିୟରକୁ ଏକ ନୂଆ ଦିଗ ଦେଇଥିଲା । ଏହି ସମୟରେ ସେ ଅନେକ ଚର୍ଚ୍ଚାରେ ରହିଥିଲେ । ତେବେ ୨୦୧୩ ଥିଲା ଅରିଜିତଙ୍କ ପାଇଁ ଏକ ଲକି ବର୍ଷ । ସେ ଏହି ବର୍ଷ ଆଶିକି ଫିଲ୍ମର ତୁମ୍ ହି ହୋ ଗୀତ ଗାଇଥିଲେ, ଯାହା ସୁପର ହିଟ ହୋଇଥିଲା । ଅରିଜିତଙ୍କ କଣ୍ଠକୁ ଦର୍ଶକ ଖୁବ ଅଧିକ ଭଲପାଇବା ଦେଇଥିଲେ ଏବଂ ରାତାରାତି ଅରିଜିତ ସୁପରଷ୍ଟାର ପାଲଟି ଯାଇଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ ହିଟ ଗୀତ ଦେଇ ଦର୍ଶକଙ୍କ ହୃଦୟ ଜିତିଥିଲେ ଅରିଜିତ । ତାଙ୍କ ତାଲିକାରେ ଚାହୁଁ ମେ ୟା ନା, ରବ୍ତା, ଅଗର ତୁମ ସାଥ ହୋ, ଗେରୁଆ, ଏ ଦିଲ ହେ ମୁସକିଲ ଭଳି ଅନେକ ହିଟ ଗୀତ ସାମିଲ ରହିଛି । ୨୦୧୪ ରୁ ୧୯କୁ ଅରିଜିତଙ୍କ କ୍ୟାରିୟରର ସ୍ୱର୍ଣ୍ଣିମ ଫେଜ ବୋଲି ଧରାଯାଇଥାଏ । କେବଳ ହିନ୍ଦୀ ନୁହେଁ ଅରିଜିତ ବଙ୍ଗଳୀ, ତାମିଲ, ତେଲୁଗୁ, ମରାଠୀ ଓ କନ୍ନଡ ଭାଷାରେ ମଧ ଗୀତ ଗାଇଛନ୍ତି ଅରିଜିତ । କେବଳ ନିଜ ଗୀତ ନୁହେଁ ସିମ୍ପଲ ଲିଭିଂ ପାଇଁ ମଧ ବେଶ୍ ଚର୍ଚ୍ଚିତ ରହିଥାଆନ୍ତି ଅରିଜିତ । ଫ୍ୟାନଙ୍କ ପାଇଁ ବ୍ୟବହାର କିମ୍ବା ଜଣେ ସାଧାସିଧା ମଣିଷ ଭଳି ରହିବା ସବୁଥିରେ ସେ ଦର୍ଶକଙ୍କ ହୃଦୟ ଜିତିଥିଲେ । ତେବେ ଆଗକୁ ପ୍ଲେ ବ୍ୟାକ ସିଙ୍ଗ ନହେଲେ ବି ଅରିଜିତଙ୍କ କାମ ଦେଖିବାକୁ ଆଶା ରଖିଛନ୍ତି ଫ୍ୟାନମାନେ ।



## ହାଃହାଃ



ସ୍ତ୍ରୀ: ଆଜି କାହିଁକି ଏମିତି ଚୁପ୍‌ଚାପ୍ ବସିଛ?
ସ୍ୱାମୀ: ନା, ଏମିତି କିଛି ନାହିଁ ।
ସ୍ତ୍ରୀ: କୁହନା, ତୁମ ମନରେ କିଛି ଦୁଃଖ ଅଛି କି? କାଲି ତୁମେ ସ୍ୱପ୍ନରେ ମୋ ନାଁ ଧରି ଡାକୁଥିଲ ।
ସ୍ୱାମୀ: ସତରେ? ଆରେ ସେଥିପାଇଁ ତ ମୋ ସ୍ୱପ୍ନରେ ମୋର ଗୋଟେ ବଡ଼ ଦୁର୍ଘଟଣା ଘଟିଯାଇଥିଲା!

## ଓଡ଼ିଆ ରୁଚି
# ମେଥି ମାଂସ

**ସାମଗ୍ରୀ-** ବୋନ୍ ଲେସ୍ ମଟନ୍, ମେଥି ପତ୍ର, ସୋରିଷ ତେଲ, ଅଦା, ହଳଦୀ, ପାନମଧୁରୀ, ହେଙ୍ଗୁ ପାଣି, ଲବଙ୍ଗ, ଗୋଟା ଗରମ ମସଲା, ଖୀର ।

**ପ୍ରଣାଳୀ-** ମେଥି ପତ୍ରକୁ ପ୍ରଥମେ କାଟି ସିଝାଇ ନିଅନ୍ତୁ । ପ୍ରଥମେ ମାଂସକୁ ପାଣି ଦେଇ ସିଝାଇ ନିଅନ୍ତୁ । ଏହି ଅଧା ସିଝା ମାଂସକୁ ଅଲଗା ରଖି ପାଣିକୁ ଗୋଟିଏ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଗୋଟିଏ ପ୍ୟାନ୍‌ରେ ଏହି ମାଂସ ସିଝା ପାଣି, ପାନ ମଧୁରୀ ଗୁଣ୍ଡ, ଲବଙ୍ଗ, ଗୋଟା ଗରମ ମସଲା, ହଳଦୀ,ଖୀର ମିଶାଇ ଫୁଟାନ୍ତୁ । ଆଉ ଏକ ପ୍ୟାନରେ ତେଲ ପକାଇ ସେଥିରେ ହେଙ୍ଗୁ ଓ ଅଳ୍ପ ଲୁଣ ପକାନ୍ତୁ । ଏଥିରେ ସିଝା ମାଂସ ଖଣ୍ଡ ଓ ସିଝା ମେଥି ପତ୍ରକୁ ପକାଇ ଭାଜନ୍ତୁ । ଏହାପରେ ଏଥିରେ ସେହି ମାଂସର ସିଝା ପାଣିକୁ ମିଶାନ୍ତୁ ଓ ଅଳ୍ପ ସମୟ ପାଇଁ ଫୁଟାନ୍ତୁ । ଶେଷରେ ଏଥିରେ ପାନ ମଧୁରୀ ଗୁଣ୍ଡ ପକାଇ ପରଷନ୍ତୁ ମେଥି ମାଂସ ।



## ଇତିହାସ

୧୭୮୦- ଦେଶର ପ୍ରଥମ ଖବରକାଗଜ କୋଲକାତା ଜେନେରାଲ୍ ଆଡ଼ଭାଇଜର୍‌ର କୋଲକାତାରେ ପ୍ରକାଶନ ଆରମ୍ଭ ।
୧୯୧୬- ପ୍ରଥମ ବିଶ୍ୱଯୁଦ୍ଧରେ ଫ୍ରାନ୍ସ ଉପରେ ଜର୍ମାନୀର ପ୍ରଥମ ଆକ୍ରମଣ ।
୧୯୪୯- ଇସ୍ରାଏଲ୍‌କୁ ବ୍ରିଟେନ୍ ତରଫରୁ ମାନ୍ୟତା ମିଳିଲା ।
୧୯୫୩- ସଙ୍ଗୀତ ନାଟକ ଏକାଡ଼େମୀର ସ୍ଥାପନା କରାଗଲା ।
୧୯୭୯- ଭାରତର ପ୍ରଥମ ଓ ଦୁଇଟି ଇଞ୍ଜିନବିଶିଷ୍ଟ ଜମ୍ବୋ ଟ୍ରେନ୍ ତାମିଲନାଡୁ ଏକ୍ସପ୍ରେସ୍‌କୁ ନୂଆଦିଲ୍ଲୀରୁ ସବୁଜ ପତାକା ଦେଖାଇ ଚେନ୍ନାଇ ପଠାଗଲା ।
୧୯୮୯- ଲେବାନନ୍ ସଂଘର୍ଷକୁ ରୋକିବା ଲାଗି ସିରିଆ ଓ ଇରାନ୍ ମଧ୍ୟରେ ଚୁକ୍ତି ।
୧୯୯୩- ଟେଷ୍ଟମ୍ୟାଚ୍‌ରେ କ୍ରିକେଟର ବିନୋଦ କାମ୍ବଲିଙ୍କ ପଦାର୍ପଣ ।
୧୯୯୪- ଏୟାର କର୍ପୋରେସନ୍ ଆକଟ ୧୯୫୩କୁ ଭାରତ ସରକାର ରଦ୍ଦ କଲେ ।
୨୦୦୩- ହିମାଚଳ ବିଧାନସଭାକୁ ଭଙ୍ଗ କରାଗଲା ।
୨୦୦୬- ଭାରତୀୟ କ୍ରିକେଟର ଇରଫାନ ପଠାନ ପ୍ରଥମ ବ୍ୟାଟ୍ସମ୍ୟାନ୍ ରୂପେ ଟେଷ୍ଟମ୍ୟାଚ୍‌ର ପ୍ରଥମ ଓଭରରେ ହାଟ୍ରିକ୍ କଲେ ।



ଝାଡ଼ଖଣ୍ଡର ଏକ ପାହାଡ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି, ମାନତ୍ୟା ଅନୁସାରେ ଏହି ପାହାଡଟି ଗର୍ଭବତୀଙ୍କର ପୁଅ ହେବ କି ଝିଅ ସେ ବିଷୟରେ ସୂଚନା ଦେଉଛି । ଏହି ପରମ୍ପରା ଏବେ ନୁହେଁ ବରଂ ୪୦୦ ବର୍ଷର । ଏଠାରେ କିଛି ବାଟ ଦୂରରୁ ମହିଳାମାନେ ପାହାଡକୁ ପଥର ଫିଙ୍ଗନ୍ତି । ଏହି ପଥର ଫିଙ୍ଗିବାରୁ ପାହାଡରେ ଚନ୍ଦ୍ର ଭଳି ଡିଜାଇନ ହୋଇଥାଏ । ଯଦି ପଥର ଏହି ଡିଜାଇନର ଭିତରକୁ ଯାଇଥାଏ ତେବେ ପୁଅ ହେବ, ହେଲେ ଯଦି ପଥର ବାହାରେ ରହିଲା ତେବେ ଝିଅ ହେବାର ସଙ୍କେତ ମିଳିଥାଏ । ଏହି ପରମ୍ପରା ନେଇ କୌଣସି ବୈଜ୍ଞାନିକ ଦାବି ନଥିଲେ ମଧ ସେଠିକାର ସ୍ଥାନୀୟ ବାସିନ୍ଦା ଏହାକୁ ଖୁବ ମାନୁଛନ୍ତି । ଗ୍ରାମବାସୀଙ୍କ ଦାବି ଅନୁସାରେ ଏହି ପ୍ରକ୍ରିୟାଟି ସବୁବେଳେ ସତ ହୋଇଥାଏ ।

# ପାହାଡ କହିବ ପୁଅ କି ଝିଅ !



ମେଷ- ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ନାଶ,ବିଦ୍ୟାରେ ସଫଳତା, ଦ୍ରବ୍ୟଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା- ପ୍ରଭୁ ହନୁମାନ ।

ବୃଷ- ଦେବଦର୍ଶନ, ଶରୀର ସୁସ୍ଥ, ବ୍ୟବସାୟରେ ମାନ୍ଦାବସ୍ଥା,ଶତ୍ରୁ ସମସ୍ୟା, ଜମି ଗଣ୍ଡଗୋଳ,ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା- ୬, ଆରାଧନା- ମହାଲକ୍ଷ୍ମୀ ।

ମିଥୁନ- ଶରୀର ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଦୂରଯାତ୍ରାରେ ଲାଭ, ବନ୍ଧୁଗୃହକୁ ଯାତ୍ରା, ଦାମ୍ପତ୍ୟ ସୁଖ, ବିଦ୍ୟାରେ ଅସଫଳ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ଶଙ୍କର ଭଗବାନ ।

କର୍କଟ-ଧନଲାଭ, ବ୍ୟବସାୟରେ ଲାଭ, ସମସ୍ୟା ସମାଧାନ, ଭୂସମ୍ପତ୍ତି ଲାଭ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

ସିଂହ- ସ୍ୱାସ୍ଥ୍ୟ ସମସ୍ୟା, ଦୂରଯାତ୍ରା, ବିବାଦମୁକ୍ତ, ଅର୍ଥ ସମସ୍ୟାର ସମାଧାନ, ଶତ୍ରୁ ପାରଜିତ, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ଭଗବାନ ନୃସିଂହ ।

କନ୍ୟା- କାର୍ଯ୍ୟରେ ଉନ୍ନତି, ଶରୀର ସୁସ୍ଥ, ଭୂସମ୍ପତ୍ତି କ୍ରୟ, ସମ୍ମାନ ଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୪, ଆରାଧନା- ଗଣେଶ ଭଗବାନ ।

ତୁଳା- ମନସ୍ତାପ, ପାଦବ୍ୟଥା, ଆକସ୍ମିକ ଲାଭ, ବ୍ୟବସାୟରେ ଶତ୍ରୁତା, ଲାଭ କମ୍ ଖର୍ଚ୍ଚ ଅଧିକ, ବନ୍ଧୁଗୃହକୁ ଯାତ୍ରା, ଦାମ୍ପତ୍ୟ ସୁଖ, ହସ୍ତା, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୧୧, ଆରାଧନା- ଶଙ୍କର ଭଗବାନ ।

ବିଛା- ଭ୍ରମଣଯୋଗ, ଶୁଭଖବର ପ୍ରାପ୍ତି, ଅର୍ଥ ସମସ୍ୟା, ଶତ୍ରୁରହିବେ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ,ବନ୍ଧୁଗୃହକୁ ଯାତ୍ରା, ଦାମ୍ପତ୍ୟ ସୁଖ, ଶୁଭରଙ୍ଗ-ଖଇରିଆ, ସଂଖ୍ୟା-୭, ଆରାଧନା- ଭଗବନ ବିଷ୍ଣୁ ।

ଧନୁ- ଶତ୍ରୁ ବିଜୟ, ଅର୍ଥ ସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବନ୍ଧୁଗୃହକୁ ଯାତ୍ରା, ଦାମ୍ପତ୍ୟ ସୁଖ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା- ଗୋମାତା ସେବା ।

ମକର- ସମ୍ମାନପ୍ରାପ୍ତି, ଉଚ୍ଚଆଶା ପୂର୍ଣ୍ଣ ଶତ୍ରୁ ପରାଜିତ, ଯାନବାହନେ ସତର୍କ, ବିଦ୍ୟାରେ ସଫଳତା ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା- ମା ଭୈରବଲକ୍ଷ୍ମୀ ।

କୁମ୍ଭ-ଚିନ୍ତା ବୃଦ୍ଧି, ଅର୍ଥ ସମସ୍ୟା, ଶତ୍ରୁ ପରାଜିତ, ବ୍ୟବସାୟରେ ସ୍ୱଳ୍ପଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୩, ଆରାଧନା- ପ୍ରଭୁ ଲିଙ୍ଗରାଜ ।

ମୀନ- କର୍ମକ୍ଷେତ୍ରେ ପ୍ରଶଂସା, ବାଧାଦୂର, କଚେରୀ ମାମଲାର ସମାଧାନ, ଶରୀର ସୁସ୍ଥ, ଦାମ୍ପତ୍ୟ ସୁଖ,ବନ୍ଧୁଗୃହକୁ ଯାତ୍ରା, ଦାମ୍ପତ୍ୟ ସୁଖ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୨, ଆରାଧନା- ମା ଦକ୍ଷିଣକାଳୀ ।

**ମାଘମାସ ଶୁକ୍ଳପକ୍ଷ, ଏକାଦଶୀ**
**୨୯.୧.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

## 'ସମୀକ୍ଷା ପୋର୍ଟାଲ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଆଜି ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗୀତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ । ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି https://samikshya.odisha.gov.in ଲିଙ୍କ୍ ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ । ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ



ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିଶ କରିଛନ୍ତି। ଆଜିର ଏହି ବୈଠକରେ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ବିଶାଲ ଦେବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ.ଏନ ପ୍ରମୁଖ ଉପସ୍ଥିତ ଥିଲେ ।କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହି ଅବସରରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକଙ୍କ ସହିତନ୍ତ ସଦସ୍ୟ ସଚିବ- ଡକ୍ଟର ସତ୍ୟ ପ୍ରିୟ ରଥ, ପଦାଧିକାରୀ ସଦସ୍ୟ-ତଥା-ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏମ୍‌ସିର ୧୦୫୦ କୋଟିର ଚିଠା ବଜେଟ୍

## ନିଜସ୍ୱ ଆୟ ୩୦୦ କୋଟି, ସରକାରୀ ଅନୁଦାନରୁ ମିଳିବ ୭୫୦ କୋଟି

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୮ତମ ସାଧାରଣ ପରିଷଦ ଓ ସ୍ୱତନ୍ତ୍ର ଚିଠା ବଜେଟ୍ ଉପସ୍ଥାପନ ହୋଇଯାଇଛି । ଇଣ୍ଟୋସିଟି ଠାରେ ହେବାକୁ ଥିବା ପଥ ଉତ୍ସବକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ସମସ୍ତ କର୍ପୋରେଟଙ୍କର ସହଯୋଗ ଲୋଡ଼ିଥିଲେ କମିଶନର ଚଞ୍ଚଳ ରାଣା । ଗତ ମାସରେ ହୋଇଥିବା ଦୁଇଟି ପଥ ଉତ୍ସବର ସଫଳତା ପାଇଁ ସେ ସମସ୍ତ କର୍ପୋରେଟର ଓ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ଧନ୍ୟବାଦ ଜଣାଇଥିଲେ । ଖଣ୍ଡଗିରି କୁମ୍ଭମେଳା ମଧ୍ୟ ସୁରୁଖୁରୁରେ ଚାଲିଥିବା ସେ ଅବଗତ କରାଇଥିଲେ । ସେହିପରି ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ ମଧ୍ୟ ସମସ୍ତ କର୍ପୋରେଟରଙ୍କର ସହଯୋଗ ଲୋଡ଼ିଛନ୍ତି । ନିଜ ନିଜ ଓ୍ୱାର୍ଡକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ କର୍ପୋରେଟରମାନେ ଜୋରଦାର ଉଦ୍ୟମ କରନ୍ତୁ । ୧୫ତମ ଫାଇନାନ୍ସ କମିଶନରଙ୍କ ଅର୍ଥ ଆସିବାର ଅଛି । ଗୋଶାଳା, ବିଭିନ୍ନ ମାର୍କେଟ ଆଦିର ନବୀକରଣ ନିମନ୍ତେ ମଧ୍ୟ ସରକାରୀ ଅନୁଦାନ ମିଳିବ । ସେହିପରି ରାସ୍ତା, ଡ୍ରେନ, ଆଦି କାର୍ଯ୍ୟ ପାଇଁ ମଧ୍ୟ ସରକାରୀ ସହାୟତା ମିଳିବ । କେତେକ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବା ବେଳେ ଆଉ କେତେକ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ରହିଛି । ମେୟର ସୁଲୋଚନା ଦାସ ତାଙ୍କ ଅଭିଭାଷଣରେ ବିଏମ୍‌ସିର ଆୟ ବୃଦ୍ଧି କରିବା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ ।



ବିଏମ୍‌ସିର ଆୟ ଯେଉଁ ଅନୁପାତରେ ବୃଦ୍ଧି ପାଇବ, ସେହି ଅନୁପାତରେ ୧୫ ଓ ୧୬ ତମ ଫାଇନାନ୍ସ କମିଶନରଙ୍କ ଅନୁଦାନ ମିଳିବ । ତେଣୁ ବିଏମ୍‌ସିର ଆୟ ବୃଦ୍ଧି କରିବା ନିମନ୍ତେ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି ।

## ବିପୁଳ ପରିମାଣର ମଦ ଜବତ,୨ ଗିରଫ

ବଲାଙ୍ଗୀ , (ସବ୍ୟୁ): ମଙ୍ଗଳବାର ଦିନ ବଲାଙ୍ଗୀ ପୁଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ହରିପୁର ଓ ଗୋଡିମାଳ ଛକରେ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋଡିମାଳ ଗ୍ରାମର ସିପକ ସାହାଣି ଓ ହରିପୁର ଗ୍ରାମର ବିନୋଦ ବେହେରା । ବୁଧବାର ଦିନ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଚଢାଉ ସମୟରେ ଅଭିଯୁକ୍ତ ସିପକ ନିକଟରୁ ୧୭୫ ବୋତଲ ଓ ବିନୋଦ ନିକଟରୁ ୧୬୯ ବୋତଲ ମଦ ଜବତ କରାଯିବା ପରେ ଥାନାରେ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି ।

## ନାମାଙ୍କନପତ୍ର ଦାଖଲ ବେଳକୁ ବ୍ୟକ୍ତିଙ୍କର

# ଦୁଇରୁ ଅଧିକ ପିଲା ଥିଲେ ସରପଞ୍ଚ ପାଇଁ ଅଯୋଗ୍ୟ: ହାଇକୋର୍ଟ

କଟକ, (ସବ୍ୟୁ): ନାମାଙ୍କନପତ୍ର ଦାଖଲ ବେଳକୁ ଯଦି ଜଣେ ବ୍ୟକ୍ତିଙ୍କର ଦୁଇରୁ ଅଧିକ ପିଲା ଥିବାର ପ୍ରମାଣିତ ହୁଏ ତାହେଲେ ସେ ସରପଞ୍ଚ ପଦରେ ରହିବା ପାଇଁ ଯୋଗ୍ୟ ନୁହଁନ୍ତି । ଏହି ଆଧାରରେ ନିମ୍ନ ଅଦାଲତ ଦେଇଥିବା ଆଦେଶକୁ ହାଇକୋର୍ଟ କାଏମ୍ ରଖୁଛନ୍ତି । ବୌଦ୍ଧ ବ୍ଲକ୍ ବଢ଼ିଗାଁ ପଞ୍ଚାୟତର ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ରାୟ ଦେଇଛନ୍ତି। ସିଦ୍ଧେଶ୍ୱର ପ୍ରଧାନ ସରପଞ୍ଚ ଭାବେ ନିର୍ବାଚିତ ହେବାପରେ ଏହାକୁ ଚାଲେଞ୍ଜ କରି ପ୍ରଫୁଲ୍ଲ କୁମାର ପାଢ଼ୀ ନିମ୍ନ ଅଦାଲତରେ ମାମଲା ରୁଜୁ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ, ସିଦ୍ଧେଶ୍ୱର ପ୍ରଧାନଙ୍କର ଦୁଇରୁ ଅଧିକ ପିଲା ଅଛନ୍ତି । କିନ୍ତୁ ସେ ଏହି ତଥ୍ୟକୁ ଲୁଚାଇ ସରପଞ୍ଚ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଯେତେବେଳେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ ସେତେବେଳେକୁ ତାଙ୍କର ଦୁଇରୁ ଅଧିକ ପିଲା ଥିଲେ । ଏହି ଅଭିଯୋଗକୁ ଗ୍ରହଣ କରି ନିମ୍ନ ଅଦାଲତ ସରପଞ୍ଚ ପଦକୁ ରଦ୍ଦ କରି ଦେଇଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରୀ ବୌଦ୍ଧ ଜିଲ୍ଲଜଜ୍‌ରେ ମାମଲା ରୁଜୁ କରିଥିଲେ । ବୌଦ୍ଧ ଜିଲ୍ଲାଜଜ୍ ମଧ୍ୟ ନିମ୍ନ ଅଦାଲତଙ୍କ ଆଦେଶକୁ କାଏମ୍ ରଖୁଥିଲେ। ଏହି ଆଦେଶ ବିରୋଧରେ ସିଦ୍ଧେଶ୍ୱର ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରି ଦର୍ଶାଇଛନ୍ତି ଯେ, ଆବେଦନକାରୀ ସିଦ୍ଧେଶ୍ୱର ପ୍ରଧାନ ଦୁଇ ସନ୍ତାନ ନିୟମ ପାଇଁ ଯେଉଁ କଟ୍ ଅଫ୍ ଡେଟ୍ ରହିଛି ସେହି ସମୟ ବାଦ୍ ଆଉ ଏକ ସନ୍ତାନ ଜନ୍ମ ହୋଇଥିଲାବେଳେ ସ୍କୁଲ୍ ରେଜିଷ୍ଟ୍ରାରରେ ମଧ୍ୟ ଉକ୍ତ ତାରିଖ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଛି । କିନ୍ତୁ ଏହି ନିର୍ବାଚନୀ ମାମଲା ରୁଜୁ ହେବା ପରେ ଝିଅର ଜନ୍ମ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି । ଯାହାକି ଗ୍ରହଣୀୟ ନୁହେଁ । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ବିହାର ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ବ୍ରିଜ ମୋହନ ସିଂହଙ୍କ ଉଦାହରଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ତେଣୁ ଏଠାରେ କଟ୍‌ଅଫ୍ ଡେଟ୍ ବାଦ୍ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସିଦ୍ଧେଶ୍ୱର ପ୍ରଧାନଙ୍କର ଏକ ସନ୍ତାନ ଜନ୍ମ ହୋଇଥିବାରୁ ସେ ଏହି ପଦରେ ରହିବା ପାଇଁ ଯୋଗ୍ୟ ନୁହଁନ୍ତି ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ମାମଲା ପରିଚାଳନା କରୁଥିଲେ।

## ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟର ଭୂମିକା ସମ୍ପର୍କିତ ଦିନିକିଆ କର୍ମଶାଳା

ଖୋର୍ଦ୍ଧା, (ସବ୍ୟୁ) : ସ୍ଥାନୀୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ ଓ ପ୍ଲାନ ଇଣ୍ଡିଆ ତରଫରୁ କିଶୋର ନ୍ୟାୟ ଆଇନ ବାଲ୍ୟବିବାହ ନିଷେଧ ତଥା ଯୌନ ନିର୍ଯାତନା ରୁ ଶିଶୁ ମାନଙ୍କୁ ସୁରକ୍ଷା ଆଇନରେ ସ୍ୱତନ୍ତ୍ର ଜୁଭେନାଇଲ ପୁଲିସୟୁନିଟ ର ଭୂମିକା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଅଛି। ଏହାକୁ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଓ ଅତିରିକ୍ତ ଏସ୍‌ପି ଯୁଗଳ କୁମାର ମଲ୍ଲିକ ଉଦଘାଟନ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳାର ଆଭିମୁଖ୍ୟ ଉପରେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ଲାନ ଇଣ୍ଡିଆର ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରଦ୍ୟୋତ ରଞ୍ଜନ ରାଉତ ପ୍ଲାନ ଇଣ୍ଡିଆର ଜିଲ୍ଲାରେ ହେଉଥିବା କାମ ଗୁଡିକର ବିବରଣୀ ରଖିଥିଲେ । ଏହି ସଚେତନତା କର୍ମଶାଳା ରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଥାନାର କର୍ମଚାରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ମାନସୀ ପାଢ଼ୀ ପୂର୍ବତନ ଶିଶୁ ମଙ୍ଗଳ ସମିତିର ସଭ୍ୟା ଓ ଜିଲା ଆଇନ ସେବା ପ୍ରାଧିକରଣରୁ ନବୀନ ମହାପାତ୍ର ତାଲିମଦାତା ଭାବରେ ଯୋଗ ଦେଇ ଉପରୋକ୍ତ ବିଷୟରେ ଯୋଗ ଦେଇଥୁବା ଅଧିକାରୀମାନଙ୍କୁ ସଚେତନ କରାଇବା ସହ ଭିକଟିମି କମ୍ପେନସସନ ଯୋଜନା କିପରି ଭାବରେ ପୀଡିତା ପାଖରେ ପହଂଚି ପାରିବ ତା ଉପରେ କାମ କରିବା ପାଇଁ ପୁଲିସ କର୍ମୀ ମାନଙ୍କୁ ସଚେତନ କରାଇଥିଲେ। ପ୍ଲାନ ଇଣ୍ଡିଆର ଅମିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩ ରେ ପୁରୀ ଆସିବେ ରାଷ୍ଟ୍ରପତି

## ୪ ସକାଳେ ଶ୍ୱେତଗଙ୍ଗାରେ କରିବେ ପିଣ୍ଡଦାନ ଓ ଶ୍ରୀମନ୍ଦିର ଦର୍ଶନ

ପୁରୀ, (ସବ୍ୟୁ) : ଫେବୃଆରୀ ୩ ତାରିଖରେ ପୁରୀ ଗସ୍ତରେ ଆସିବେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ । ୪ ତାରିଖ ସକାଳେ ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କୁ କରିବେ ପିଣ୍ଡଦାନ। ଏଥି ସହ ଶ୍ରୀମନ୍ଦିରରେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ। ମନ୍ଦିର ଭିତରେ ପ୍ରାୟ ୩୦ ମିନିଟ ଧରି ବିଭିନ୍ନ ଦେବା ଦେବୀଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି। ରାଷ୍ଟ୍ରପତିଙ୍କ ମନ୍ଦିର ଦର୍ଶନ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ପୁରୀ ସହର ସମେତ ଶ୍ରୀମନ୍ଦିର ଓ ଶେତଗଙ୍ଗା ପୁଷ୍କରିଣୀକୁ ରଖାଯିବ କଡ଼ା ସୁରକ୍ଷା ମଧ୍ୟରେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ



ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜିଲ୍ଲାପାଳ, ଏସପି, ଛତିଶା ନିଯୋଗର କର୍ମକର୍ତ୍ତା ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଛତିଶା ନିଯୋଗ ବୈଠକରେ ରାଷ୍ଟ୍ରପତିଙ୍କର ଦର୍ଶନ ପ୍ରସ୍ତୁତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ୪ ତାରିଖ ରାତ୍ର ୪ଟା ରୁ ହେବ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି । ଭୋର ୫ ଟାରେ ମଙ୍ଗଳ ଆଳତୀ ହେବ। ସକାଳ ୭ ସୁଦ୍ଧା ବେଶ ଶେଷ ହେବ । ବେଶ ଶେଷ ପରେ ଗୋପାଳ ବଲ୍ଲଭ ପୂର୍ବରୁ ଦର୍ଶନ କରିବେ ମହାମହିମ ରାଷ୍ଟ୍ରପତି । ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ ସୂଚୀ ରହିଛି ।ମଙ୍ଗଳଆଳତୀ ଠାରୁ ସୁରକ୍ଷା ଦୃଷ୍ଟି କୋଣରୁ ଶ୍ରୀମନ୍ଦିର ପରିସର ଶୋଧ କରାଯିବ । ସଂପୃକ୍ତ ପାଳିଆ ସେବାୟତ ବେହେରଣ ଦ୍ୱାରରେ ଉପସ୍ଥିତ ରହିବେ । ଧାର୍ଯ୍ୟ ସମୟରେ ପାସ ଧାରୀଙ୍କୁ ମଧ୍ୟ ଶ୍ରୀମନ୍ଦିର ପ୍ରବେଶ ନିଷେଧ ରହିବ । ସମସ୍ତ ପାଳିଆ ସେବକ ନୀତି ନିର୍ଘଣ୍ଟ ଅନୁସାରେ ନୀତି ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଉତ୍ତର ଦ୍ୱାର ଦେଇ ମନ୍ଦିର ଭିତରକୁ ମହାପ୍ରସାଦ ଆଣି ପାରିବେ ଶ୍ରଦ୍ଧାଳୁ ମାନେ । ମହାମହିମଙ୍କ ଦର୍ଶନ ପରେ ସୂର୍ଯ୍ୟପୂଜା ସହ ବଢିବ ଅନ୍ୟାନ୍ୟ ନୀତି । ରାଷ୍ଟ୍ରପତି ହେବାପରେ ତିନି ଥର ଆସି ମହାପ୍ରଭୁଙ୍କ ଦର୍ଶନ ସାନିଧ୍ୟ ନେଇଥିଲେ ମହାମହିମ ଦ୍ରୌପଦୀ ମୁର୍ମୁ । ଆଉ ଏଥର ଚତୁର୍ଥ ଥର ପୁରୀ ଆସୁଥିବା ବେଳେ ଏଥର ଦର୍ଶନ ସହ ପିଣ୍ଡଦାନର ରହିଛି କାର୍ଯ୍ୟ ସୂଚୀ । ସେଥିପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ରାଷ୍ଟ୍ରପତି ଶ୍ରୀମନ୍ଦିର ଦର୍ଶନ ସମୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗର ବିଭିନ୍ନ କର୍ମକର୍ତ୍ତା, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଜିଲ୍ଲାପାଳ, ଜିଲ୍ଲା ଏସପି ଓ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ମାନେ ଉପସ୍ଥିତ ରହିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କର ପଟ୍ଟଚିତ୍ର ଓ ଶୁଖିଲା ମହାପ୍ରସାଦ ପ୍ରଦାନ କରା ଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

## ଅବକାରୀ ଚଢାଉ : ୩ ଗିରଫ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗୁଡ଼ ପୋଚ ନଷ୍ଟ ସହ ଦେଶୀମଦ ଏବଂ ବିୟର ଜବଦ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୋର ଆଦର୍ଶ ଅବକାରୀ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ ଗୁଡ଼ିଖୋଳା ଗ୍ରାମ ଉପରେ ଚଢାଉ କରି ସ୍ୱସ୍ତିନି ଭକ୍ତା ନିକଟରୁ ୩୦ ଲିଟର ଦେଶୀମଦ, ଭାରତୀ ଭକ୍ତା ନିକଟରୁ ୨୫ଲିଟର ଦେଶୀମଦ, ବାଲିପୁର ଗ୍ରାମର କୁମାର ସାହିବ ନିକଟରୁ ୭.୮ ଲିଟର ବିୟର ଜବଦ କରାଯାଇ ସମସ୍ତଙ୍କୁ ଗିରଫ ପରେ ମାମଲା ରୁଜୁ କରାଯାଇ କୋଟ ଚାଲାଣ କରାଯାଇଛି । ସେହିପରି ଏହି ଟିମ୍ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମଜଙ୍ଗଲରେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢାଉ କରି ୧୯୫୦ ଲିଟର ଗୁଡ଼, ପୋଚ ନଷ୍ଟ କରିବା ସହିତ ୧୩୦ଲିଟର ଦେଶୀମଦ ଜବଦ କରିଛନ୍ତି । ଚଢାଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

# ୨୬ହଜାର କୋଟି କାମକୁ ଆଉଟ୍ ସୋର୍ସିଂ ସଂସ୍ଥା ହାତକୁ ଟେକି ଦେବାକୁ ମସୁଧା

## ହାଇକୋର୍ଟଙ୍କ ରହିତାଦେଶ, ରାଜ୍ୟ ସରକାରଙ୍କୁ ନୋଟିସ୍

କଟକ, (ସବ୍ୟୁ): ଅଥରିଟି ଅନୁମୋଦନ ବିନା ଓପେପା( ଓଡ଼ିଶା ପ୍ରାଇମେରୀ ଏଜୁକେସନ୍ ପ୍ରୋଗ୍ରାମ୍ ଅଥରିଟି)ର ନିର୍ଦ୍ଦେଶକ ବିଭିନ୍ନ ସ୍କୁଲ୍ କାମ ପାଇଁ ଆସିଥିବା ୨୬ହଜାର କୋଟି ଟଙ୍କାର କାମକୁ ଆଉଟ୍ ସୋର୍ସିଂ ସଂସ୍ଥା ହାତକୁ ଟେକି ଦେଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି କାର୍ଯ୍ୟାଦେଶ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏଥିସହ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସୁଶ୍ରୀ ସରିତା ଷଡ଼ଙ୍ଗୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି। ଫେବ୍ରୁଆରୀ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ସେମାନେ ଓପେପାରେ କାର୍ଯ୍ୟ କରୁଛନ୍ତି । ଓପେପାର କାମ ହେଉଛି ବିଭିନ୍ନ ବିଦ୍ୟାଳୟର ଗୃହ ନିର୍ମାଣ କରିବା, ଭିତ୍ତିଭୂମିର ବିକାଶ କରିବା, ମରାମତି କାମ ଆଦି କରିବା । ଏବେ ନିକଟରେ ଓପେପାର ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି ୨୬ ହଜାର କୋଟି ଟଙ୍କାର କାମକୁ ଏକ ଆଉଟ୍‌ସୋର୍ସିଂ ସଂସ୍ଥା ହାତକୁ ଟେକି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ନିୟମ ଅନୁଯାୟୀ, ଯେକୌଣସି କାର୍ଯ୍ୟ କରାଯତବା ପୂର୍ବରୁ ଏହାର ଅନୁମୋଦନ ପ୍ରଥମେ ଦୁଇଟି କମିଟି ନିକଟକୁ ନିଆଯାଇଥାଏ । ଗୋଟିଏ କମିଟି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରୁଥିଲାବେଳେ ଅନ୍ୟଟି ମୁଖ୍ୟ ଶାସନସଚିବଙ୍କୁ ଅଧ୍ୟକ୍ଷତାରେ କାର୍ଯ୍ୟ କରୁଛି । ଏହି ଦୁଇଟି ଯାକ କମିଟିର ଅନୁମୋଦନ ବିନା ଓପେପା ନିର୍ଦ୍ଦେଶକ ମନମୁଖୀ ଭାବେ ଏଭଳି ଏକ କାର୍ଯ୍ୟ କରୁଛନ୍ତି । ଓପେପା ରାଜ୍ୟ ସରକାରଙ୍କ ନିୟମ ଦ୍ୱାରା ପରିଚାଳିତ ନୁହେଁ। ଏହାର ଏକ ସ୍ୱୟଂଚାଳିତ ନିୟମ ରହିଛି। ଯଦି ଓପେପା ନିର୍ଦ୍ଦେଶକଙ୍କ ଆଦେଶ କାର୍ଯ୍ୟକାରୀ ହୁଏ ତାହେଲେ ଠିକାରେ କାର୍ଯ୍ୟ କରୁଥିବା ଆବେଦନକାରୀଙ୍କ ଚାକିରି ବିପଦରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ଏଭଳି ଏକ ଆଦେଶକୁ ରଦ୍ଦ ପାଇଁ ଆବେଦନକାରୀମାନେ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ ଆଜି ପ୍ରାଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି ।

## ଭାଉଜକୁ ମାଡ଼ ମାରି ଦିଅର ଗିରଫ

ବଲାଙ୍ଗୀ ,(ସବ୍ୟୁ) :ଘରବାରି ବିବାଦକୁ କେନ୍ଦ୍ରକରି ବଲାଙ୍ଗୀ ଥାନା ଅନ୍ତର୍ଗତ ବେରୁହାଁ ଶାସନ ଗ୍ରାମରେ ଭାଉଜକୁ ମାଡ ମାରି ଅସଦାଚରଣ କରିବା ମାମଲାରେ ଅଭିଯୁକ୍ତ ଦିଅରକୁ ଗିରଫ କରି ବୁଧବାର ଦିନ କୋର୍ଟଚାଲାନ କରିଛି ପୁଲିସ । ଅଭିଯୁକ୍ତ ଜଣକ ଗ୍ରାମର ବ୍ରଜେନ୍ଦ୍ର ବିଶାଳ ବୋଲି ପୁଲିସ ସୁଚନା ଦେଇଛି । ସୂଚନା ମୁତାବକ ଘରବାରିକୁ ନେଇ ଅଭିଯୁକ୍ତ ବ୍ରଜେନ୍ଦ୍ର ଓ ତାଙ୍କ ବଡଭାଇ ରାଜେନ୍ଦ୍ର ବିଶାଳ ମଧ୍ୟରେ ବିବାଦ ଲାଗିରହିଥିଲା ବେଳେ ମଙ୍ଗଳବାର ସକାଳ ସମୟରେ ରାଜେନ୍ଦ୍ର ଘରେ ନଥିବା ସୁଯୋଗରେ ଅଭିଯୁକ୍ତ ବ୍ରଜେନ୍ଦ୍ର ହାତରେ ଏକ କଟୁରୀ ଧରି ବ୍ରଜେନ୍ଦ୍ରଙ୍କ ଘରେ ଯୋରଜବର ଦସ୍ତ ପଶି ଭାଉଜ ସୁଲୋଚନା ବିଶ୍ୱାଳଙ୍କୁ ଅସଦାଚରଣ କରି ମାଡ ମାରିଥିଲା ବୋଲି ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ ।




# ତୁଳସୀପୁର ବସ୍ତି ଯୁବକଙ୍କୁ ହତ୍ୟା, ଦାଦା-ପୁତୁରା ଗିରଫ

## ହତ୍ୟା କରି ମୃତଦେହ ନଦୀକୁ ଫିଙ୍ଗିଥିଲେ

କଟକ, (ସବ୍ୟୁ): ସାମାନ୍ୟ ମାଟି ଚୁଲା ଭାଙ୍ଗିବା ଘଟଣାକୁ ନେଇ ତୁଳସୀପୁର ହରିଣପାର୍କ ବସ୍ତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବସ୍ତିର ୩୨ ବର୍ଷୀୟ ଯୁବକ ସେଖ୍ ରାଜୁଙ୍କୁ ସେହି ବସ୍ତିର କୁନିଆ ଓରଫ ରମେଶ ଚନ୍ଦ୍ର ସାହୁ(୬୧) ଏବଂ ବାପି ଓରଫ ତପନ କୁମାର ସାହୁ(୪୨) ପିଟିପିଟି ହତ୍ୟା କରିଛନ୍ତି। ଏହି ଘଟଣାରେ ବିଡାନାସୀ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଭିଯୁକ୍ତ ଦ୍ୱୟ ସମ୍ପର୍କରେ ଦାଦା ଏବଂ ପୁତୁରା ଅଟନ୍ତି। ଏମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ କାଠ ଖଣ୍ଡ, ଗୋଟିଏ ଅଟୋ (ଓଡି-୦୫-ଏନ-୬୭୧୮) ଜବତ ହୋଇଛି ବୋଲି ଡିସିପି ଖିଲାରୀ ରିଶିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି। ପୁଲିସର ସୂଚନା ଅନୁସାରେ, ମହାନଦୀ ଙ୍ଗବନ୍ଧର ପୂର୍ଣ୍ଣେଶ୍ୱର ମନ୍ଦିର ପାଖ ହରିଣପାର୍କ ବସ୍ତିରେ ରାଜୁ ଏକୁଟିଆ ରହୁଥିଲେ। ଗତ କିଛି ଦିନ ହେବ ତାଙ୍କ ମାଆ ରିହାନା ବେଗମ ପଦ୍ମପୁର ସ୍ଥିତ ଝିଅ ଘରେ ଯାଇ ରହୁଛନ୍ତି। ମଙ୍ଗଳବାର ରିହାନା ଖବର ପାଇଥିଲେ କି, ପୁଅ ରାଜୁ ବସ୍ତିରେ କଳିଝଗଡ଼ା କରୁଛି। ଏମିତିକି ରାଜୁକୁ ମାରପିଟ କରାଯାଇଥିବା ସେଠାକାର ଲୋକ ଜଣାଇଥିଲେ। ପୂର୍ବରୁ ୨୫ ତାରିଖ ତଥା ରବିବାର ମଧ୍ୟ ରାଜୁ ଝଗଡ଼ା କରିଥିବା ସମ୍ପର୍କରେ ଜାଣିଥିବାରୁ ରିହାନା ଭୟଭୀତ ହୋଇପଡ଼ିଲେ। ପୁଅର ଭଲମନ୍ଦ ବୁଝିବା ପାଇଁ ରିହାନା ବସ୍ତିକୁ ଆସିଥିଲେ ମଧ୍ୟ ରାଜୁକୁ ପାଇନଥିଲେ। ଖୋଜାଖୋଜି କରି ପୁଅକୁ ନପାଇବାରୁ ସନ୍ଧ୍ୟାରେ ସେ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ଭିତରେ ରାତି ପ୍ରାୟ ସାଢେ ୮ଟା ସମୟରେ ନରାଜ ନିକଟ କାଠଯୋଡି ନଦୀରୁ ଏକ ମୃତଦେହକୁ ଫେଜ-୨ ଥାନା ପୁଲିସ ଜବତ କରିଥିଲା। ପ୍ରାଥମିକ ଯାଞ୍ଚରୁ ମୃତଦେହକୁ କିଛି ସମୟ ପୂର୍ବରୁ ନଦୀରେ ଫିଙ୍ଗାଯାଇଥିବା ଜଣାପଡ଼ିଲା। ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଥ୍ୟ ପ୍ରମାଣ ଯୋଗାଣ କରିବା ସହ ଏକ ସ୍ୱତନ୍ତ୍ର ଟିମ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନରାଜ ଯିବା ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଏକ ସନ୍ଦିଗ୍ଧ ଅଟୋ ଠାବ ହୋଇଥିଲା। ପରବର୍ତ୍ତୀ ସମୟରେ ମୃତକଙ୍କ ମାଆ ରିହାନା ଆସି ପୁଅର ଶବ ଚିହ୍ନଟ କରିଥିଲେ। ପୁଲିସ ଅଭିଯୁକ୍ତ ତପନ ଓ ରମେଶକୁ ଧରିଆଣି ଜେରା କରିବାରୁ ପୁରା ଘଟଣା ସାମ୍ନାକୁ ଆସିଥିଲା। ମୃତ ରାଜୁ ଓ ରମେଶଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ପ୍ରତିଥର ସାମାନ୍ୟ କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା। ରାଜୁ ପ୍ରାୟ ସମୟ ନିଶାସକ୍ତ ଅବସ୍ଥାରେ ଆସି ବସ୍ତି ଓ ଆଖପାଖ ଅଞ୍ଚଳରେ ବିଶୃଙ୍ଖଳା କରୁଥିଲା। ପୂର୍ବଭଳି କୌଣସି କଥାକୁ ନେଇ ଗତ ରବିବାର ରାଜୁ ଓ ରମେଶ ଭିତରେ ପାଟିତୁଣ୍ଡ ହୋଇଥିଲା। ରାଜୁ ଉତକ୍ଷିପ୍ତ ହୋଇ ରମେଶଙ୍କ ଘରର ବାହାର ପଟକୁ ଲାଗିଥିବା ଏସି ଓ ଶୌଚାଳୟର ପାଇପ ଭାଙ୍ଗି ଦେଇଥିଲା। ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡ଼ା ଥମିଥିଲା। ଏହାର ଦୁଇ ଦିନ ପରେ ଅର୍ଥାତ ମଙ୍ଗଳବାର ରାଜୁ ପୁଣିଥରେ ରମେଶକୁ ଗାଳିଗୁଲଜ କରିଥିଲା। ଏମିତିକି ରମେଶଙ୍କ ଘର ଆଗରେ ଥିବା ଏକ ମାଟି ଚୁଲିକୁ ଭାଙ୍ଗିଦେଇଥିଲା। ଏହି ଘଟଣା ପରେ ରମେଶ ନିଜ ଉପରୁ ନିୟନ୍ତ୍ରଣ ହରାଇବସିଥିଲେ। ଦୁଆର ମୁହଁରେ ପଡ଼ିଥିବା କାଠ ଫାଳିଆରେ ରାଜୁର ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏଥିଯୋଗୁଁ କ୍ଷଣିକରେ ରାଜୁର ମୃତ୍ୟୁ ଘଟିଥିଲା। ପରେ ରମେଶ ପୁତୁରା ତପନ ସହିତ ମିଶି ରାଜୁର ମୃତଦେହକୁ ପ୍ଲାଷ୍ଟିକ ଦଉଡିରେ ବାନ୍ଧି ଏକ ବଡ ପଲିଥିନରେ ଗୁଡାଇ ଅଟୋରେ ଲଦିଥିଲେ। ଏହାପରେ ମୃତଦେହକୁ ନେଇ କାଠଯୋଡି ନଦୀର ନରାଜ ବ୍ରିଜ ନିକଟରେ ଫିଙ୍ଗି ଦେଇ ଚାଲିଆସିଥିଲେ ବୋଲି ଜେରା ବେଳେ ଅଭିଯୁକ୍ତ ଦ୍ୱୟ ସ୍ୱୀକାର କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୫ତମ ସିଆଇଇ ଏଣ୍ଟରପ୍ରାଇଜ୍

## ଓଡ଼ିଶାରେ ପ୍ରଦର୍ଶିତ 'ଏନର୍ଜି ପାଭିଲିୟନ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ୨୫ତମ ସିଆଇଇ ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ପ୍ରଦର୍ଶିତ ଷ୍ଟଲ୍ 'ଏନର୍ଜି ପାଭିଲିୟନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୨୭ ଜାନୁଆରୀରେ ଉଦଘାଟନ କରିଛନ୍ତି । ଏହି ଷ୍ଟଲରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ଏକ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ପ୍ରଦର୍ଶନ କରିଛି। ଏହି ଅବସରରେ ଉପବାଚସ୍ପତି ଭବାନୀ ଭୋଇ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଦୁର୍ଗାଚରଣ ତନ୍ତି, ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଉପସ୍ଥିତ ଥିଲେ । ଏହି 'ଏନର୍ଜି ପାଭିଲିୟନ ଓଡ଼ିଶାର ଶକ୍ତି କ୍ଷେତ୍ରର ସମସ୍ତ ପ୍ରମୁଖ ସଂସ୍ଥାମାନଙ୍କୁ ଏକ ସାଧାରଣ ମଞ୍ଚରେ ଆଣି ଠିଆ କରିଛି । ଏଠାରେ ଟିପିଡବ୍ଲୁଓଡିଏଲ୍ ବ୍ୟତିତ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଗ୍ରୀଡକୋ, ଓଏଚପିସି,



ଓପିଜିସି, ଓପିଟିସିଏଲ୍, ଟିପିସିଓଡିଏଲ୍, ଟିପିଏସଓଡିଏଲ୍, ଟିପିଏନଓଡିଏଲ୍, ଏବଂ ଓରିଡ଼ା ପରି ସଂସ୍ଥାମାନଙ୍କର ପ୍ରଦର୍ଶନୀ ରହିଛି । ଏହି ପାଭିଲିୟନ ମାଧ୍ୟମରେ ଶକ୍ତି କ୍ଷେତ୍ରର ଉନ୍ନତି, ନୂତନ ପଦକ୍ଷେପ ଓ ସହଯୋଗମୂଳକ ପ୍ରୟାସକୁ ପ୍ରଦର୍ଶିତ କରାଯାଉଛି ।ଏହି 'ଏନର୍ଜି ପାଭିଲିୟନ ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାରେ ନିରଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରି ଶିଳ୍ପ ବିକାଶ ଓ ନିବେଶ ସହଜ ପରିବେଶ ସୃଷ୍ଟି ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରୁଅଛି ।

# ୧୯୯୩ ବ୍ୟାଚ୍‌ର ରେଭେନ୍‌ସାଭିଆନ (ବାଣିଜ୍ୟ)ଙ୍କ ବନ୍ଧୁମିଳନ

କଟକ, (ସବ୍ୟୁ) : ଆଜି ରେଭେନ୍ସା ବାଣିଜ୍ୟ-୯୩ ବ୍ୟାଚର ଏକ ବନ୍ଧୁମିଳନ କଟକ ମହାନଦୀ ବିହାରସ୍ଥ ହୋଟେଲ ତଥାସ୍ତୁରେ ଆୟୋଜିତ ହୋଇଥିଲା। ଏଥିରେ ୯୩ ବ୍ୟାଚର ସହପାଠୀ ବନ୍ଧୁ ସ୍ୱର୍ଗତଃ ଆକାଶ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋକସଭାର ଆୟୋଜନ କରାଯାଇ ସ୍ୱର୍ଗତ ଅଗ୍ରୱାଲାଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏକ ବୃଦ୍ଧାଶ୍ରମ ପରିଦର୍ଶନ କରି ସେଠାରେ ଥିବା ମୌଳିକ ଆବଶ୍ୟକତା ପ୍ରତି ଦୃଷ୍ଟି ଦିଆଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ଏକ ବ୍ଲଡ୍ ଡୋନେସନ୍ କ୍ୟାମ୍ପର ବ୍ୟବସ୍ଥା ରଖାଗଲା। ଏହି ବନ୍ଧୁମିଳନରେ




ରେଭେନ୍ସାର ପୂର୍ବତନ ଛାତ୍ରନେତା , ନିଶିତ୍ କରଣ, ନବୀନ ଖଣ୍ଡୋଇ, ବିଷ୍ଣୁଚରଣ ନାୟକ, ସୁଶୀଳ ସ୍ୱାଇଁ , ମିହିର ସାମନ୍ତରା, , ସମର ମହାନ୍ତି, କ୍ଷୀରୋଦ ସାହୁ, ଚନ୍ଦନ ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ, ଜ୍ୟୋତିର୍ବିଦ୍, ଅମରଜିତ୍ ଦାସ, ସୂର୍ଯ୍ୟକାନ୍ତ ପ୍ରଧାନ, ଲଲାଟ କୁମର ସ୍ୱାଇଁ, ସଞ୍ଜୟ କୁମାର ସାହୁ, ଅସିତ୍ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିଲେ। ତ୍ରିପୁରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୱିଙ୍ଗସ ଇଣ୍ଡିଆ ୨୦୨୬ରେ ଓଡ଼ିଶା ପ୍ରଦର୍ଶନ କଲା

# ଭବିଷ୍ୟତର ବିମାନ ଚଳାଚଳ ଦୂରଦୃଷ୍ଟି, ମହିଳା ନେତୃତ୍ୱ ଓ ଦକ୍ଷତା ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ) : ହାଇଦ୍ରାବାଦର ବେଗୁମପେଟ୍ ଠାରେ ଆୟୋଜିତ ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ 'ୱିଙ୍ଗସ ଇଣ୍ଡିଆ ୨୦୨୬ରେ ଓଡ଼ିଶା ସରକାର ଅଂଶଗ୍ରହଣ କରିଛନ୍ତି। ଭାରତର ବିମାନ ଚଳାଚଳ କ୍ଷେତ୍ରରେ ରାଜ୍ୟର ବଢୁଥିବା ଭୂମିକାକୁ ପ୍ରତିଫଳିତ କରି ଏହି ପାଭିଲିୟନର ବିଷୟବସ୍ତୁ "ଓଡ଼ିଶା ଟେକ୍ସ ଫ୍ଲାଇଟ ରଖାଯାଇଛି। ଓଡ଼ିଶା ଷ୍ଟଲରେ ପରିଦର୍ଶକମାନେ ଅନୁଭବ କରୁଛନ୍ତି ଯେ କିଭଳି ପ୍ରଗତିଶୀଳ ନୀତି, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ ଦୀର୍ଘକାଳୀନ ଭିତ୍ତିଭୂମି ଯୋଜନା ମାଧ୍ୟମରେ ରାଜ୍ୟ ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତୀକରଣ ଏବଂ ନିବେଶ-ଅନୁକୂଳ ବିମାନ ଚଳାଚଳ ବ୍ୟବସ୍ଥା ଗଠନ କରୁଛି। ଏହି ପାଭିଲିୟନରେ ଓଡ଼ିଶାର 'ସମସ୍ତଙ୍କ ପାଇଁ ବିମାନ ଚଳାଚଳର ଦୂରଦୃଷ୍ଟିକୁ ପ୍ରଦର୍ଶିତ କରାଯାଇଛି। ଏଥିରେ ବିମାନବନ୍ଦର ବିକାଶ, ବିମାନ ଚଳାଚଳ ପ୍ରଶିକ୍ଷଣ, ଡ୍ରୋନ୍ ଇକୋସିଷ୍ଟମ୍, ଏମ୍ଆରଏକ୍ସ (ମରାମତି ଏବଂ ରକ୍ଷଣାବେକ୍ଷଣ) ସମ୍ଭାବନା ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକୁ ହାଇଲାଇଟ୍ କରାଯାଇଛି, ଯାହା 'ବିକଶିତ ଓଡ଼ିଶା ୨୦୩୬ଦ ଏବଂ 'ବିକଶିତ ଭାରତ ୨୦୪୭ଦ ର ରୋଡମ୍ୟାପ୍ ସହ ଜଡ଼ିତ। ଏହି ଅବସରରେ ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ 'ବିମାନ ଚଳାଚଳ କ୍ଷେତ୍ରରେ ମହିଳା ଶୀର୍ଷକ ରାଉଣ୍ଡ ଟେବୁଲ୍ ଅଧିବେଶନରେ ଜଣେ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହା ବିମାନ ଚଳାଚଳ କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ମହିଳା ନେତୃତ୍ୱ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଝିଅମାନଙ୍କୁ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିମାନ ଚଳାଚଳ କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା। ବିଭିନ୍ନ ବିଭାଗ ଏବଂ ଅଂଶୀଦାରମାନଙ୍କ ସମନ୍ୱୟରେ ଏଭଳି ଏକ ପରିବେଶ ସୃଷ୍ଟି କରାଯାଉଛି ଯେଉଁଠାରେ ମହିଳାମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ସହ ଅଭିବୃଦ୍ଧି ହାସଲ କରି ନେତୃତ୍ୱ ନେଇପାରିବେ।ଦକ୍ଷତା ବିକାଶ ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ପାଇଁ, ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ 'ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ ପ୍ରତିଷ୍ଠା କରାଯିବ। ଯେଉଁଠାରେ ବାର୍ଷିକ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯିବ। ବନ ଭି ଏରୋ ସହ ଅନ୍ୟ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି, ଯାହା ମାଧ୍ୟମରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ୍ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ଓଡ଼ିଶାର ପ୍ରଥମ ଏଭଳି କେନ୍ଦ୍ର ହେବ ଏବଂ ଏଠାରେ ବାର୍ଷିକ ୧୦୦ରୁ ଅଧିକ ଡ୍ରୋନ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। ସରକାରୀ-ବେସରକାରୀ ସହଭାଗିତା ମଡେଲରେ ବିମାନବନ୍ଦର ଭିତ୍ତିଭୂମି ବିକାଶ, ନୀତିଗତ ସହାୟତା ଏବଂ ସ୍ଥାୟୀ ବିକାଶ ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରକୁ ସଶକ୍ତ କରିବା ସହ ଆଞ୍ଚଳିକ ସଂଯୋଗୀକରଣ ଏବଂ ସମୂହ ବିକାଶକୁ ସୁନିଶ୍ଚିତ କରିବ।

## ସ୍ୱଚ୍ଛ ଶକ୍ତି, ସବୁଜ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ

# ଖଣି ଖନନ ପରବର୍ତ୍ତୀ ଜମି ପୁନଃବ୍ୟବହାର ହୋଇପାରିବ: ଆଇ-ଫରେଷ୍ଟ ଅଧ୍ୟୟନ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତୀୟ ପରିବେଶ, ସ୍ଥାୟୀତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ଫୋରମ୍ ଆଇ-ଫରେଷ୍ଟ ଏକ ପ୍ରଥମ ପ୍ରକାରର ମୂଲ୍ୟାଙ୍କନ ରିପୋର୍ଟ ପ୍ରକାଶ କରିଛି ଯାହା ଓଡ଼ିଶା ପାଇଁ ସ୍ୱଚ୍ଛ ଶକ୍ତି ଏବଂ ସବୁଜ ଶିଳ୍ପ ବିକାଶ ପାଇଁ ଖଣି ଉତ୍ତୋଳନ ପରବର୍ତ୍ତୀ ଜମିକୁ ଖୋଲା ରଖିବାର ଏକ ପ୍ରମୁଖ ସୁଯୋଗ ସୃଷ୍ଟି କରିଛି । ରିପୋର୍ଟ, ପୁନଃ ଶିଳ୍ପାୟନ ଖଣି ଖାଦନ ଜମି : ଓଡ଼ିଶାରେ କମ୍ କାର୍ବନ ବିକାଶକୁ ପ୍ରୋତ୍ସାହିତ କରିବାର ସୁଯୋଗ, ବନ୍ଦ ଏବଂ ଶୀଘ୍ର ବନ୍ଦ ହେବାକୁ ଥିବା କୋଇଲା ଏବଂ ଅଣ-କୋଇଲା ଖଣିରୁ ପ୍ରାୟ ୯,୦୦୦ ହେକ୍ଟର ଜମି ଚିହ୍ନଟ କରେ ଯାହାକୁ ଆଗାମୀ ଦଶନ୍ଧି ମଧ୍ୟରେ ରଣନୈତିକ ଭାବରେ ପୁନଃ ଶିଳ୍ପାୟନ କରାଯାଇପାରିବ ।ଏହି ଜମି ଓଡ଼ିଶାରେ ନବୀକରଣୀୟ ଶକ୍ତି ନିୟୋଜନ ଏବଂ ସବୁଜ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ ସମ୍ପତ୍ତି । ମୂଲ୍ୟାଙ୍କନରୁ ଜଣାପଡିଛି ଯେ ୯,୦୦୦ ହେକ୍ଟର ଜମି ମଧ୍ୟରୁ ୭୦% ରୁ ଅଧିକ ଜମି ନବୀକରଣୀୟ ଶକ୍ତି ଏବଂ ସବୁଜ ଶିଳ୍ପ ବ୍ୟବହାର ପାଇଁ ଉପଯୁକ୍ତ, ଯାହା ଏକ ପ୍ରସ୍ତୁତ, ନିବେଶ-ମୁଖୀ ଭୂମି




ପାଇପଲାଇନ ସୃଷ୍ଟି କରୁଛି । ଏହି ସୁଯୋଗଗୁଡ଼ିକ ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କେଉଁଝର ଭଳି ପ୍ରମୁଖ ଖଣି ଜିଲ୍ଲାଗୁଡ଼ିକରେ କେନ୍ଦ୍ରିତ । ଏକତ୍ର, ଏହି ଜିଲ୍ଲାଗୁଡ଼ିକ ଓଡ଼ିଶାର ଜୀବାଶ୍ମ-ଇନ୍ଧନ- ଏବଂ ଖଣିଜ-ନିର୍ଭରଶୀଳ ଶିଳ୍ପ ଭିତ୍ତିଭୂମିର ମୂଳ ଗଠନ କରନ୍ତି ଏବଂ ଏହି ପରିପ୍ରେକ୍ଷୀରେ ଏଠାରେ ଭାରତର ଶକ୍ତି ପରିବର୍ତ୍ତନ ତ୍ୱରାନ୍ୱିତ ହେବା ସହିତ ଆର୍ଥିକ ବିବିଧତା ପାଇଁ ଯୋଜନା କରିବାକୁ ପଡିବ । ଓପିଜିସି ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, କହିଛନ୍ତି ଯେ , ସବୁଜ ନିବେଶ ଏବଂ ଆର୍ଥିକ ବିକାଶ ପାଇଁ ଖଣିଜ ଜମିର ସ୍ଥାୟୀ ପରିଚାଳନା ଅତ୍ୟନ୍ତ ଜରୁରୀ, ଏବଂ ଏହା ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ଅନେକରେ ଏକ ମୂଲ୍ୟବାନ ସମ୍ପତ୍ତି । ମୁଖ୍ୟ ମହାପ୍ରବନ୍ଧକ, ଜଗନ୍ନାଥ କ୍ଷେତ୍ର, ମହାନଦୀ କୋଲଫିଲ୍ଡସର ଅଶୋକ କୁମାର ଧଳ କହିଥିଲେ ଯେ କୋଇଲା ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛି, ଏବଂ ମହାନଦୀ କୋଲଫିଲ୍ଡସ ସେହି ଅନୁଯାୟୀ ଯୋଜନା ପୁନଃଉଦ୍ୟୋଗ କରିବା ବିଷୟରେ ବିଚାର କରୁଛି । ଏହି ପ୍ରକ୍ରିୟାରୁ ସ୍ଥାନୀୟ ସମ୍ପ୍ରଦାୟ କ'ଣ ଲାଭ ପାଆନ୍ତି ତାହା ଉପରେ ମଧ୍ୟ ଆମକୁ ଧ୍ୟାନ ଦେବାକୁ ପଡିବ । ପୁନଃଉଦ୍ୟୋଗ ଏପରି ଭାବରେ ଯୋଜନା କରାଯିବା ଆବଶ୍ୟକ ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକା ପୁନର୍ଜୀବିତ କରେ, କାରଣ ଜୀବିକା ପୁନର୍ଜୀବନ ବିନା, ସେମାନଙ୍କର ଦୀର୍ଘକାଳୀନ କ୍ରୟଶକ୍ତି ଓ ଜୀବନ ଜିବୀକା ସୁରକ୍ଷିତ କରିବା କଷ୍ଟକର ହେବ । ଖଣି ଜମିର ପୁନଃ ଶିଳ୍ପାୟନ କେବଳ ଏକ ଆର୍ଥିକ ସୁଯୋଗ ନୁହେଁ, ଏହା ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ ମଧ୍ୟ । ଖଣି କାର୍ଯ୍ୟ ସହିତ ପୂର୍ବରୁ ଜଡିତ ଜମି ଏବଂ ଭିତ୍ତିଭୂମିକୁ ବ୍ୟବହାର କରି, ପୁନଃ ଶିଳ୍ପାୟନ ଖଣି କ୍ଷେତ୍ରରେ ନୂତନ କମ୍-କାର୍ବନ ନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ସକ୍ଷମ କରିଥାଏ । ଏହା ସହିତ ମୂଲ୍ୟବାନ ପରିବେଶଗତ ସମ୍ପଦକୁ ସଂରକ୍ଷଣ କରିଥାଏ ଏବଂ ସ୍ଥାନୀୟ ପରିବେଶକୁ ଉନ୍ନତ କରିଥାଏ । ଏହା ଖଣି କମ୍ପାନୀଗୁଡ଼ିକୁ ଉତ୍ତରାଧିକାରୀ ସମ୍ପତ୍ତିକୁ ଉତ୍ପାଦନଶୀଳ, ରାଜସ୍ୱ-ଉତ୍ପାଦକ ବ୍ୟବହାରରେ ରୂପାନ୍ତରିତ କରି ସେମାନଙ୍କର ବ୍ୟବସାୟକୁ ବିବିଧ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିଥାଏ, ଯାହା ଫଳରେ ଆଞ୍ଚଳିକ ଅର୍ଥନୈତିକ ବିକାଶରେ ସେମାନଙ୍କର ଭୂମିକାକୁ ସୁଦୃଢ଼ କରିଥାଏ, ବୋଲି ଆଇ-ଫରେଷ୍ଟ ର ନ୍ୟାୟ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶିକା ଶ୍ରେଷ୍ଠା ବାନାର୍ଜୀ କହିଥିଲେ । ଆଇ-ଫରେଷ୍ଟର ମୂଲ୍ୟାଙ୍କନ ସାରା ଓଡ଼ିଶାରେ ୪୦ ଟି କୋଇଲା ଏବଂ ଅଣ-କୋଇଲା ଖଣିର ଏକ ବ୍ୟାପକ ଭୂସ୍ଥାନିକ ଏବଂ ଭୂମି-ବ୍ୟବହାର ବିଶ୍ଳେଷଣ ଉପରେ ଆଧାରିତ । ଏହା ସାଟେଲାଇଟ୍ ଚିତ୍ର, ଆଇ-ଫରେଷ୍ଟ-ଆଧାରିତ ବିଶ୍ଳେଷଣ, ଖଣି ବନ୍ଦ ଯୋଜନା, ଅନୁପାଳନ ମନିଟରିଂ ରିପୋର୍ଟ ଏବଂ ଅନ୍ୟାନ୍ୟ ଖଣି-ନିର୍ଦ୍ଦିଷ୍ଟ ଡକ୍ୟୁମେଣ୍ଟେସନ୍ ଉପରେ ଆଧାରିତ ଯାହା ଦ୍ୱାରା ବୈଷୟିକ ଭାବରେ ସମ୍ଭବ ଏବଂ ପରିବେଶଗତ ଭାବରେ ଉପଯୁକ୍ତ ଭୂମି ପାର୍ସଲଗୁଡ଼ିକୁ ଚିହ୍ନଟ କରାଯାଇପାରିବ । ଏହି ଅଧ୍ୟୟନ ସ୍ୱୀକାର କରେ ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସ୍ଥାନ-ସ୍ତରୀୟ ତଦନ୍ତ ଆବଶ୍ୟକ ହେବ, କିନ୍ତୁ ଏହା ପୁନଃବିକାଶ ପ୍ରସ୍ତୁତିର ପ୍ରଥମ ରାଜ୍ୟ-ବ୍ୟାପୀ, ପ୍ରମାଣ-ଆଧାରିତ ଚିତ୍ର ପ୍ରଦାନ କରେ, ଯାହା ଆଡ-ହକ୍ ନିଷ୍ପତ୍ତି ଗ୍ରହଣ ବଦଳରେ ପର୍ଯ୍ୟାୟକ୍ରମେ ଯୋଜନାକୁ ସକ୍ଷମ କରିଥାଏ । ଏହି ରିପୋର୍ଟରେ ଭୂମି ସମ୍ଭାବନାକୁ ସାକାର କରିବା ପାଇଁ କିଛି ପ୍ରମୁଖ ସୁପାରିଶ କରାଯାଇଛି । କାର୍ଯ୍ୟକ୍ରମରେ ସିୱାଇଏସଡ଼ିର କୋ-ଫାଉଣ୍ଡର ଜଗଦାନନ୍ଦ ଉପସ୍ଥିତ ରହି ବିଷୟବସ୍ତୁ ଉପରେ ମତ ରଖିଥିଲେ ।

# ନୂଆବଜାର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୭୭ ତମ ଗଣତନ୍ତ୍ର ଦିବସ

କଟକ, (ସବ୍ୟୁ) : ନୂଆବଜାର ସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଦେଶର ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଅଛି । ବିଦ୍ୟାଳୟର ଅଧ୍ୟକ୍ଷ କହିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଦେଶ ଓ ପିତା ମାତାଙ୍କ ପାଇଁ ନିଜର କର୍ତ୍ତବ୍ୟ ବୋଧପ୍ରତି ସଚେତନ ରହିବା ସମ୍ପର୍କରେ ଜଣାଇଥିଲେ। କୁନିକୁନି ଛାତଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ଖୁବ୍ ମନୋମୁଗ୍ଧକର



ଡଃ ପ୍ରଦୀପ ତ୍ରିପାଠୀ ଓ ବିଦ୍ୟାଳୟର ଉପାଧ୍ୟକ୍ଷଙ୍କ ମିଳିତ ତତ୍ତ୍ୱାବଧାନରେ ପାଳିତ ହୋଇଥିବା ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶକ ଡଃ ପ୍ରଭୁଚରଣ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ସ୍ୱାଧିନତା ସଂଗ୍ରାମୀଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ପତାକା ଉତ୍ତୋଳନ କରିଥିଲେ । ବକ୍ତବ୍ୟରେ ଛାତ୍ର ଛାତ୍ରୀମାନଙ୍କୁ ଦେଶର ଭବିଷ୍ୟତର ମେରୁଦଣ୍ଡ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳିତ ବ୍ୟବହାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ମୁଖ୍ୟ ଅତିଥି , ଅଧ୍ୟକ୍ଷ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ । ସଂପୂର୍ଣ୍ଣ କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗ ସମସ୍ତ ମହଲରେ ଆଦୃତ ହୋଇଥିଲା । ପରିଶେଷରେ ବିଦ୍ୟାଳୟର ସାଂସ୍କୃତିକ ସଚୀବ ସୌମ୍ୟଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବହୁ ପ୍ରତୀକ୍ଷିତ 'ଶ୍ରୀଜଗନ୍ନାଥ ତଥ୍ୟକୋଷର ପ୍ରଥମ ଖଣ୍ଡ ଲୋକାର୍ପିତ

## ଶାସ୍ତ୍ରୀୟ ପ୍ରମାଣ ଭିତ୍ତିରେ ମହାପ୍ରଭୁଙ୍କ ତଥ୍ୟ ସମ୍ବଳିତ ଅନନ୍ୟ ଗ୍ରନ୍ଥ

ପୁରୀ, (ସବ୍ୟୁ) : ପବିତ୍ର ମାଘ ସପ୍ତମୀ ତିଥିରେ ହାତୀଶାଳସ୍ଥିତ ଶ୍ରୀଶ୍ରୀଦକ୍ଷିଣାମୂର୍ତ୍ତି ମଠ ପରିସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ସନାତନ ସାଧୁ ସମାଜର ସାଧୁସନ୍ନ୍ୟାସୀମାନଙ୍କ ଉପସ୍ଥିତିରେ ବହୁ ପ୍ରତୀକ୍ଷିତ 'ଶ୍ରୀଜଗନ୍ନାଥ ତଥ୍ୟକୋଷର ପ୍ରଥମ ଖଣ୍ଡ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ଭାଷାରେ ପ୍ରକାଶିତ ଏହି ପ୍ରଥମ ଖଣ୍ଡଟିର ନାମ 'ବ୍ରହ୍ମପୁରାଣୋକ୍ତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ରଖାଯାଇଛି। ଖୁବଶୀଘ୍ର ଏହି ଗ୍ରନ୍ଥ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ମଧ୍ୟ ଉପଲବ୍ଧ ହେବ ବୋଲି ପ୍ରକାଶକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୨ ମସିହାରୁ ମୁଖ୍ୟ ସମ୍ପାଦକ ସ୍ୱାମୀ ପ୍ରଣବାନନ୍ଦ ପୁରୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଆଜି ବାସ୍ତବ ରୂପ ନେଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହରେକୃଷ୍ଣ ମହାପାତ୍ର, ବେଦାନ୍ତ ବିଭାଗ ମୁଖ୍ୟ ପ୍ରଫେସର ଭଗବାନ



ସାମନ୍ତରାୟ ଏବଂ ଅବସରପ୍ରାପ୍ତ ପ୍ରାଧାପିକା ସୁଶ୍ରୀ ସ୍ନେହ ନନ୍ଦଙ୍କ ନିଷ୍ଠାପର ସମ୍ପାଦନା ଫଳରେ ଏହି ଗ୍ରନ୍ଥ ପ୍ରସ୍ତୁତ ହୋଇପାରିଛି। ବିଭିନ୍ନ ପୁରାଣ, ସଂହିତା ଏବଂ ପ୍ରାମାଣିକ ଶାସ୍ତ୍ରରୁ ତଥ୍ୟ ସଂଗ୍ରହ କରାଯାଇ ଏହି ଜ୍ଞାନକୋଷ ପ୍ରସ୍ତୁତ କରାଯାଉଛି। ୧୮ ଗୋଟି ପୁରାଣ ମଧ୍ୟରେ ବ୍ରହ୍ମ ପୁରାଣ ପ୍ରଥମ ହୋଇଥିବାରୁ ଏହି ଖଣ୍ଡଟିକୁ ପ୍ରଥମେ ପ୍ରକାଶ କରାଯାଇଛି। ଏହି ଲୋକାର୍ପଣ ଉତ୍ସବରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ଭାସ୍କର ମିଶ୍ର ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, "ଏହା ଦୀର୍ଘ ଦିନରୁ ଗବେଷକ ଏବଂ ପଣ୍ଡିତମାନଙ୍କର ଏକ ପ୍ରମୁଖ ଆବଶ୍ୟକତା ଥିଲା, ଯାହା ଆଜି ପୂରଣ ହୋଇପାରିଛି।" ଅନ୍ୟତମ ଅତିଥି ବରିଷ୍ଠ ସେବାୟତ ନୀଳମଣି ଗୁରୁ ମତବ୍ୟକ୍ତ କରିଥିଲେ ଯେ, "ବ୍ରହ୍ମାଣ୍ଡର ମହାଶକ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଜ୍ଞାନ ବୃଦ୍ଧି କରିବା ପାଇଁ ଏହି ଗ୍ରନ୍ଥ ସେବାୟତ ତଥା ପ୍ରଶାସକମାନଙ୍କ ପାଇଁ ବିଶେଷ ସହାୟକ ହେବ।" ସମ୍ମାନିତ ଅତିଥି ସ୍ୱାମୀ ଭାଗବତାନନ୍ଦ ଏହାକୁ ଏକ ଉଦାହରଣୀୟ କାର୍ଯ୍ୟ ବୋଲି ଅଭିହିତ କରି କହିଥିଲେ ଯେ, "ଏହି ଗ୍ରନ୍ଥରେ ମହାପ୍ରଭୁଙ୍କୁ ସାକ୍ଷାତ ନାରାୟଣ ଅବତାରୀ ଭାବେ ବର୍ଣ୍ଣନା କରାଯାଇଛି। ଏହାର ବିଚାରଧାରା ଏବଂ ତଥ୍ୟ ସମାଜରେ ବହୁଳ ପ୍ରଚାର ପ୍ରସାର ହେବା ଆବଶ୍ୟକ, ଯାହା ଶ୍ରୀକ୍ଷେତ୍ର ଓ ମହାପ୍ରଭୁଙ୍କ ସମ୍ପର୍କରେ ନୂତନ ତଥ୍ୟ ଉନ୍ମୋଚିତ କରିବ।" ମୁଖ୍ୟ ସମ୍ପାଦକ ସ୍ୱାମୀ ପ୍ରଣବାନନ୍ଦ ନିଜ ଅଭିଭାଷଣରେ "ମହାପ୍ରଭୁଙ୍କ ଅପାର କରୁଣାରୁ ଆମେ ଆଜି ଏହି ଗ୍ରନ୍ଥ ପାଠକମାନଙ୍କ ନିକଟରେ ପହଞ୍ଚାଇ ପାରିଛୁ।ଆଗାମୀ ଦିନରେ ପ୍ରାୟ ୨୦ଟି ଖଣ୍ଡରେ ଏହି ସିରିଜ୍ ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଦକ୍ଷିଣାମୂର୍ତ୍ତି ମଠର ସଦସ୍ୟ ତଥା ସେବାୟତ ରମାବଲ୍ଲଭ ମହାପାତ୍ର ଗଣମାଧ୍ୟମ ପ୍ରତିନିଧି ଏବଂ ଏହି ମହତ କାର୍ଯ୍ୟରେ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ମଠର କାର୍ଯ୍ୟକ୍ରମ ଅନ୍ତର୍ଗତ ୧୫୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବା ଓ ନରନାରାୟଣ ସେବା ତଥା ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା ।

# ଲାୟନ୍ସ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଲାୟନ୍ସ କ୍ଲବ ଭୁବନେଶ୍ୱର ଦ୍ୱାରା ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପଳନ କରାଯାଇଛି। ଲାୟନ୍ସ କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରଓ୍ୱାଲ, କୋଷାଧ୍ୟକ୍ଷ ଲାୟନ ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ଲାୟନ କାହ୍ନୁଚରଣ ପୃଷ୍ଟି, ପୂର୍ବତନ ସଭାପତି ଲାୟନ କିଶୋର ଚନ୍ଦ୍ର




ସାହୁ, କ୍ଲବର ବହୁ ସଦସ୍ୟ ଓ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଚକ୍ଷୁ ଚିକିତ୍ସାଳୟର ପୂର୍ବତନ ଅଧ୍ୟକ୍ଷ ଲାୟନ ସୁଧାଂଶୁ କୁମାର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହିତ ସଭାପତି ଗୋପବନ୍ଧୁ କଲୋନୀରେ ଜାତୀୟ ପତାକା ଉତ୍ତୋଳନ କରି ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବାଣ୍ଟିଥିଲେ।

# ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ) : ଗତ ୨୦୧୯ ମସିହା ଅପରାହ୍ନ ୫.୩୦ ସମୟରେ ଏମ. ସତୀଶ କୁମାର ତାଙ୍କ ବନ୍ଧୁମାନଙ୍କ ସହିତ ମଣିଆ ଛକ କ୍ରିକେଟ ପଡ଼ିଆରେ କ୍ରିକେଟ ଖେଳୁଥିବା ସମୟରେ ସାଜୁ, ସାଇ, ବିମଲ ଏବଂ ଏସ.କେ. ଚାନ୍ଦୁ ଓରଫ ଏସ.କେ. କାସିମ ନାମକ ଚାରିଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସତୀଶ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଆକ୍ରମଣାତ୍ମକ ହୋଇ କ୍ରିକେଟ ବ୍ୟାଟ୍ ଏବଂ ଷ୍ଟମ୍ପରେ ତାଙ୍କୁ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା।ଆହତଙ୍କୁ ତାଙ୍କ ବନ୍ଧୁ ଏବଂ ପରିବାର ସଦସ୍ୟମାନେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱରର ଏସୟୁଏମ ହସ୍ପିଟାଲକୁ ନେଇଯାଇଥିଲେ। ତଦନ୍ତ ସମୟରେ, ଅପରାଧର ଅସ୍ତ୍ରଶସ୍ତ୍ର (କ୍ରିକେଟ ଷ୍ଟମ୍ପ) ଜବତ କରାଯାଇଥିଲା ଏବଂ ଆକ୍ରମଣରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା।

### ଭଞ୍ଜସେନା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦାବି

# ହସ୍ତତନ୍ତ ବୟନ ଓ କୁଟୀର ଶିଳ୍ପକୁ ଅଗ୍ରାଧିକାର ଦେଇ ବେକାରୀଙ୍କୁ ନିଯୁକ୍ତି ଦିଆଯାଉ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟସ୍ଥଳୀର ପୁନରୁଦ୍ଧାର ସହିତ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମାଧ୍ୟମରେ ବେରୋଜଗାର ମାନଙ୍କୁ ରୋଜଗାର ଦେବା ସହିତ ଜିଲ୍ଲାରେ ଅର୍ଥନୈତିକ ଅଭିବୃଦ୍ଧି କରିବାର ଅଭିଯାନ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ନେତୃତ୍ୱରେ ଏକ ନିଆରା ଢଙ୍ଗରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ସମସ୍ତ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ କାରିଗର ମାନେ ନିଜେ ନିଜର କାରିଗରୀ ପ୍ରଦର୍ଶନ ମାଧ୍ୟମରେ ଦାବି ଜଣାଇଥିଲେ। ଏଥିସହିତ ସରକାର ତୁରନ୍ତ ଉକ୍ତ କ୍ଷେତ୍ରରେ ହସ୍ତକ୍ଷେପ କରି କୁଟୀର ଶିଳ୍ପ ପ୍ରତିଷ୍ଠା ସହିତ ଏକ ଉପଯୁକ୍ତ ମାର୍କେଟ ପ୍ରସ୍ତୁତ କରିବା ନେଇ ନିଜର ଦାବି ଜଣାଇବା ସହିତ ଭଞ୍ଜସେନା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାରିପଦା ମଧୁବନ ସ୍ଥିତ ଭୈରବୀ ମନ୍ଦିର ସମ୍ମୁଖରୁ ବାହାରି ମୁଖ୍ୟ ମାର୍କେଟ ଦେଇ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲାପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ସଂଗଠନର ଅଧ୍ୟକ୍ଷ ସଂଜୀବ ରାଉତ, ସତ୍ୟସ୍ୱରୂପ ଦାଶ, ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, କନିକା ବୋଷ, ବାଜୁନ ହାଁସଦାଃ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ଜ୍ୟୋତିରଞ୍ଜନ ପୃଷ୍ଟି, ଏସ୍.କେ. ରାଜାଖାନା, ରବିନ୍ ମହାନ୍ତି, ରାକେଶ ମହାନ୍ତି, ସୁନ୍ଦର ମୋହନ ଟୁଡୁ, ପରିତୋଶ ବାରିକ, ପ୍ରୀତମ ପଣ୍ଡା, ସନାତନ ସାହୁ, ପଙ୍କଜ କରନ୍, ସାଫଲ୍ୟ ମିଶ୍ର, ମନୋଜ ପାତ୍ର, ଦୀପକ୍ ସୋ, ସଞ୍ଜୟ ମାହାର୍ଣ୍ଣା, ସଞ୍ଜୟ ମହାନ୍ତ, ସୌମ୍ୟରଞ୍ଜନ ଦାସବାବୁ, ରଜନୀକାନ୍ତ ପୃଷ୍ଟି, ଉମେଶ୍ ପ୍ରଧାନ, ସତ୍ୟ ପୃଷ୍ଟି, ପ୍ରଦୀପ ପଣ୍ଡା, ସମ୍ପଦ ପୃଷ୍ଟି, ଦୀପକ୍ ବେହେରା, ଶୁଭମ୍ ସିଂ, ଜିତୁ ସିଂ, ଗୌରାଙ୍ଗ ଘଡେଇ, ମୁକ୍ତିଦତ୍ତ ପରିଡା, ଶମ୍ଭୁ ଗୋପାଲ, ଅଭିଷେକ ମହାପାତ୍ର, ପ୍ରଶାନ୍ତ ମହାକୁଡ, ଦୀପେଶ ଅଗ୍ରଓ୍ୱାଲ ଓ ମନୋଜ ନାୟକ ପ୍ରମୁଖଙ୍କ ସହିତ ଜିଲ୍ଲାର ବହୁ ଯୁବଛାତ୍ର ସଂଗଠକ ସାମିଲ ଥିଲେ। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଓଡିଶାର ରାଜଧାନୀ ଭୁବନେଶ୍ୱର ଅନୁଷ୍ଠିତ ହେବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

### ବିରଜା-ବରାହ କ୍ଷେତ୍ର ହେଉଛି ସମୃଦ୍ଧ ସଂସ୍କୃତିର କୀର୍ତ୍ତିସ୍ଥଳ

## ଓଳାଶୁଣୀ ଉନ୍ନୟନ ନ୍ୟାସର ସମୀକ୍ଷା ଓ ଆଲୋଚନା



ବାଲିଚନ୍ଦ୍ରପୁର, (ସବ୍ୟୁ) : ଓଡ଼ିଶାର ପ୍ରସିଦ୍ଧ ଐତିହ୍ୟ ଓ ପର୍ଯ୍ୟଟନକ୍ଷେତ୍ର ଓଳାଶୁଣୀ-ଗାଙ୍ଗୀ-ବୋୖଦ୍ଧ ଐତିହ୍ୟ ତ୍ରିଭୁଜ ଗୁଡ଼ିକ ହେଉଛି ପରମ୍ପରାକୁ ପରିପୁଷ୍ଟ କରୁଥିବା ଗୌରବମୟ ପରିଚୟ । ଏହିସବୁ କଳା, କୀର୍ତ୍ତି ଓ ସଂସ୍କୃତି ସମୃଦ୍ଧ ଗରିମାମୟ କ୍ଷେତ୍ରଭୂମିକୁ ବିଶ୍ୱ ଦରବାରରେ ପହଚାଇବା ଉଚିତ ବୋଲି କହିଛନ୍ତି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଲେଖକ ତଥା ବିଖ୍ୟାତ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି । ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ' ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ପୌରାଣିକସ୍ଥଳୀ ଗାଙ୍ଗୀ ପୀଠରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଲଣ୍ଡନରେ ରହୁଥିବା ବର୍ଷୀୟାନ ଲେଖକ ଶ୍ରୀ ମହାନ୍ତି କହିଥିଲେ ଯେ, ଅପୂର୍ବ ସୁନ୍ଦର ପ୍ରାକୃତିକ ପରିବେଶ କୋଳରେ ଏଭଳି ବୌଦ୍ଧିକ ଆଲୋଚନା ଅନ୍ୱେଷଣର ଏକ ନୂତନ ଧାରା ତିଆରି କରିଛି । ବିଶିଷ୍ଟ ସଂସ୍କୃତି ଗବେଷକ ନିରଞ୍ଜନ ମେକାପ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପୌରାଣିକ ଯୁଗ ଠାରୁ ଆରମ୍ଭ କରି ଏଯାବତ୍ ବିରଜା ଓ ବରାହକ୍ଷେତ୍ର ଯାଜପୁର କିଭଳି ପ୍ରାଚୀନ ଓଡ଼ିଶାର ଏକ ବିକଶିତ ସଭ୍ୟତା ଏବଂ ସଂସ୍କୃତିର କୀର୍ତ୍ତିସ୍ଥଳୀ ଥିଲା ସେ ସଂପର୍କରେ ବିଶଦ ଆଲୋକପାତ କରିଥିଲେ । ନ୍ୟାସର ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୌଦ୍ଧିକ ଆଲୋଚନାଚକ୍ରରେ ସ୍ୱାଗତ ବକ୍ତବ୍ୟ ଦେଇ ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ କହିଥିଲେ ଯେ, ପଂଚଗିରି ମଣ୍ଡଳର ପରିବେଷ୍ଟନୀ ଭିତରେ ଗଢ଼ିଉଠିଥିବା ଆମ ମାଟିର ବୈଭବମୟ କୀର୍ତ୍ତିରାଜି ସମୂହ ଆମ ଅସ୍ମିତା ଓ ସଂସ୍କୃତିର ଏକ ମୁଖ୍ୟ ପରିଚୟ । ଆଲୋଚନାଚକ୍ରରେ ନ୍ୟାସର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ପ୍ରଫେସର ରବୀନ୍ଦ୍ର ନାଥ ସାମଲ, ପ୍ରକାଶ ଚନ୍ଦ୍ର ନାୟକ, ସୌମ୍ୟେନ୍ଦ୍ର କୁମାର ଜେନା, ଡ. ଭାଗ୍ୟଧର ସାହୁ, ଅଧ୍ୟାପକ ଡ. ଯତିନ୍ଦ୍ର କୁମାର ରାଉତ, ଶିକ୍ଷାବିତ୍ ଭାବଗ୍ରାହୀ ରାଉତ, ବାରବାଟୀ ବିଶ୍ୱଶାନ୍ତି ଯଜ୍ଞ କମିଟିର ସଭାପତି ଶିକ୍ଷାବିତ୍ ରମାକାନ୍ତ ସାମଲ, ସମାଜସେବୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଳାଶୁଣୀ ଗୁମ୍ଫା ମହୋତ୍ସବର ସମୀକ୍ଷା ସହିତ ଆୟବ୍ୟୟ ସଂପର୍କରେ ସବିଶେଷ ବିବରଣୀ ଉପସ୍ଥାପନା କରିଥିଲେ କୋଷାଧ୍ୟକ୍ଷ ସ୍ନେହାଶିଷ ସାମଲ । ଏ ଅବସରରେ ବିଶିଷ୍ଟ ଲେଖକ ତଥା ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଶୁଖୁଆପଡ଼ାର ବର୍ଷୀୟାନ ଭାସ୍କର୍ଯ୍ୟଶିଳ୍ପୀ ନରହରି ମହାରଣା, ଗାଙ୍ଗୀପୀଠର ଯୁବସନ୍ୟାସୀ କୌସ୍ତୁଭ ବ୍ରହ୍ମଚାରୀ ଓ ସାମ୍ବାଦିକ ମାନଙ୍କୁ ନ୍ୟାସ ପକ୍ଷରୁ ଅଙ୍ଗବସ୍ତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସରପଂଚ ସରସ୍ୱତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଘଟରେ ଦାବି : ସାପ୍ତାହକୁ ୫ ଦିନ ହେଉ ବ୍ୟାଙ୍କ କାର୍ଯ୍ୟ

କଟକ, (ସ୍ୱପ୍ର) : ସପ୍ତାହକୁ ପାଞ୍ଚ ଦିନ କାର୍ଯ୍ୟ ଦିବସ ସହ ଅନ୍ୟାନ୍ୟ ଦାବିରେ ତମାମ ଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ବ୍ୟାଙ୍କ କାମ ବନ୍ଦ କରି ଧର୍ମଘଟରେ ବସିଛନ୍ତି । ପୂର୍ବରୁ ଏହି ଦାବୀ ସରକାରଙ୍କୁ ଦିଆଯାଇଥିଲେ ବି ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା । ଆଜି ରାଜ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫଇଣ୍ଡିଆ, ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ୟୁନିଅନ ବ୍ୟାଙ୍କ, ବ୍ୟାଙ୍କ ଅଫ ମହାରାଷ୍ଟ୍ର, ଇଣ୍ଡିଆନ ବ୍ୟାଙ୍କ ପରି ୧୨ ଟି ପ୍ରମୁଖ ବ୍ୟାଙ୍କରେ ଆଜି ତାଲା ଝୁଲିଛି । ଏହି ପରିପ୍ରେକ୍ଷୀରେ ଆଜି ପଂଜାବ ନ୍ୟାସନାଲ ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟରେ ବିଭିନ୍ନ ଶାଖାର କର୍ମଚାରୀ ମାନେ ଧାରଣାରେ ବସିଥିଲେ । ସେମାନଙ୍କ କହିବା ଅନୁସାରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ସରକାରୀ ବିଭାଗ, ଅର୍ଥ ମନ୍ତ୍ରଣାଳୟ ପ୍ରଭୃତି ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନେ ସପ୍ତାହକୁ ପାଞ୍ଚଦିନ କାର୍ଯ୍ୟ କରୁଥିଲା ବେଳେ (ପିଏସବି) ପବ୍ଲିକ ସେକଟର ବ୍ୟାଙ୍କିଙ୍ଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ସପ୍ତାହକୁ ୬ ଦିନ କାର୍ଯ୍ୟ କରିବାକୁ ପଡୁଛି । ତେଣୁ ଧର୍ମଘଟ ହୋଇଛି । ଧର୍ମଘଟରେ ମଣ୍ଡଳ ସଚିବ ଦୀପକ କୁମାର ପ୍ରଧାନ, କର୍ମଚାରୀ ପ୍ରଶାନ୍ତ କୁମାର ଦାଶଙ୍କ ସମେତ ବହୁ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ ।

## ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ବୁଦ୍ଧଖୋଲ ମହୋତ୍ସବ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆଗାମୀ ଫେବୃଆରୀ ୭ରୁ ୯ ପର୍ଯ୍ୟନ୍ତ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବା ନେଇ ନିଷ୍ପତି ହୋଇଥିଲା । ସେହି ତ୍ରିଦିବସୀୟ ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ ସାଙ୍ଗକୁ ବୁଦ୍ଧଖୋଲ ପରିସର ହିଲଟପ ରାସ୍ତା ପରିଷ୍କାର, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି, ଲୋକଙ୍କ ଯାତାୟାତ ପାଇଁ 'ମୋ ବସ' ବ୍ୟବସ୍ଥା ,ରାସ୍ତାରେ ଲାଇଟ ବ୍ୟବସ୍ଥା ,ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ ବୁଦ୍ଧଖୋଲ ଉନ୍ନୟନ ସମିତି କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ପାତ୍ର, ସମ୍ପାଦକ ଗଙ୍ଗାଧର ବିଷୋୟୀ , କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର, ଯୁବ ନେତା ପ୍ରଭାକର ପଣ୍ଡା, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବିଦ୍ୟୁତ ବିଭାଗ ଏସଡିଓ ସ୍ମୃତି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ କେଦାରନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଘାସନୀ ମହୋତ୍ସବ ଉପଲକ୍ଷେ ଫୋଟୋଗ୍ରାଫି ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମେଘାସନୀ ମହୋତ୍ସବ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛକି, ଆସନ୍ତା ୧ ରୁ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ମେଘାସନୀ ମହୋତ୍ସବ ଉପଲକ୍ଷେ ଉତ୍ତମ ଧରଣର ଚିତ୍ରୋତଳ (ଫୋଟୋଗ୍ରାଫି) ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଏଣୁ ଆପଣ ମାନଙ୍କୁ ଅନୁରୋଧ କି, ଜାନୁଆରୀ ୩୧ତାରିଖ ସୁଦ୍ଧା ଆପଣ ମାନେ ନିଜର ୨ଟି ଉତ୍ତମ ମାନର ଫୋଟୋଗ୍ରାଫିକୁ ବାଇଣ୍ଡିଙ୍ଗ କରି ଜିଲ୍ଲାପରିଷଦ, ମୟୂରଭଞ୍ଜ କାର୍ଯ୍ୟାଳୟ ଠାରେ ଏହି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଖରେ ଦାଖଲ କରିବେ ଯାହାକି ମହୋତ୍ସବ ସମୟରେ ମହୋତ୍ସବ ସ୍ଥାନରେ ପ୍ରଦର୍ଶିତ ହେବ । ଫୋଟୋ ଦାଖଲ ସମୟରେ ଫୋଟୋ ସହିତ ନିଜର ନାମ ଠିକଣା ଦେବେ । ପ୍ରଦର୍ଶନୀରେ ଦେଇଥିବା ଫୋଟୋଗ୍ରାଫି ଗୁଡିକ ମଧ୍ୟରୁ ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ମନୋନୀତ ଫୋଟୋଗ୍ରାଫିକୁ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ । ଏ ସମ୍ବନ୍ଧରେ ସବିଶେଷ ସୂଚନା ଓ ତଥ୍ୟ ପାଇବା ପାଇଁ ମୋବାଇଲ ନମ୍ବର ୭ ୯ ୭ ୮ ୨ ୬ ୪ ୪ ୪ ୩ ଏବଂ ୭ ୮ ୫ ୩ ୦ ୯ ୩ ୪ ୫ ୯ ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି ।

### କାଳିମେଘା ମେଳନ ପାଳନ ଲାଗି ପ୍ରାକ୍ ପ୍ରସ୍ତୁତି ବୈଠକ

# ପାରମ୍ପରିକ ବାଦ୍ୟ ଆଣିଲେ ମିଳିବ ପୁରସ୍କାର



ତିହିଡି, (ସବ୍ୟୁ) : ତିହିଡିର ଐତିହାସିକ କାଳିମେଘା ମେଳନ ଲାଗି ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଗତ ୨୬ ତାରିଖ ସୋମବାର ଦିନ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।

ମେଳନ କମିଟିର କାର୍ଯ୍ୟକାରୀ ସଭାପତି ଗୁରୁକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁର ବାଡିଆମାନେ ଯୋଗଦେଇ ମେଳନର ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଚଳିତବର୍ଷ ମେଳନକୁ ଡିଜେ ବାଜା ନଆଣି ବରଂ ପାରମ୍ପରିକ ବାଦ୍ୟ ନେଇ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ପାରମ୍ପରିକ ବାଦ୍ୟ ଆଣିଲେ ସେମାନଙ୍କ ମେଢକୁ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଥିଲା ।

ସେହିପରି ଗତବର୍ଷ ମେଳନରେ ଆରସା ଓ ଗୁଡୁପାଳ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଖୁବଶୀଘ୍ର ସମାଧାନ କରାଯିବ ବୋଲି କମିଟି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଚଳିତବର୍ଷ ଠାକୁରବାଡିଆମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରି ଶୋଭାଯାତ୍ରାରେ ସେମାନଙ୍କ ନମ୍ବରରେ ଶୃଙ୍ଖଳିତ ଭାବେ ମେଳନ ପଡିଆ ଯାଏଁ ଯିବେ ।

ବୈଠକରେ ହୋଇଥିବା ସମସ୍ତ ନିଷ୍ପତ୍ତିକୁ ତିହିଡି ଆଇଆଇସି, ଜିଲ୍ଲାପାଳ ଓ ଏସ୍‌ପି ପ୍ରମୁଖଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇ ବୈଠକ ସାଙ୍ଗ କରାଯାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଗଣେଶ ପ୍ରସାଦ ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ରତିକାନ୍ତ ଦାସ, ଅଜୟ କୁମାର ରାଉତ, ଉମାକଲ୍ୟାଣ ମହାପାତ୍ର, ନିର୍ମଳ ଚନ୍ଦ୍ର ନାୟକ, କୀର୍ତ୍ତନ ନାରାୟଣ ରାଉତ, ରବି ନାରାୟଣ ପଣ୍ଡା, ଅପୂର୍ବ ଦାସ, ବେଣୁଧର ନାୟକ, ଶ୍ରୀକାନ୍ତ ପଣ୍ଡା, ଧର୍ମପଦ ଗ୍ରହାଚାର୍ଯ୍ୟ, ବିପ୍ଳବ କୁମାର ପତି, ପ୍ରଫୁଲ କୁମାର ରାଉତ, ଅଭୟ ନାୟକ ଓ ରତ୍ନାକର ପଣ୍ଡା ପ୍ରମୁଖଙ୍କ ସମେତ ଠାକୁର ବାଡିଆ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଫୁଲବାଣୀ ଜିଲ୍ଲା ପ୍ରେସ କ୍ଲବର ଦ୍ୱିବାର୍ଷିକ ନିର୍ବାଚନ

## ସୁନୀଲ ସଭାପତି, ତ୍ରିନାଥ ସମ୍ପାଦକ, ପ୍ରଶାନ୍ତ କାର୍ଯ୍ୟକାରୀ ସଭାପତି



ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ଜିଲ୍ଲା ପ୍ରେସକ୍ଲବର ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତୃତୀୟ ଥର ପାଇଁ ଶୁନୀଲ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା ଏବଂ ସମ୍ପାଦକ ଭାବେ ତ୍ରିନାଥ ସାହୁ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ପରିଚାଳନା ଦାୟୀତ୍ୱ ଦୁଇ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ପ୍ରେସକ୍ଲବ ସଭାପତି ଭାବେ କାର୍ଯ୍ୟ କରି ଆସିଥିବା ସୁବାସ ପ୍ରଧାନ ଓ ଫିଲି ମୋହନ ନାୟକ ସମ୍ପାଦନ କରିଥିଲେ ।

ପ୍ରଥମ ଥର ପାଇଁ ଜିଲ୍ଲା ପ୍ରେସ କ୍ଲବର ନିର୍ବାଚନ ବାଲାଟ୍ ପେପର ଜରିଆରେ କରାଯାଇଥିଲା । ସକାଳ ଏଗାରଟା ତିରିଶ ମିନିଟ୍ ରେ ମତଦାନ ଆରମ୍ଭ ହୋଇ ଅପରାହ୍ନ ଦୁଇଟା ତିରିଶ ମିନିଟ୍‌ରେ ଶେଷ ହୋଇଥିଲା । ମଧ୍ୟାହ୍ନ ଭୋଜନ ପରେ ଭୋଟ ଗଣତି ଶେଷ ହେବା ପରେ ଫଳାଫଳ ଘୋଷଣା ହୋଇଥିଲା । ଏଥିରେ ଆଗାମୀ ଦୁଇବର୍ଷ ପାଇଁ ଉପସଭାପତି ଭାବେ ସୁଜିତ କୁମାର ବେହେରା, ପ୍ରଶାନ୍ତ କୁମାର ପଣ୍ଡା ଓ ସହ ସମ୍ପାଦକ ଭାବେ ରମେଶଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିଲା । ପ୍ରେସ କ୍ଲବର ମୋଟ ୪୦ ଭୋଟର ଭୋଟ ଦେବା ପାଇଁ ବୈଧ ଥିବା ବେଳେ ସେଥିମଧ୍ୟରୁ ୩୮ ଜଣ ସଦସ୍ୟ ଭୋଟ ଦେଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ନିର୍ବାଚନ ପରିଚାଳନାରେ ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି ଓ ଅଜିତ ମହାରଣା ସହାୟତା କରିଥିଲେ ।

# ଜମୁଛି ଗୋପାଳପୁର ବେଳାଭୂମି ମହୋତ୍ସବ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା କଳା ସାହିତ୍ୟ ସଂସ୍କୃତିରେ ଭରପୁର ହୋଇ ଥିବାବେଳେ ଏହି କଳାକୁ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରସିଦ୍ଧି ଅର୍ଜନ କରିଛି । କଳା ସାହିତ୍ୟ ସଂସ୍କୃତିରେ ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଆଜି ବହୁପ୍ରତିକ୍ଷୀତ ଗୋପାଳପୁର ବେଳାଭୂମି ମହୋତ୍ସବର ଉଦଘାଟନ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ ।

ରାଜ୍ୟପାଳ ଡ. ହରି ବାବୁ କୁମ୍ଭମପାଟି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ପଲ୍ଲୀଶ୍ରୀ ମେଳାର ଉଦଘାଟନ କରିଥିବା ବେଳେ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିରେ ମୁମୁଦ୍ର ଆଳତି କରିଥିଲେ । ଗୋପାଳପୁର ବେଳାଭୂମି ମହୋତ୍ସବ ମହାସମାରୋହରେ ପାଳିତ ହୋଇଥିବା ବେଳେ ମହୋତ୍ସବ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ



କରିବ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମତବ୍ୟକ୍ତ କରିଥିଲେ । ଗୋପାଳପୁର ବେଳାଭୂମି ମହୋତ୍ସବକୁ ସଂସ୍କୃତି, ସାମୂହିକ ଅଂଶଗ୍ରହଣ, ପର୍ଯ୍ୟଟନ ପ୍ରଚାର, କ୍ରୀଡା, ଆଧ୍ୟାତ୍ମିକତା ପରିବେଶୀୟ ବୃହତ ଉତ୍ସବ ଭାବେ ଆୟୋଜନ କରାଯାଇଛି, ଯାହା ଗୋପାଳପୁରକୁ ବିଶ୍ୱସ୍ତରରେ ଏକ ଆକର୍ଷଣୀୟ ସମୁଦ୍ରତଟୀୟ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଚିତ କରିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି । ମହୋତ୍ସବକୁ ଅତି ସୁନ୍ଦର ଭାବରେ ପରିଚାଳିତ ହେବା ଉପରେ ଗୁରୁତ୍ୱ ଦିଆଯାଇଛ । ଅନ୍ୟତମ ଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥିବୀ ରାଜ ହରିଚନ୍ଦନ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ ।

ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଜିଲ୍ଲାପାଳ ଭି.କିର୍ତ୍ତୀଭାଷନ, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ଯୋଗଦେଇଥିଲେ ।

# ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ପାଳିତ



ବାରିପଦା, (ସବ୍ୟୁ) : ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି ।

ସ୍ମୃତି ସଭାରେ ଜିଲ୍ଲାର ନେତୃମଣ୍ଡଳୀ ମାନେ ଉପସ୍ଥିତ ରହି ଏହି ଅମ୍ଳାନ ଆତ୍ମା ସ୍ୱର୍ଗୀୟ ମାଝୀଙ୍କ ସ୍ମୃତିଚାରଣ କରିଥିଲେ । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ସ୍ମୃତିସଭା ଆୟୋଜନ ହୋଇଥିଲା । ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ସରୋଜ ମହାପାତ୍ର, ବରିଷ୍ଠ ଆଇନଜୀବି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସ୍ୱର୍ଗୀୟ ମାଝୀ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳ ଦୂଆ ସ୍ଥାନ ହୋଇଥିଲା ବୋଲି ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ଓ୍ୱାର୍ଡ କାଉନ୍‌ସିଲର ଅନନ୍ତ ଦାସ, ମହେଶ ଭଞ୍ଜଦେଓ, ଦେବାଶିଷ ପାତ୍ର, ସୁଧୀର ବାରିକ, ଶୈଳେନ୍ଦ୍ର ପାତ୍ର, ଶ୍ରାବଣୀ ଦାସ, ମୂର୍ଚ୍ଛନା ମହାନ୍ତି, ସବିତା ବେହେରା, ଲଲାଟେନ୍ଦୁ ବେହେରା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ, ଦିଗବିଜୟ ହାଁସଦାଃ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜୋନାଲ ସଭାପତି ଅବଦୁଲ ହବିବ, ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ, ସରୋଜ କୁମାର ବୋଷ, ଦିଲ୍ଲୀପ ପାତ୍ର, ଅଭୟ ସିଂ, ବିରଞ୍ଚି ମହାପାତ୍ର, ରାଜୀବ ଜେନା, ଶିବୁ ରଣା, ଅମିତ ବୈଠା, ଦୀପକ ମଡୁଆଲ, ଭୀଷ୍ମ ନାୟକ, ପିଙ୍କି ସାର ଓ ଏମଡି ଦାନିଷ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା ।

## ବୋନମେରୋ ରୋଗୀଙ୍କ ପାଇଁ ପ୍ଲେଟଲେଟ ଦେଲେ ରକ୍ତଦାତା ଡଃ ନିରୋଜ ପୋଥାଳ

ବାରିପଦା, (ସବ୍ୟୁ) : ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ, କଟକ ଠାରେ ବୋନମେରୋ ଚିକିତ୍ସିତ ରୋଗୀଙ୍କ ପାଇଁ ଜରୁରୀକାଳୀନ ପ୍ଲେଟଲେଟ ର ଆବଶ୍ୟକ ହେବାରୁ ଖବର ପାଇ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଯାଇ ନିଜର ପ୍ଲେଟଲେଟ ପ୍ରଦାନ କରିଛନ୍ତି ।

ଏହା ପୂର୍ବରୁ ଅନେକ ବାର ନିୟମିତ ଭାବରେ ଡଃ ନିରୋଜ କୁମାର ପୋଥାଳ ବାରିପଦାରୁ ଭୁବନେଶ୍ୱର, କଟକକୁ ଯାଇ ଡେଙ୍ଗୁ, କ୍ୟାନ୍ସର ଓ ବୋନମେରୋ ଚିକିତ୍ସିତ ରୋଗୀଙ୍କୁ ନିଜର ପ୍ଲେଟଲେଟ ଦାନ କରି ଆସୁଛନ୍ତି । ଆଜି ପର୍ଯ୍ୟନ୍ତ ୨୪ଥର ପ୍ଲେଟଲେଟ ଦାନ ସହ ସର୍ବମୋଟ ୧୩୪ଥର ନିଜର ରକ୍ତଦାନ କରି ଅନେକ ରାଜ୍ୟରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି ।

## କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ



କଟକ, (ସ୍ୱପ୍ର) : ସ୍ଥାନୀୟ ଚାନ୍ଦନୀ ଚୌକ ସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ରଞ୍ଜନ ବେହେରା ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ଓ ସଚିବ ଚିତ୍ତରଞ୍ଜନ ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଶ୍ମି ଅଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମାନିନୀ ସାହୁ ବିଶେଷ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ବିଶିଷ୍ଟ ଅତିଥି, ସମାଜସେବୀ ଓ ଉଦ୍ୟୋଗପତି ଚନ୍ଦନ କୁମାର ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟମାନଙ୍କ ପାଇଁ ଗଣତନ୍ତ୍ର ଦିବସର ଗୁରୁତ୍ୱ ବିଷୟରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମର ବିଶେଷ ଆମନ୍ତ୍ରିତ ଅତିଥି ଭାବେ ଇନର୍ ହ୍ୱିଲ୍ କ୍ଲବ୍, କଟକ୍ ମିଡ୍-ଟାଉନର ସଦସ୍ୟ ସଚିବ ଲୋପାମୁଦ୍ରା ତ୍ରିପାଠୀ, ସମ୍ପାଦକ କବିତା ସାହୁ, କୋଷାଧ୍ୟକ୍ଷ ଉର୍ମିଳା ବେହେରା, ପୂର୍ବତନ ସଭାପତି ମିତା ଦେବେତା, ସଂଯୁକ୍ତା ମଲ୍ଲିକ ଓ ସୁବଧା ମିଶ୍ର ଯୋଗ ଦେଇଥିଲେ । ଇନର୍ ହ୍ୱିଲ୍ କ୍ଲବ୍ ସଦସ୍ୟମାନେ ଛାତ୍ରଛାତ୍ରୀମାନଙ୍କୁ ବିସ୍କୁଟ୍ ଓ ଟ୍ରଫି ବଣ୍ଟନ କରିବା ସହିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରିଥିଲେ ।

# ଚଣ୍ଡିଖୋଲରେ ୮ ଘଣ୍ଟିଆ ଧର୍ମଘଟ ସଫଳ: ଜନଜୀବନ ପ୍ରଭାବିତ



ଚଣ୍ଡିଖୋଲ, (ସବ୍ୟୁ) : ଧାନ କିଣାରେ ରାଜ୍ୟବ୍ୟାପୀ ଅବ୍ୟବସ୍ଥା, ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଜୋରିମାନା ଆଦାୟ, ଓ ଗାଡି ମାଲିକଙ୍କୁ ଅତ୍ୟାଚାର ସହିତ ଟାଟା କମ୍ପାନୀ ଦ୍ଵାରା ପ୍ରଚଳିତ ସ୍ମାର୍ଟ ମିଟର ବ୍ୟବହାର କରି ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ଲଦିବା ପ୍ରତିବାଦରେ ବୁଧବାର ଦିନ ନବନିର୍ମାଣ କୃଷକ ସଂଗଠନ ଆହ୍ଵାନରେ ୮ ଘଣ୍ଟିଆ ଓଡିଶା ବନ୍ଦ ଓ ଧର୍ମଘଟ ଚଣ୍ଡିଖୋଲ ଓ ବଡଚଣାରେ ସଫଳ ହୋଇଛି ।

କଂଗ୍ରେସ ଓ ବିଜେଡି ଓ ବାମପନ୍ଥୀ ଦଳ ପକ୍ଷରୁ ସମର୍ଥନ କରାଯାଇ ଥିବାରୁ ଏହି ଧର୍ମଘଟ ଚଣ୍ଡିଖୋଲରେ ବେସ ପ୍ରଭାବି ହେବା ସହ ଜନଜୀବନ ପ୍ରଭାବିତ ହୋଇଥିଲା। ଧର୍ମଘଟରେ ବିଜେଡି ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରି ରାସ୍ତାକୁ ଆସିନଥିଲେ ନୈତିକ ସମର୍ଥନ ଦେଇଥିଲା। ତେବେ କଂଗ୍ରେସ ନେତା ଓ କର୍ମୀ ମାନେ ରାସ୍ତାରେ ବସି ହରତାଳ କରି ଗାଡିମଟର ଅଟକାଇଥିଲେ। ଏଠାରେ ଦୋକାନ ବଜାର ସହିତ ସରକାରୀ ଓ ବେସରକାରୀ ଦପ୍ତର ବନ୍ଦ ରହିଥିଲା। ସକାଳ ୬ଟାରେ କଂଗ୍ରେସ ଓ ନବନିର୍ମାଣ କୃଷକ ସଂଗଠନର ସମର୍ଥକ ମାନେ ରାସ୍ତା ଉପରେ ପିକେଟିଂ କରିଥଲେ। ପରେ ଚଣ୍ଡିଖୋଲ ଛକ ଟ୍ରାଫିକ ଉପରେ ବଡଚଣା କଂଗ୍ରେସ ନେତା ଅଜୟ ସାମଲ ଓ ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଜାତୀୟ ରାଜପଥ ଉପରେ ପ୍ରତିବାଦ ସଭା କରିଥିଲେ। ଫଳରେ ଜାତୀୟ ରାଜପଥର ଚାରିପଟେ ଶହ ଶହ ଗାଡିମଟର ଅଟକି ରହିଥିଲା।

ଏଥିସହିତ ଛତିଆ, ବାଲିଚନ୍ଦ୍ରପୁର, ବାଲିକୁଦା ଠାରେ ନବନିର୍ମାଣ କୃଷକ ସଂଗଠନର ସମର୍ଥକ ମାନେ ରାସ୍ତା ରୋକ କରିଥିଲେ। ମାନଗୋବିନ୍ଦ ଦାସ, ସଞ୍ଜୟ କର, ନାରାୟଣ ଦାସ ସନ୍ତୋଷ କୁମାର ପରିଡ଼ା, ମଶ୍ରୁଲ୍ ଖାଁ, ମହେଶ୍ୱର ମହାପାତ୍ର , କାହ୍ନୁ ଚରଣ ଦାସ, ନଗେଶ ଜେନା, ନବନିର୍ମାଣ କୃଷକ ସଂଗଠନରର ଯାଜପୁର ଜିଲ୍ଲା ସଂଯୋଜକ ଅଶୋକ ଶାନ୍ତି, ବ୍ଲକ୍ ସଂଯୋଜକ ମାଧବ ଶାନ୍ତି, ଅଖିଳ ଭାରତ କୃଷକ ସଭା ଯାଜପୁର ଜିଲ୍ଲା ସଭାପତି ରଞ୍ଜନ କୁମାର ଜେନା, କମ୍ରେଡ ସୁକାନ୍ତ ଜେନା, ଧୀରେନ୍ଦ୍ର କୁମାର ଜେନା, ଯୁଧିଷ୍ଠିର ଜେନା, ଭଗବାନ୍ ପଣ୍ଡା, ଅରୁଣ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ଖଣ୍ଡାୟୀ, ଭ୍ରମରବର ନାୟକଙ୍କ ସମେତ ଶତାଧିକ ଚାଷୀ ଓ ବାମପନ୍ଥୀ ନେତା ଏହି ଧର୍ମଘଟରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବଡଚଣା ଥାନା ଅଧିକାରୀ ସୁରେନ୍ଦ୍ରକୁମାର ଜେନା, ବୈରୀ ଥାନା ଅଧିକାରୀଣୀ ଅଂଶୁମାଳା ଦାସ ପୋଲିସ ଫୋର୍ସ ସହିତ ଉପସ୍ଥିତ ରହିଥିଲେ। ଦିନ ୨ଟାରେ ଧର୍ମଘଟ ପ୍ରତ୍ୟାହୃତ ହେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥଲା ।

# ମଧୁମାଟି ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ସାଲେପୁର ,(ସବ୍ୟୁ) :ସାଲେପୁର ଅଂଚଳର କାର୍ଯ୍ୟରତ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ନୂତନ ଭାବେ ମଧୁମାଟି ସାମ୍ବାଦିକ ସଂଘ ଗଠିତ ହୋଇଯାଇଛ । ସ୍ଥାନୀୟ ପୁରାଣ ପ୍ରସିଦ୍ଧ ଚୌକିବଟ ପରିସରରେ ଆୟୋଜିତ ବୈଠକରେ ସାମ୍ବାଦିକ ବିରଞ୍ଚି ନାରାୟଣ କର ପୌରହିତ୍ୟ କରିଥିଲେ । ସାମ୍ବାଦିକ ପ୍ରଦୀପ୍ତ ପରିଜାଙ୍କ ପ୍ରସ୍ତାବ କ୍ରମେ ପ୍ରଥମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ।

ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ର,ବିସ୍ମିତ ଜେନା,ଚିତ୍ତ ରଂଜନ କର,ଉମାକାନ୍ତ ଜେନା,ନାରାୟଣ ଓଝା,ରତିକାନ୍ତ ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସଭାପତି ଭାବେ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା,ସମ୍ପାଦକ ବିରଞ୍ଚି ନାରାୟଣ କର, ଉପସଭାପତି ପ୍ରଦୀପ୍ତ କୁମାର ପରିଜା,ସହ ସମ୍ପାଦକ ବିନୟ କୁମାର ଦାଶ,ସନ୍ତୋଷ କୁମାର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଭାବେ ଚିତ୍ତ ରଂଜନ ମୁଦୁଲି,ଗୁଲରେଜ ଅଲ୍ଲୀ, ସାଂସ୍କୃତିକ ସମ୍ପାଦକ ଭାବେ ସେକ ରହିମ ଉଦ୍ଦିନ୍,ବିଶ୍ୱଜି ଦଲାଇ,ଦୀପକ କୁମାର ଷଡ଼ଙ୍ଗୀ,ଅଚ୍ୟୁତା ନନ୍ଦ ଦୀକ୍ଷିତ,ସନ୍ତୋଷ କୁମାର ସାହୁ ଓ କୋଷାଧକ୍ଷ ଭାବେ ଅମୀୟ ରଂଜନ ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି । ପରେ ନୂତନ କର୍ମକର୍ତ୍ତା ଙ୍କୁ ସଂଘର ସଭ୍ୟମାନେ ଉତ୍ତରୀୟ , ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମଧୁ ମାଟି ସାମ୍ବାଦିକ ସଂଘ ପକ୍ଷରୁ ଆଗାମୀ ଦିନରେ ସାଲେପୁର ଅଞ୍ଚଳରେ ବିଭିନ୍ନ ପ୍ରକାରର ସମାଜ କଲ୍ୟାଣ କାରୀ କାର୍ଯ୍ୟ ହାତକୁ ନିଆଯିବ ସହିତ ସଂଘର ଲକ୍ଷ୍ୟ ,ଆଭିମୁଖ୍ୟ ଓ କାର୍ଯ୍ୟପନ୍ଥା ବିଷୟରେ କର୍ମକର୍ତ୍ତା ମାନେ ଆଲୋଚନା କରିଥିଲେ । ସାମ୍ବାଦିକ ବିସ୍ମିତ ଜେନା ଧନ୍ୟବାଦ ଦେଇଥିଲେ ।

# ଟାଟା ଷ୍ଟିଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ବ୍ୟାସନଗର, (ଜିପ୍ର) : ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କଳିଙ୍ଗନଗର ସ୍ଥିତ ଟ୍ରେନିଂ ସେଣ୍ଟରର ଡିଇଟି ପଡ଼ିଆରେ ଆୟୋଜିତ ସମାରୋହରେ ଟାଟା ଷ୍ଟିଲ୍ ଭାଇସ ପ୍ରେସିଡେଣ୍ଟ ଉତ୍ତମ ସିଂ ଜାତୀୟ ପତାକା ଉତ୍ତୋଳନ କରି ଦେଶର ଗଣତାନ୍ତ୍ରିକ ଐତିହ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଟିଏସକେର ବରିଷ୍ଠ ଅଧିକାରୀ, ୟୁନିୟନ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ । ପତାକା ଉତ୍ତୋଳନ ପରେ ସୁରକ୍ଷା କର୍ମୀଙ୍କ ଦ୍ଵାରା ପ୍ୟାରେଡ୍ ଏବଂ ସ୍ୱତନ୍ତ୍ର "ମକ୍ ଡ୍ରିଲ୍' ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସାହସିକତା ପ୍ରଦର୍ଶନ କରିଥିବା କେତେକ ସୁରକ୍ଷା କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା ।

ଅନୁରୂପ ଭାବେ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଏବଂ ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ ଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏନଆଇଏନଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଦ୍ମପାଳ ଏବଂ ଟିଏସଡିପିଏଲ କଳିଙ୍ଗନଗରର ମୁଖ୍ୟ ରାଜେଶ ଚୌଧୁରୀ ନିଜ ନିଜ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

# କରଦା ହରିହାଟ ମହୋତ୍ସବ ଉଦ୍‌ଘାଟିତ

ପାଣିକୋଇଲି, (ସବ୍ୟୁ) : ଶତାଧିକ ବର୍ଷ ପୁରାତନ ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ଗଣପର୍ବ ହରିହାଟ ମେଳା ଗତ ମାଘସପ୍ତମୀରେ ଶୁଭାରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଦିନ ମହୋତ୍ସବ ଉଦ୍‌ଘାଟନ ହୋଇଯାଇଛି । ଆୟୋଜିତ ଉକ୍ତ ମହୋତ୍ସବକୁ ମୂଖ୍ୟ ଅତିଥିଭାବେ କୋରାଇ ବିଧାୟକ ଆକଶ ଦାସନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହୋସିବ କମିଟି ପକ୍ଷରୁ ବିଶ୍ୱନାଥ ପଣ୍ଡା ସମ୍ପାଦକୀୟ ବିବିରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ,ମେଳା କମିଟିର ସମ୍ପାଦକ ଗଣେଷ ସାହୁ, କରଦା ସରପଂଚ ଅନିମା ମଳିକ ଓ ସମିତି ସଭ୍ୟା ପଙ୍କଜିନୀ ସାହୁ, କରଦା ପଂଚାୟତ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ମଠାଧିଶ କୃଷ୍ଣଚନ୍ଦ୍ର ଦାସ, ମେଳା କମିଟିର ସଭାପତି ଚିନ୍ତାମଣୀ ବେହେରା, ବିଜେପି ମଣ୍ଡଳ ସଭାପତି ଭାସ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମ୍ମହୋସିବ କମିଟି ପକ୍ଷରୁ ଦୁର୍ଗା ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ପାଣିକୋଇଲି ଅଂଚଳର କାର୍ଯ୍ୟରତ ଗଣମାଧ୍ୟମର ସମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ଉକ୍ତ ମହୋତ୍ସବରେ ଯାଜପୁର ଜିଲ୍ଲା ଓରମାସ ଓ ନାବାର୍ଡ଼ ତରଫରୁ ବିଭିନ୍ନ ହସ୍ତତନ୍ତ ଓ କାଇଁଚରେ ତିଆରି ସାମଗ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପକ୍ଷରୁ ବିଭିନ୍ନ ବାଣିଜ୍ୟିକ ଷ୍ଟଲ ମନ ପ୍ରଦର୍ଶନ କରାଯାଇଥିଲା ।

ସଭା ପରେ ସ୍ଥାନୀୟ କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ମା କଳା ପରିଷଦ ଓ କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଚଳଚିତ୍ର ଅଭିନେତ୍ରୀ ପୁନମଙ୍କ ଉପସ୍ଥିତି ଦର୍ଶକଙ୍କୁ ବିଭୋର କରିଥିଲା। ସେହିପରି ମେଳାରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ପିଲାମାନେ ଦୋଳିର ମଜା ଉଠାଇଥିଲେ । ଯୁବକ ଯୁବତୀ ମାନେ ଆଇ ଲଭ ହରିହାଟର ସେଲଫି ପଏଂଟ ଠାରେ ଛିଡ଼ା ହୋଇ ନିଜ ନିଜର ଫଟୋ ଉଠାଇଥିଲେ । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ ପୁରସ୍କାର ବିତରଣ ସଭା

କୁଆଖିଆ , (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ଦ୍ଵିପାଞ୍ଚଳ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସଭା ପ୍ରଧାନ ଶିକ୍ଷୟିତ୍ରୀ ମମତା ମୟୀ ଖୁଣ୍ଟିଆଙ୍କ ସଭାପତିବ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ବ୍ଲକ ଏ ବି ଇ ଓ ଅରୁଣ କୁମାର ସେଠି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବି ଆର ସି ସି ପ୍ରଭାକର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଆରସିସି ପ୍ରଦୀପ କୁମାର ସାମଲ, ସି ଆର ସି ସି ବିଶ୍ୱଜିତ ସେଠି, ଏସ ଏମ ସି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସାଟିଫିକେଟ ଓ ପୁରସ୍କାର ବଣ୍ଟନ କରିଥିଲେ । ଉତ୍ସବରେ ସ୍କୁଲରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ବାଙ୍କ ବିହାରୀ ସେଠିଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷକ ପବିତ୍ର ସ୍ୱାଇଁ ଅତିଥି ପରିଚୟ ଓ ସୁକାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳ ଓ ବାର୍ଷିକ ଉତ୍ସବକୁ ଶିକ୍ଷକ ସରୋଜ କୁମାର ମହାରଣା, ସୌମେନ୍ଦ୍ର ବୋଇତାଇ, ବିରଜା କୁମାରୀ ସାହୁ, ନିରଞ୍ଜନ ତରାଇ ଓ ସ୍କୁଲ କମିଟି ସଭ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

# ବନ୍ତଳା ପଞ୍ଚାୟତରେ ଶିଳାନ୍ୟାସ, ଉଦ୍‌ଘାଟନ ଓ ସମ୍ବର୍ଦ୍ଧନା



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକର ବନ୍ତଳା ପଞ୍ଚାୟତରେ ବୁଧବାର ଦିନ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦଘାଟନ,ଶିଳାନ୍ୟାସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି ପଞ୍ଚାୟତର ବନ୍ତଳା, ଉପୁଳା, କପାଷ୍ଟିକିରି, ବାରିମୂଳ, ବରୀଠେଙ୍ଗଡ଼ ଆଦି ଗ୍ରାମରେ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ ହୋଇଥିଲା ବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଦିବଂଗତ ସମାଜସେବୀ କ୍ଷୀରୋଦଚନ୍ଦ୍ର ପ୍ରତାପଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରେଶ ବଳବନ୍ତରାୟଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା ।

ଏହି ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ନାୟକକୁମାର ନାୟକ ଯୋଗଦେଇ ବଡଚଣା ଏବେ ବିକାଶ ପଥରେ ଆଗକୁ ଚାଲିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହିସବୁ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାଷଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଯଚିନ୍ଦ୍ରପ୍ରସାଦ ନାୟକ, ଅରବିନ୍ଦ ସାମଲ,ବିଡ଼ିଓ ରବୀନ୍ଦ୍ରକୁମାର ପ୍ରଧାନ, ଲଲାଟେନ୍ଦୁ ମହାପାତ୍ର, ବିମଳ ପ୍ରଧାନ, ଦୀପକକୁମାର ପ୍ରତାପ, ଭାବଗ୍ରାହୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଣି ବିଭାଗର ଚଢାଉ ମାଟି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି,(ସବ୍ୟୁ) : ଯାଜପୁର ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ଚୋରି ଉପରେ ଚଢାଉ ଜାରି ରହିଛି। ବାଲି ଚୋରି ପରେ ଏବେ ମାଟି ଚୋରି ଆରମ୍ଭ ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଠାରୁ ମାଟି ଚୋରା ଚାଲାଣର ଖବର ପାଇ ଖଣି ବିଭାଗ ଚଡାଉ କରିଥିଲା। ବେଆଇନ ଭାବେ ଦୁଇ ଟ୍ରାକ୍ଟରରେ ମାଟି ଚାଲାଣ ହେଉଥିବା ଦେଖି ଖଣିବିଭାଗ ଅଧିକାରୀ ବିଶ୍ୱଜିତ ସ୍ୱାଇଁଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ମାଟି ବୋଝେଇ ଟ୍ରାକ୍ଟର ଦୁଇଟି କୌଣସି କାଗଜାଦି ନଥିବାରୁ ଉକ୍ତ ଦୁଇ ଟ୍ରାକ୍ଟରକୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି। ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରହିଛି ।

# ନୂତନ ସମବାୟ ସମିତି ଗୃହ ଉଦ୍‌ଘାଟନ

ରଘୁନାଥପୁର ,(ସବ୍ୟୁ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ସ୍ଥିତ ନୂତନ ସମବାୟ ସମିତି ଗୃହ ଓ ପ୍ରାଣୀଧନ ସହାୟକ କେନ୍ଦ୍ରକୁ ଆଜି ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ବେହେରା, ତଅଁରା ସରପଂଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ ବିଶ୍ୱଜିତ ଦାଶ, କୋଅପରେଟିଭ ବ୍ୟାଙ୍କ ରଘୁନାଥପୁର ଶାଖା ପରିଚାଳକ ଅଜୟ କୁମାର ପରିଡ଼ା, ସମିତି ସଭାପତି ପ୍ରଦିପ୍ତ କୁମାର ମହାନ୍ତି,ସମିତି ସଂପାଦକ ଜଗନ୍ନାଥ ସ୍ୱାଇଁ, ଏଡିଓ ସଂଧ୍ୟାରାଣୀ ସ୍ୱାଇଁ ଙ୍କ ସମେତ ସମସ୍ତ କ୍ରୟ କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ କେତେକ ଚାଷୀଙ୍କୁ ସମିତି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ନେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳାର ନେସନ ପକ୍ଷରୁ ୨୩ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜାରକା ଫ୍ଲାଏ ଓଭର ବ୍ରିଜ୍ ତଳେ ଏକ ଭ୍ରାମ୍ୟମାଣ ବସରେ ଅନୁଷ୍ଠିତ ହୋଇଛି ।ନେସନ ଅନୁଷ୍ଠାନର ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ରକ୍ତଦାନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ ।

ଉକ୍ତ ଶିବିରରେ ୬୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । କଟକ ସେଂଟ୍ରାଲ ରେଡକ୍ରସ ବ୍ଲଡ଼ବ୍ୟାଙ୍କର ଅଭିଜ୍ଞ ଡାକ୍ତରମାନେ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ତଥା ସମାଜସେବୀ ମାଧୁରୀ ଶତପଥୀ, ବିଜେପି ନେତା କାହ୍ନୁ ଚରଣ ଦାଶ, ପରିବେଶବିତ ଶ୍ରୀନିବାସ ଜେନା, କଲେଜ ଅଧ୍ୟକ୍ଷ ଡ଼. କୃଷ୍ଣଚନ୍ଦ୍ର ପାତ୍ର, ଧର୍ମଶାଳା ପ୍ରେସ କ୍ଲବର ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ, ସୀତାକାନ୍ତ ସାମଲ, ସମ୍ପାଦକ ଅବିନେଶ୍ୱର ଶତପଥୀ, ରୋଟାରିଆନ୍ ପ୍ରଦୀପ୍ତ ବରାଳ, ବିନୋଦ ବିହାରୀ ପରିଡା, ପ୍ରମୋଦ ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

କାର୍ଯ୍ୟକ୍ରମକୁ ସାମ୍ବାଦିକ ଗିରିଧାରୀ ବେହେରା, ବିନୋଦ ବିହାରୀ ସାହୁ, ବିକ୍ରମ କେଶରୀ ମହାନ୍ତି, ସନ୍ତୋଷ ଓଝା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆୟୁଷି ସ୍ମାର୍ଟ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ଓଳାଭର ସ୍ଥିତ ଆୟୁଷି ସ୍ମାର୍ଟ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପରିଚାଳକ ସନ୍ତୋଷ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡା.ଦେବସ୍ମିତା ଶର୍ମା, ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବ୍ଲକ ର ବିଡ଼ିଓ ସଞ୍ଜିବ ମହାପାତ୍ର ଓ ସମ୍ମାନିତ ଅତିଥି ସମାଜସେବୀ ନିହାର ରଞ୍ଜନ ସ୍ୱାଇଁ, ବଳରାମ ପୁରୁ ପଞ୍ଚାୟତର ସରପଞ୍ଚ ସର୍ଣ୍ଣଲତା ବେହୁରା,ସମିତି ସଭ୍ୟା ଅଞ୍ଜନା ସାହୁ ପ୍ରମୁଖ ଯୋଗ ଦେଇ ସମାଜର ପାଠ ପଢାର ଗୁରୁ ବିଷୟରେ ଅବଗତ କରାଇଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ରଶ୍ମିରେଖା ବରାଳା ଓଲିଉଡ ତାରକା ଟ୍ୱିଙ୍କଲ ମିଶ୍ର ଯୋଗ ଦେଇ ଗୀତ ନାଚ ମାଧ୍ୟମରେ ପିଲାମାନଙ୍କର ମନୋରଞ୍ଜନ କରାଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ରଶ୍ମିତା ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଦିବ୍ୟଜ୍ୟୋତି ରାଉତ, ପ୍ରଜ୍ଞା ପାରମିତା ପୃଷ୍ଟି, ମିତାଲି ମଧୁସ୍ମିତା ନାଥ, କଲ୍ୟଣୀମୟୀ ଦାସ, ରୁପାଲି ଦଳାଇ, ଦେବରତି ସାହୁ, ଜୟରାମ ମହାନ୍ତି, ଏସ୍.କେ ତସିଫ ଅଲ୍ଲି, ସୁଦୀପ୍ତ ସାହୁ, ସ୍ମୃତିରେଖା ବେହେରା, କବିତାରାଣୀ ସାହୁ, ଅପରୁପା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କରେ ସାଧାରଣତନ୍ତ୍ର ଦିବସ




କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ କଜଳାସ୍ଥିତ ମୁଖ୍ୟ ଶାଖା ପରିସରରେ ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଭାପତି ଶ୍ରୀ ମହାନ୍ତି କହିଥିଲେ ଯେ ଯେଉଁ ବରପୁତ୍ରମାନେ ଆମଦେଶକୁ ଏକ ସାର୍ବଭୌମ, ସାଧାରଣତନ୍ତ୍ର ଦେଶ ଭାବେ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଆମେ ଆଜି ସେହିମାନଙ୍କୁ ସ୍ମରଣ କରିବା ଉଚିତ। ଏଥିସହିତ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟ, ସାଧୁତା ଓ ଦକ୍ଷତା ଯେଭଳି ଥିଲା ଆମେ ଆଜି ଏହି ଶୁଭ ଅବସରରେ ତାକୁ ମନେ ପକାଇ ନିଜ ନିଜର କର୍ତ୍ତବ୍ୟ କର୍ମକୁ ଆଗେଇ ନେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ମହେନ୍ଦ୍ର ପରିଡା, ପ୍ରଫୁଲ୍ଲ ସାହୁ, ବିଧୁଭୂଷଣ ମହାପାତ୍ର, ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ସୁରେଶ ପରିଡା, ହିମାଂଶୁ ଲେଙ୍କା, ଲଲାଟେନ୍ଦୁ କେଶରୀ ଦାସ, ମିନାକ୍ଷୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ପିଆଇସିଟରେ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦ୍ୱୀପ, (ଜି.ପ୍ର): ପାରାଦ୍ୱୀପ ଇଣ୍ଟର ନ୍ୟାସନାଲ କାରଗୋ ଟର୍ମିନାଲ (ପିଆଇସିଟି) ରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଟର୍ମିନାଲଭିତରେ ଟର୍ମିନାଲ ମୁଖ୍ୟ ରାଜେଶ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସୁରକ୍ଷା କର୍ମୀ ଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡର ଅଭିଭାଦନ ଗ୍ରହଣ କରିଥିଲେ। ଆଗାମୀ ଦିନରେ ପିଆଇସିଟି ତାର ପଣ୍ୟ କାରବାର କ୍ଷମତା ଅଭିବୃଦ୍ଧି ଦିଗରେ ବେସ ଯତ୍ନଶୀଳ ହେବାକୁ ଯାଉଥିବା ଶ୍ରୀ ନାୟକ ତାଙ୍କ ଉଦବୋଧନରେ ପ୍ରକାଶ କରିଥିଲେ । ଶ୍ରମିକ ଓ ସେମାନଙ୍କ ପରିବାର ଏହି ଉତ୍ସବ ରେ ଯୋଗଦାନ କରିଥିବା ବେଳେ ଭିନ୍ନ ଢଙ୍ଗର ସାଂସ୍କୃତିକ କାର୍ଯ୍ୟକ୍ରମ ଟର୍ମିନାଲ ଭିତରେ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଟର୍ମିନାଲର ମାନବସମ୍ବଳ ଅଧିକାରୀ ଶେଷଦେବ ପଣ୍ଡା ପରିଚାଳନା କରିଥିଲେ ।

# ଶିକ୍ଷକଙ୍କ ବିୟୋଗରେ ଶୋକସଭା

କୋରେଇ, (ସବ୍ୟୁ): କୋରେଇ ଶିକ୍ଷା ମଣ୍ଡଳ ଅଧିନ ବରୁଣ୍ଡେଇ କ୍ଲଷ୍ଟର ପକ୍ଷରୁ ଶିକ୍ଷକ ଅବଦୁଲ ମୋରାଦ ଖାଁଙ୍କ ଅକାଳ ବିୟୋଗରେ ବରୁଣ୍ଡେଇ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ନାରାୟଣ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ନାରାୟଣ ମିଶ୍ର ପରିଚାଳନା କରିଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଯୋଗଦେଇ ଖାଁଙ୍କ ଗୁଣଗାନ କରିବା ସହ ତାଙ୍କର ଅମରଆତ୍ମାର ସଦଗତି କାମନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସିଆରସିସି ବିଜୟ କୁମାର ପରିଡ଼ା, ଅବଦୁଲ ମୁସ୍ତାକିନ ଖାଁ, ମହେଶ୍ୱର ବେହେରା, ରଙ୍ଗାଧର କାଣ୍ଡି, ଗୌରାଙ୍ଗ ଜେନା, ଅବସର ପ୍ରାପ୍ତ ଶିକ୍ଷକ ଦୁଃଶାସନ ସାମଲ, ପୂର୍ଣ୍ଣଚନ୍ଦ୍ର ଦାସ, କଳ୍ପନା ସାହୁ, ନାରାୟଣ ଶତପଥି, ହୃଷିକେଷ ସାହୁ, ସୁଶାନ୍ତ ଶିଅଳ, ସନ୍ତୋଷ ଦିକ୍ଷିତ, ରମେଶ ଚନ୍ଦ୍ର ସାହୁ, ଝରଣା ପାତ୍ର, ଜାହ୍ନବୀ ଦାସ, ମିତାଲିମଧୁମିତା ମିତ୍ର, ଜୟଶ୍ରୀ ଜେନା, ଅନୁ ଓଝାଙ୍କ ସମେତ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜିନ୍ଦଲ ପ୍ରୋତ୍ସାହନରେ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ବ୍ୟାସନଗର, (ଜିପ୍ର) : ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ତ୍ରିଜଙ୍ଗା ବିସ୍ଥାପନ କଲୋନି ଅଞ୍ଚଳର ଇଡକୋ ଗ୍ରାଉଣ୍ଡରେ ଏକ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା । ଯେଉଁଥିରେ ସୁକିନ୍ଦା ଏବଂ ଦାନଗଦୀ ବ୍ଲକର ପାଞ୍ଚଟି ଗାଁର ପିଲାମାନେ ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେସନ୍‌ର କ୍ରୀଡା ବିକାଶ ପଦକ୍ଷେପ ଅଧୀନରେ ନିୟମିତ ଫୁଟବଲ୍ ତାଲିମ ନେଉଥିବା ପିଲାମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଗତ ଦୁଇ ବର୍ଷ ଧରି ୯ ରୁ ୧୩ ବର୍ଷ ବୟସର ପିଲାମାନଙ୍କୁ ସଂରଚିତ ଫୁଟବଲ୍ ପ୍ରଶିକ୍ଷଣ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛି ।

ଏହି ପଦକ୍ଷେପର ଲକ୍ଷ୍ୟ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡାପ୍ରେମକୁ ପ୍ରୋତ୍ସାହିତ କରିବା । ଟୁର୍ଣ୍ଣାମେଣ୍ଟରେ ତିନୋଟି ଲିଗ୍ ମ୍ୟାଚ୍, ଦୁଇଟି ସେମିଫାଇନାଲ ମ୍ୟାଚ୍ ଏବଂ ଏକ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଫାଇନାଲରେ କଲାଙ୍ଗି ଦଳ ଚାମ୍ପିଅନ୍ ଭାବରେ ବିଜୟୀ ହୋଇଥିଲା, ଯେତେବେଳେ ବେଣାପାଟିଆ ଦଳ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା । କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସଚିବ ସମ୍ବିତ କୁମାର ମହାନ୍ତି, ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ କାଗେଜୀ ପାତ୍ର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।

# ଓଡ଼ିଆ ସମାଜ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ନାଉଗାଁ, (ସବ୍ୟୁ): ପଶ୍ଚିମବଙ୍ଗର କଲିକତା ସହର ଅନ୍ତର୍ଗତ ଖେଦିପୁର ସ୍ଥିତ ଅରଫାନ ଗଞ୍ଜ ରୋଡ଼ରେ ଅବସ୍ଥିତ ନୀଳଶୈଳ ଓଡ଼ିଆ ସମାଜ ପକ୍ଷରୁ ଭାରତର ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି।

ଏହି ଅବସରରେ ସମାଜସେବୀ ରାଜା ନାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସଭାରେ ନୀଳଶୈଳ ଓଡ଼ିଆ ସମାଜର ସଭାପତି ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ସଭାରେ ବକ୍ତାମାନେ ଭାରତୀୟ ସଂବିଧାନର ମୂଲ୍ୟବୋଧ, ଗଣତନ୍ତ୍ରର ମହ%୦ ଓ ଦେଶ ପ୍ରତି ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ମହାନ୍ତି, ସୁପନ ସ୍ୱାଇଁ, ଟୁକୁ ପରିଡା, ରାଜୁ ନାଗ, ମୋହନ, ବିଭୁ ପ୍ରସାଦ ମହାନ୍ତି, ଲାଲୁଟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାର୍ଥକ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସର ଜାତୀୟ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଜିଲ୍ଲାପାଳ ମଧୁମିତା ରଥ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟତା ବୋଧକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସ୍ୱତନ୍ତ୍ର ଦିବସରେ ଅବସରରେ ସହରରେ ରାମଧୂନ ଗାନ ରଥ ଭ୍ରମଣ କରିଥିଲା। ସକାଳ ସାଢ଼େ ୭ଟାରେ ଜିଲ୍ଲାପାଳ ଶ୍ରୀମତୀ ରଥ ଜିଲ୍ଲା କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରି ସେଠାରୁ ସହରସ୍ଥିତ ମହାତ୍ମା ଗାନ୍ଧି ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସମ୍ମାନ ଜଣାଇଥିଲେ। ସାଥିରେ ପୌରପରିଷ ଅଧ୍ୟକ୍ଷ ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାସ, ଜିଲ୍ଲା ପରିଷଦ ସଂଯୋଜକ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଏବଂ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ସମାରୋହରେ ସାମିଲ ହୋଇଥିଲେ।

# ଦୁଇ ହାଇୱା ଜବତ: ବେଆଇନ ମାଟିବାଲି ଚାଲାଣ ଉପରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗୋପ,(ସବ୍ୟୁ): ଗୋପ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ ସରକାରୀ ଜମି ତଥା ଗୋଚର,ଅନାବାଦୀ,ଜଳାଶୟ ଓ ସରକାରୀ ଜମିରୁ ବେଆଇନ ଭାବେ ମାଟି,ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତି ବିଶେଷ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଏହି ଚୋରା ଚାଲାଣ ହେଉଥିବା ଗାଡ଼ି ଗୁଡ଼ିକୁ ଜବତ କରାଯିବ ବୋଲି ମଙ୍ଗଳବାର ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ କହିଛନ୍ତି। ଏପରି କି ସୋମବାର ଓ ମଙ୍ଗଳବାର ଦୁଇ ଗୋଟି ବେଆଇନ ବାଲି ନେଉଥିବା ହାଇୱାକୁ ଜବତ କରି ଗୋପ ଥାନାରେ ଜିମା ଦେଇଥିବା ଜଣା ପଡିଛି। ଗତ କିଛି ଦିନ ଧରି ଗୋପ ତହସିଲ କାର୍ଯ୍ୟାଳୟ ଅଧୀନ ଗୋପ, ଗଣେଶ୍ୱରପୁର,ଅଣ୍ଡରା-ଇଛାପୁର, କୁଆଁପଡା, ଡଭାର, ରାହାଁଗୋରୋଡ, ଡଭାର, ମହଳପଡା,ବନଖଣ୍ଡି,ସୁତନ, ତରକର,ବଡ଼ଗାଁ ନାଗପୁର ପଞ୍ଚାୟତ ସହିତ ଆଉ କେତକ ପଞ୍ଚାୟତରେ ବିଭିନ୍ନ ସମୟରେ ବେଆଇନ ଭାବେ କେତେକ ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠା ଯାଉଛି। ଏମିତି କି କେତେକ ସ୍ଥାନରେ ଜଳସମ୍ପଦ ବିଭାଗ ଓ ଗ୍ରାମ୍ୟ ଉର୍ଣ୍ଣାୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର ନଦୀବନ୍ଧ, କେନାଲ ବନ୍ଧ ପ୍ରଧାନ ମନ୍ତ୍ରୀ ସଡକ ରାସ୍ତା କାର୍ଯ୍ୟ ହେଉଥିବା ବେଳେ ସମ୍ପୃକ୍ତ ଠିକାଦାର ମାନେ କିଛି ସ୍ଥାନୀୟ ଲୋକ ମାନଙ୍କ ସହାୟତାରେ ସରକାରୀ ଜମିରୁ ମାଟି ଉଠାଉଛନ୍ତି। ସେହିପରି ବିଳମ୍ବିତ ରାତ୍ର ସହିତ ଭୋର୍ ସମୟରେ ହାଇୱା ମାଧ୍ୟମରେ ବାଲି ଚୋରା ଚାଲାଣ ହେଉଛି। ଏ ହି ସବୁ ଗାଡ଼ିଘୋଡ଼ା ସହିତ ବେଆଇନ ଭାବେ ମାଟି ଉଠା ଯାଉଥିବା ଟ୍ରାକ୍ଟର ଓ ଜେସିବି ମେସିନ କୁ ଦରକାର ପଡ଼ିଲେ ଜବତ କରାଯିବ ବୋଲି ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ସୂଚନା ଦେଇଛନ୍ତି। ବେଆଇନ ଭାବେ ବାଲି ବୋଝେଇ ଦୁଇ ଗୋଟି ହାଇୱା ଗାଡ଼ି ନମ୍ବର ଓଡି,୦୨-ଡି ବବ୍ଲୁ-୯୨୩୯, ଓଡି,୦୫-ବିଏଚ-୩୨୭୭ କୁ ଜବ୍ଦ କରା ଯାଇ ଗୋପ ପୋଲିସ କୁ ହସ୍ତାନ୍ତର କରାଯାଇଛି।

# ବିଜେପି ନେତା ରାଘବ ମଲ୍ଲିକଙ୍କ ନାମରେ ମାମଲା: ପୋଲିସ ତଦନ୍ତ ଜାରି

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅନ୍ତର୍ଗତ କାଳମ୍ବା ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଅପହରଣ ହୋଇଥିବା ବାଣୀଗୋଛା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଅପହୃତା ମହିଳାଙ୍କ ସ୍ୱାମୀ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରାଯାଇ ଏହାର ତଦନ୍ତ ଜାରି ରଖିଛି । ଅଭିଯୋଗରୁ ଜଣାଯାଏ, ବାଣୀଗୋଛା ଥାନା କାଳମ୍ବା ଗ୍ରାମରେ ବସବାସ କରନ୍ତି ବନମାଳୀ ନାଏକଙ୍କ ପରିବାର । ବନମାଳୀ ପରିବାର ପ୍ରତିପୋଷଣ ପାଇଁ ଭୁବନେଶ୍ୱର ଯାଇ ମୂଲକାମ କରୁଥିବା ବେଳେ ଘରେ ସ୍ତ୍ରୀ ଓ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରୁହନ୍ତି । ବନମାଳୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ବନମାଳୀଙ୍କ ସ୍ତ୍ରୀକୁ ସିକ୍ୟୁରୀଟି ଗାର୍ଡ ଚାକିରୀ କରାଇଦେବା ପାଇଁ କହି ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ ।ଏକଦା ରାଘବ ବନମାଳୀଙ୍କ ସ୍ତ୍ରୀ ଙ୍କ ନିକଟକୁ ଫୋନ କଲାବେଳେ ଏହା ସ୍ୱାମୀ ବନମାଳୀ ଉଠାଇଥିଲେ । ପରେ ରାଘବ ତାଙ୍କୁ ଗାଳି ଗୁଳଜ କରିବା ସହ ତାଙ୍କୁ ମର୍ଡର କରିବା ପାଇଁ ଧମକ ଦେଇଥିଲେ । ପରେ ଗତ ମାସ ୧୫ ତାରିଖରେ ବନମାଳୀ ଘରେ ନଥିବା ବେଳେ ରାଘବ ତାଙ୍କ ସ୍ତ୍ରୀ କୁ ଜବରଦସ୍ତ ନେଇଯାଇଥିଲେ ଏବଂ ଏହାର କିଛିଦିନ ପରେ ରାଘବ ତାଙ୍କ ସ୍ତ୍ରୀ କୁ ଆଣି ଛାଡି ଯାଇଥିଲା । ପରେ ଗତ ୩୧ ତାରିଖରେ ବନମାଳିର ସ୍ତ୍ରୀ ତାର ପୁଅ କୁ ଧରି ଉଲିସାହି ଛକ କୁ ଆସିଥିବା ବେଳେ ରାଘବ ତାଙ୍କ ସ୍ତ୍ରୀ ଓ ପୁଅ କୁ ଜୋର ଜବରଦସ୍ତ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶା ଯାଇଛି । ଏହାର କିଛିଦିନ ପରେ ବନମାଳୀ ଏହା ଜାଣି ବହୁ ଖୋଜାଖୋଜି କରିଥିଲେ ମଧ ସ୍ତ୍ରୀ ଓ ପୁଅକୁ ନ ପାଇବାରୁ ବାଣୀଗୋଛା ଥାନରେ ଅଭିଯୋଗ କରିଥିବା ବନମାଳୀ ଏତଲାରେ ଦର୍ଶାଇଛନ୍ତି । ଏତଲା ପାଇବା ପରେ ପୋଲିସ ପକ୍ଷରୁ ୧୩/୨୦୨୬ ରେ ଏକ ମାମଲା ରୁଜୁକରାଯାଇ ଏହାର ତଦନ୍ତ ଆରମ୍ଭ କରିଛି । ତେବେ ଏ ସମ୍ପର୍କ ରେ ରାଘବ ମଲ୍ଲିକ ଙ୍କୁ ଫୋନ କରାଯାଇଥିଲେ ମଧ ତାଙ୍କ ଫୋନ ଲାଗିନଥିଲା । ତେବେ ଏହି ଘଟଣା କୁ ନେଇ ଦଶପଲ୍ଲା ରାଜନୀତି ସରଗରମ ହୋଇଥିବା ବେଳେ ଆଗକୁ ଏହି ଘଟଣା କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି ।

# ଉଦ୍ୟାନ କୃଷି ତାଲିମ , ଦକ୍ଷତା ବିକାଶ କର୍ମଶାଳା

ଫୁଲନଖରା ,(ସବ୍ୟୁ) :ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରିଣୀ ଶ୍ରୀମତୀ ପଦ୍ମିନୀ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଚାଷୀମାନଙ୍କୁ ଉଦ୍ୟାନ କୃଷି କ୍ଷେତ୍ରରେ ଆଧୁନିକ ତାଲିମ, ପ୍ରଯୁକ୍ତିଗତ ଜ୍ଞାନ ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଠିକ ଲାଭ ଉଠାଇବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ ଯୋଗଦେଇ କୃଷି ମାଧ୍ୟମରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିହେବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଷୁମା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମିନତୀ ସାହୁ, ଅବସରପ୍ରାପ୍ତ କୀଟତତ୍ତ୍ୱ ବିଭାଗର ବରିଷ୍ଠ ବୈଜ୍ଞାନିକ ଡାଃ ଦେବଦତ୍ତ ପାଣିଗ୍ରାହୀ ଓ ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର ଯୋଗଦେଇ ଚାଷୀମାନଙ୍କୁ ଉଦ୍ୟାନ କୃଷି, କୀଟ ନିୟନ୍ତ୍ରଣ, ମିଶ୍ର ଚାଷ ପ୍ରଣାଳୀ ଓ ଆୟ ବୃଦ୍ଧି ସମ୍ପର୍କିତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। କର୍ମଶାଳାରେ ନଗରୀ, ଉଷୁମା, କୁରାଙ୍ଗ ଶାସନ ଓ କୁରାଙ୍ଗ ପ୍ରଧାନ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଚାଷୀମାନଙ୍କ ପାଖକୁ ସରକାରୀ ଯୋଜନା କିଭଳି ସହଜରେ ପହଞ୍ଚିପାରିବ ଏବଂ ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ, ସେନେଇ ସବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉଦ୍ୟାନ କୃଷି କ୍ଷେତ୍ର କର୍ମଚାରୀ ଅଚ୍ୟୁତାନନ୍ଦ ଜ୍ୟୋତି ପ୍ରକାଶ ବେହେରା, କୃଷି କ୍ଷେତ୍ର କର୍ମଚାରୀ ଶ୍ରୀମତୀ ପ୍ରଭାସିନି ଦଲେଇ, କୃଷକ ସାଥୀ ରମେଶ ଚନ୍ଦ୍ର ପ୍ରଧାନ ଓ 1 ନାରାୟଣ ଜେନା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆଗାମୀ ଦିନରେ ବ୍ଲକର ଅବଶିଷ୍ଟ ପଞ୍ଚାୟତଗୁଡ଼ିକରେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଏପରି ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ମିଳିଛି।

# ବିଡ଼ିଓଙ୍କ ବିରୋଧରେ ଜନମେଳି




ବୋଲଗଡ,(ସବ୍ୟୁ):ବୋଲଗଡ଼ ବିଡ଼ିଓ ସୁମନସୁଦ୍ଧା କୁଣ୍ଡୁଙ୍କ ବିରୋଧରେ ବୁଧବାର ଏକାଠି ହେଲେ ବହୁ ଜନସାଧାରଣ । ବିଶାଳ ଶୋଭାଯାତ୍ରାରେ ବିଡ଼ିଓଙ୍କୁ ବହିଷ୍କାର ଦାବି ନେଇ ବଜାର ପରିକ୍ରମା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦେଇଛନ୍ତି ଦାବିପତ୍ର । ବୋଲଗଡ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ବୋଲଗଡ଼ର ସମ୍ମାନ ପ୍ରତି କୁଣ୍ଠାରଘାତ ବୋଲି ବୁଦ୍ଧିଜୀବିମାନେ ଅସନ୍ତୋଷ ବଖାଣିଛନ୍ତି । ବୋଲଗଡ ଏକ ଐତିହାସିକ ଅଞ୍ଚଳ ପାଇକ ବିଦ୍ରୋହ,ମହାତ୍ମାଗାନ୍ଧି, ଉତ୍କଳମଣି ଗୋପବନ୍ଧୁ, ବିନୋବାଭାବେ ପରି ମହାନ ମନିଷ ବୋଲଗଡ ସଦର ମହକୁମାରେ ରାତ୍ରିଯାପନ କରି ମାଟି ପବିତ୍ର କରିବା ନେଇ ପ୍ରତିବର୍ଷ ସମସ୍ତ ଜାତୀୟ କାର୍ଯ୍ୟକ୍ରମ ବିଶେଷ ଭାବେ ଅୟୋଜନ ହୁଏ । ଏହାକୁ ତତ୍କାଳିନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ସମୟରୁ ନିଜେ ଆୟୋଜନ ପାଳନ କରି ଆସୁଥିଲେ । ତେବେ ଏହି କାର୍ଯ୍ୟକ୍ରମ ବିଡ଼ିଓଙ୍କ ଅସହଯୋଗ ଅଭିଯୋଗ,ମନମୁଖୀ ଶାସନ ଏବଂ ସରକାରୀ କାର୍ଯ୍ୟକ୍ରମରେ ଡ୍ରାଇଭରର ଜନ୍ମଦିନ ପାଳନ କରି କେକ କଟାକୁ ବିରୋଧ କରିଛନ୍ତି । ଖୋଦ ବିଧାୟକ ପ୍ରଦୀପ କୁମାର ସାହୁ ଏପରିକି ଗଣତନ୍ତ୍ର ଦିବସ ମଞ୍ଚରୁ ବିଡିଓଙ୍କୁ କଡା ସମାଲୋଚନା ମଧ କରିଛନ୍ତି । ଗତକାଲି ବିଡିଓଙ୍କ ନାମରେ ଅଞ୍ଚଳବାସୀ ଥାନା ଲିଖିତ ଅଭିଯୋଗ ପରେ ଆଜି ବୋଲଗଡ଼ ଟାଉନ କ୍ଲବ ଠାରୁ ଏକ ବିରାଟ ପ୍ରତିବାଦ ସଭା ବାହାରି ବ୍ଲକ କାର୍ଯ୍ୟାଳୟ ଦେଇ ଗୋପବନ୍ଧୁ ଛକରେ ପହଞ୍ଚି ଥିଲା। ତହସିଲ ଅଫିସ ସମ୍ମୁଖରେ ତହସିଲଦାରଙ୍କୁ ଦେଇଥିଲେ ଦାବିପତ୍ର। ଏଥିରେ ବ୍ଲକ ସମସ୍ତ ରାଜନୈତିକ ଦଳ କଂଗ୍ରେସ, ବିଜେଡ଼ି ଓ ବିଜେପି ଦଳର ପ୍ରମୁଖ ନେତା ମାନଙ୍କ ସହ ବଶିଷ୍ଠ ନାଗରିକ, ବୁଦ୍ଧିଜୀବି , ଆଇନଜୀବୀ ଓ ଛାତ୍ରନେତା ମାନେ ଯୋଗଦେଇ ସରକାର ତୁରନ୍ତ ବିଡିଓ ବହିସ୍କାର କରିବାକୁ ଦାବୀ କରିଛନ୍ତି। ଏଥିରେ ଐତିହାସିକ ରବିନ୍ଦ୍ର ପରିଡା,ଅଜିତ କୁମାର ପଟ୍ଟନାୟକ,ଲଲାଟ କିଶୋର ସିଂହ ଗୌରୀ ଦେବୀ,ବାନମ୍ବର ମାଝୀ, ବୀର କିଶୋର ଦାସ, ଅଶନୀ ପଟ୍ଟନାୟକ, ଛାତ୍ରନେତା ଶ୍ରୀତମ ପ୍ରଧାନ ସାମିଲ ହୋଇଥିଲେ ।

# ସିଡ଼ିପିଓ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ(ସିଡ଼ିପିଓ)ରେ ସାାରଣତନ୍ତ୍ର ଦିବସ ସୋମବାର ଦିନ ମହାସମାରୋହରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ସମନ୍ୱିତ ଶିଶୁବିକାଶ ଅଧିକାରିଣୀ (ସିଡ଼ିପିଓ) ଶ୍ରୀମତୀ ତୃପ୍ତି ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରି ସାଧାରଣତନ୍ତ୍ର ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟର ପରିଦର୍ଶିକା (ସୁପରଭାଇଜର)ସନ୍ତୋଷିନୀ ପାଣି, ସବିତା ସେଠି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସମେତ ବ୍ଲକର ଅଙ୍ଗନୱାଡ଼ିକର୍ମୀ , ସହାୟିକା ଓ ବ୍ଲକ କର୍ମଚାରୀଙ୍କ ସହ ସାଧାରଣ ଜନତା ଉପସ୍ଥିତ ଥିଲେ ।

# ରାଜପଥ ଅବରୋଧ

ସାକ୍ଷୀଗୋପାଳ ,(ସବ୍ୟୁ) :ନବର୍ନିମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାରେ ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ସାମିଲ ହୋଇ ସତ୍ୟବାଦୀ ବ୍ଲକ କଂଗ୍ରେସ କର୍ମୀ ମାନେ ବୁଧବାର ରାଜପଥ ଅବରୋଧ କରିଥିଲେ। ଭୁବନେଶ୍ୱର - ପୁରୀ ଜାତୀୟ ରାଜପଥର ସତ୍ୟବାଦୀ ବ୍ଲକ ଛକରେ ଆନ୍ଦୋଳନ କରିଥିଲେ। ଫଳରେ ରାଜପଥ ଉଭୟ ପାର୍ଶରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ।ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ , ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଓ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପ୍ରମୁଖ ଅଧିକାରୀ ମାନେ ପୋଲିସ ଫୋର୍ସ ସହ ଉପସ୍ଥିତ ରହିଥିଲେ । ପୁରୀ ଏସପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଂଗ୍ରେସ ସୋସିଆଲ ମିଡ଼ିଆ ସଭାପତି ଲୀପ୍ତି ରଞ୍ଜନ ପ୍ରଧାନ, ଛାତ୍ର କଂଗ୍ରେସ କମିଟି ସଭାପତି ଆଦର୍ଶ ମିଶ୍ର, ସନ୍ତୋଷ କୁମାର ନନ୍ଦ, ଲୋକନାଥ ନାୟକ, ତପନ କୁମାର ବେଜ, ଅରୁଣ କୁମାର ଦୀକ୍ଷିତ ଓ ଦେବରାଜ ଜେନାଙ୍କ ସମେତ ଅନ୍ୟମାନେ ଆନ୍ଦୋଳନ ରେ ସାମିଲ ହୋଇଥିଲେ।।

# ସାଧାରଣତନ୍ତ୍ର ଦିବସରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ବାଙ୍କୀ ,(ସବ୍ୟୁ): କଟକ ବାରବାଟି ଷ୍ଟାଡିୟମରେ ପାଳିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସର ରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନେକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶେଷ କରି ସାମ୍ବାଦିକ ଭାବେ କଟକ ଜିଲ୍ଲାର ବାଙ୍କୀ ସବ ଡିଭିଜନରେ ଦୀର୍ଘ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୈନିକ ଖବରକାଗଜ ସମୟ ରେ କାର୍ଯ୍ୟ କରିବା ସହିତ ବୈଦ୍ୟୁତିକ ଗଣମାଧ୍ୟମ କଳିଙ୍ଗ ଟିଭି ରେ ନିରପେକ୍ଷ ଓ ନିରନ୍ତର ଭାବେ ସାମ୍ବାଦିକତା କରୁଥିବା ବାଙ୍କୀ ବ୍ଲକର ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଠାରୁ ସମ୍ବର୍ଦ୍ଧିତ ହେବା ପରେ ପୂର୍ଣ୍ଣ ଚନ୍ଦ୍ର ସାହୁ କଟକ ଜିଲ୍ଲାପାଳ ପ୍ରତିଭା ପାଇଁ ଚୟନ କରିବା ସହିତ ଗଣମାଧ୍ୟମ ସଂସ୍ଥାର ଜୋନାଲ ମୁଖ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କଳରେ ଅପମିଶ୍ରିତ ଅଟା ବିକ୍ରି

ଭୁବନେଶ୍ୱର , (ସବ୍ୟୁ): ଖଣ୍ଡଗିରି ଧର୍ମବିହାର ନିକଟସ୍ଥ ଜାଗମରା ବାରି ଅଞ୍ଚଳରେ ଖଣ୍ଡଗିରି ସରକାରୀ ହାଇସ୍କୁଲ ଅଛି । ଏହି ହାଇସ୍କୁଲ ଫାଟକ ଆଗରେ ଥିବା ବିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ଅଟାକଳ ରହିଛି । ଏହି ଅଟାକଳରେ ଅପମିଶ୍ରିତ ଅଟା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି କଳରେ ବିକ୍ରି ହେଉଥିବା ଅଟାରେ ତିଆରି ହେଉଥିବା ତାରିଖ ଓ ଏକ୍ସପ୍ୟାରୀ ତାରିଖ ରହୁନାହିଁ। ଏପରିକି କେତେ ପରିମାଣର ଅଟା ପ୍ୟାକେଟରେ ଅଛି ତାହା ମଧ୍ୟ ଲେଖା ଯାଉନାହିଁ । ମୂଲ୍ୟ ପ୍ୟାକେଟ ଉପରେ ରହୁ ନ ଥିବାରୁ ଏହି ଅଟାକୁ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଏହି ଅପମିଶ୍ରିତ ଅଟାରୁ ତିଆରି ରୋଟି ଖାଇ ସ୍ଥାନୀୟ ଅଂଚଳର କିଛି ଲୋକ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତର ଖାନରୁ ଫେରିଥିବା କୁହାଯାଉଛି। କେବଳ ଅଟା ନୁହେଁ ଅନ୍ୟାନ ଜିନିଷ ହଳଦୀ, ମାଣ୍ଡିଆ, ଛତୁଆ ଆଦି ଅପମିଶ୍ରଣ ଜିନିଷ ମଧ୍ୟ ଏହି କଳ ଦ୍ୱାରା ବିକ୍ରି ହେଉଥିବା ବି ଅଭିଯୋଗ ହୋଇଛି । ସରକାରଙ୍କ ନିୟମ ଅନୁଯାୟୀ ପ୍ୟାକିଂରେ ଉପଯୁକ୍ତ ପଲଥିନ ବ୍ୟବହାର କରା ନ ଯାଇ ଅତିନିମ୍ନମାନର ଜରି ବ୍ୟବହାର କରାଯାଉଛି। ଏହାକୁ ନେଇ କିଛି ସ୍ଥାନୀୟ ଲୋକେ ଭୁବନେଶ୍ୱର କାର୍ପୋରେସନ କାର୍ଯ୍ୟାଳୟ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ବି ଏଯାଏ କୌଣସି ପଦକ୍ଷେପ ନିଆ ଯାଉନାହିଁ ।ଏଣୁ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ତ୍ରିଲୋଚନପୁର ପାକ୍ସ ପରିଦର୍ଶନ କଲେ ଜିଲ୍ଲାପାଳ



କଣାସ,(ସବ୍ୟୁ):ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କଣାସ ବ୍ଲକର ତ୍ରିଲୋଚନପୁର ପାକ୍ସ ବୁଧବାର ଦିନ ପରିଦର୍ଶନ କରିଛନ୍ତି । ଏହି ଅବସରରେସେ ଧାନ ସଂଗ୍ରହର ବ୍ୟବସ୍ଥା ସମ୍ପର୍କରେ ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ଉପସ୍ଥିତ ଚାଷୀ ମାନଙ୍କ ସହ ଜିଲ୍ଲାପାଳ ଶ୍ରୀ ପରିଡ଼ା ଆଲୋଚନା କରିଥିଲେ।ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।ପରେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ଚାଷୀ ମାନଙ୍କର ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବ ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ପରିଦର୍ଶନରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରି,ଡିଆରସିଏସ ସରୋଜିନୀ ଜେନା, ଯୋଗାଣ ନିରୀକ୍ଷକ ହେମନ୍ତ ପ୍ରଧାନ, ପାକ୍ସ ସମ୍ପାଦକ ବୈଦ୍ୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧୀରେନ୍ଦ୍ର ରାଉତରାୟ ନିରାକାରପୁର କଲେଜର ନୂତନ ଅଧକ୍ଷ



ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡି ଏ ଭି ମହାବିଦ୍ୟାଳୟର ଅଧକ୍ଷ ଭାବେ ବୁଧବାର ଦିନ ଜୟଦେବ କଲେଜ ଅଫ ଏଜୁକେସନ ଆଣ୍ଡ ଟେକ୍ନୋଲୋଜି କଲେଜ ପଦାର୍ଥ ବିଜ୍ଞାନ ରିଡର୍ ଧୀରେନ୍ଦ୍ର କୁମାର ରାଉତରାୟ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଚିଠି ନଂ ୩୭୧୪ ତାରିଖ ୨୧/୧/୨୬ରେ ଆନୁଷ୍ଠାନିକ ଭାବେ ଅଧକ୍ଷ ପଦ ଗ୍ରହଣ କରିଥିବା ଜଣାପଡିଛି। ଏହି ଅବସରରେ କଲେଜ ଅଧକ୍ଷା ଦାୟିତ୍ୱରେ ଥିବା ପ୍ରାଧ୍ୟାପିକ କାଦମ୍ବିନୀ ସାହୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କଲେଜ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ଓ ପରିଚାଳନା ମଣ୍ଡଳୀ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ପୁଷ୍ପ ଗୁଚ୍ଛ ପ୍ରଦାନ କରି ନୂତନ ଅଧକ୍ଷ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଲେଜର ଛାତ୍ର ଛାତ୍ରୀ ଓ ଅଧ୍ୟାପକ,ଅଧ୍ୟାପିକା , ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କଲେଜର ଉନ୍ନତିମୂଳକ କାର୍ଯ୍ୟ କରିବାକୁ ନୂତନ ଅଧକ୍ଷ ମତ ପ୍ରକାଶ କରିଛନ୍ତି।

# ବିଶ୍ୱଶାନ୍ତି ଗୀତ ମହାଯଜ୍ଞର ପୂର୍ଣ୍ଣାହୁତ

ରଣପୁର, (ସବ୍ୟୁ): ରଣପୁର ବ୍ଲକ ଅନ୍ତର୍ଗତ ବଜ୍ରକୋଟସ୍ଥିତ ପ୍ରସିଦ୍ଧ ମା' ଅସୁରକୁମାରୀ ଦେବୀଙ୍କ ପବିତ୍ର ପୀଠରେ ଚାଲିଥିବା ପଞ୍ଚାଦିନ ବ୍ୟାପୀ ବିଶ୍ୱଶାନ୍ତି ଗୀତ ମହାଯଜ୍ଞ ମଙ୍ଗଳବାର ଦିନ ପୂର୍ଣ୍ଣାହୁତି ସହ ସମାପ୍ତ ହୋଇଛି। ମାଘ ଶୁକ୍ଳପକ୍ଷ ପଞ୍ଚମୀ ଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ଅଙ୍କୁରରୋପଣ, ଦେବଦେବୀ ବରଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଅଖଣ୍ଡ ଯଜ୍ଞ, ସଂକୀର୍ତ୍ତନ, ପ୍ରସାଦ ସେବନ ଓ ବିଭିନ୍ନ ଧାର୍ମିକସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଦିନ ଯଜ୍ଞାଗ୍ନିରେ ଆହୁତି ଦେଇ ଭକ୍ତମାନେ ବିଶ୍ୱଶାନ୍ତି, ସମୃଦ୍ଧି ଓ ସୁଖସମୃଦ୍ଧ ଜୀବନ ପାଇଁ ପ୍ରାର୍ଥନା କରିଥିଲେ।

# ଟେନିସ ପଡିଆରେ ସାଧାରଣତନ୍ତ୍ର ଦିବସ ପାଳିତ



ବଡମ୍ବା,(ସବ୍ୟୁ): :ବଡମ୍ବାଗଡ଼ର ଟେନିସ ପଡିଆରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ଉତ୍ସବ ପାଳନ କମିଟି, ବଡମ୍ବା ର ସ୍ଥାୟୀ ଅଧକ୍ଷ ତଥା ବଡମ୍ବାର ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ଅଧକ୍ଷତାରେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ୮.୧୫ ସମୟରେ ଗାନ୍ଧିଛକ ନିକଟ ଗାନ୍ଧୀମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଅବସରପ୍ରାପ୍ତ ଜଳବାହିନୀ ସବ ଲେଫ୍ଟନାଣ୍ଟ ଫକୀର ଚନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ । ପରେ ପରେ ସାମୁହିକ ଭାବେ ବଡମ୍ବା ଅଂଚଳର ବିଭିନ୍ନ ମହାବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ବେସରକାରୀ ବିଦ୍ୟାଳୟ ମାନଙ୍କ ପ୍ୟାରେଡ ଗ୍ରୁପ ଦ୍ୱାରା ବଡମ୍ବା ଗାନ୍ଧିଛକ ଠାରୁ ପ୍ୟାରେଡ ଆରମ୍ଭ କରି ବଡଦାଣ୍ଡସାହି ଦେଇ ନାରାୟଣଚନ୍ଦ୍ର ହାଟ ପର୍ଯ୍ୟନ୍ତ ଏବଂ ପୁଣିଥରେ ସେଠାରୁ ବାହାରି ତେଲିସାହି ଦେଇ ଟେନିସ ପଡିଆରେ ୧୯ ଟି ଦଳ ସହ ପ୍ୟାରେଡ ପ୍ରତିଯୋଗିତା ପାଇଁ ପଡିଆ ମଧ୍ୟରେ ଏକତ୍ରିତ ହୋଇଥିଲେ । ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ କ୍ୟାପଟେନ ସୁଧୀର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଏବଂ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଦୁର୍ଗା ଚରଣ ମଲ୍ଲ ସହଯୋଗରେ ମୁଖ୍ୟଅତିଥି ଭାବେ ବଡମ୍ବାର ତହସିଲଦାର ପ୍ରମୋଦ କୁମାର ବାସ୍କେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ ।ବିଭିନ୍ନ ପ୍ରତିଯୋଗିତା ସହ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା ସହ ମଞ୍ଚ ପରିଚାଳନା କରିଥିଲେ । ୧୯ ଟି ଗ୍ରୁପକୁ ନେଇ ପ୍ୟାରେଡ ପ୍ରତିଯୋଗିତା ବହୁତ ରୋମାଞ୍ଚକର ହୋଇଥିଲା ।ବିଚାରକ ଭାବେ ବଡମ୍ବା ଅତିରିକ୍ତ ତହସିଲଦାର ସୁଭାଷ ଚନ୍ଦ୍ର ମହାନ୍ତି,ବଡମ୍ବା ଅଗ୍ନିଶମ ଅଧିକାରୀ ବିସିକେଶନ ଦାସ ଓ ବଡମ୍ବା ଅଧିବକ୍ତା ସଂଘର ବରିଷ୍ଠ ସରକାରୀ ଅଧିବକ୍ତା ଅଖିଳ କୁମାର ଦାସ ବିଚାରକ ଭାବେ ଉପସ୍ଥିତ ଥିଲେ । ଅତି ବରିଷ୍ଠ ବିଭାଗର ହୋଲ କମାଇଣ୍ଡର ଭାବେ ସତ୍ୟବ୍ରତ ସାହୁ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଗ୍ରୁପ କମାଇଣ୍ଡର,ବରିଷ୍ଠ ବିଭାଗରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ(ଖାକି ଗ୍ରୁପ), ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର(ଜେ ଡି ଗ୍ରୁପ )ଓ କନିଷ୍ଠ ବିଭାଗରେ ଦୟାନନ୍ଦ ଆଙ୍ଗଲୋ ବେଦିକ ଉଚ୍ଚ ବିଦ୍ୟାଳୟ ଓ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ କ୍ରସ ଏବଂ ସର୍ବ କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ମନ୍ଦିର(ଥାନା ସମ୍ମୁଖ) ଓ ଟି.ଏସ.ଜି ଗୁରୁକୁଳ ଯଥାକ୍ରମେ ପ୍ରଥମ ଓ ଦିତୀୟ ସ୍ଥାନ ଅଧିକାର କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଉତ୍ସବ ପାଳନ କମିଟିର ବରିଷ୍ଠ ସଦସ୍ୟ ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟୀ ଆଚାର୍ଯ୍ୟ, ବଡମ୍ବା ଥାନା ଭାରପ୍ରାପ୍ତ ଅଧିକାରୀ ପରମାନନ୍ଦ ନାୟକ,ଶିକ୍ଷାବିତ ଚନ୍ଦ୍ରଶେଖର ମହାନ୍ତି,ସାଂସଦ ପ୍ରତିନିଧି ଦୀପକ କୁମାର ସାହୁ,ଦେବରାଜ ପାଟ୍ଟଶାଣୀ,ସନ୍ତୋଷ କୁମାର ପଟ୍ଟନାୟକ(ନାଲୁ),ସନ୍ତୋଷ କୁମାର ଦେବତା,ସରୋଜ କୁମାର ବେଉରା,ମନୋଜ ପଟ୍ଟନାୟକ,ଶିବ ନାରାୟଣ ମିଶ୍ର,ଗିରିଜା ପ୍ରସାଦ ମିଶ୍ର,ମହେନ୍ଦ୍ର ପଡ଼ିଆରୀ,ବୃନ୍ଦାବନ ପରିଡା, ସୁବାଷ କୁମାର ନାୟକ,ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ ।

# ମହାବୀର ବରିଷ୍ଠ ନାଗରିକ ପରିଷଦର ସାଧାରଣତନ୍ତ୍ର ଦିବସ ପାଳନ

ଭୁବନେଶ୍ୱର ,(ସବ୍ୟୁ):କଟକ ଶ୍ରୀକୋରୁଆ ଗୋପାଳପୁର ସ୍ଥିତ ମହାବୀର ବରିଷ୍ଠ ନାଗରିକ ପରିଷଦ ତରଫରୁ ସାଧାରଣ ତନ୍ତ୍ର ଦିବସ ପାଳନ କରାଯାଇଛି. ଇଂ. ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଜାତୀୟ ପତାକା ଉତ୍ତୋଳନ କରିଥିଲେ. ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ଦୁଷ୍ମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ଅର୍ଜୁନ ଚରଣ ସାହୁ, ପ୍ରଶାନ୍ତ କୁମାର ସୱାଇଁ, ନିରଞ୍ଜନ ବାରିକ, ରାଜ କିଶୋର ନାୟକ, ସୁକାନ୍ତ ମହାନ୍ତି, କବିତା ସୱାଇଁ, ବିଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୨୩)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।। ୨୩ ।।**

(ଅବିନାଶିତ୍ୱମାତ୍ମନଃ ସ୍ଫୁଟୀକରୋତି)–ଶାସ୍ତ୍ରାଣି (ଖଡ୍ଗବାଣାଦୀନି) ଏନଂ (ଆତ୍ମାନଂ) ନ ଛିନ୍ଦନ୍ତି, ତଥା ପାବକଃ (ଅଗ୍ନିଃ) ଏନଂ (ଆତ୍ମନଂ) ନ ଦହତି (ଭସ୍ମୀକରୋତି), ଆପଃ (ଜଳାନି) ଏନଂ ନ କ୍ଲେଦୟନ୍ତି (ମୃଦୁକରଣେନ ଶିଥିଳଂ ନ କୁର୍ବନ୍ତି), ମାରୁତଃ (ବାୟୁଃ) ଚ ଏନଂ ନ ଶୋଷୟତି (ରସହୀନଂ କରୋତି) ।। ୨୩ ।।

# ଏବେ ରାଜ୍ୟସଭା ଆସନ ଉପରେ ଦୃଷ୍ଟି

ଆସନ୍ତା ଏପ୍ରିଲ ମାସରେ ଖାଲି ପଡୁଥିବା ରାଜ୍ୟସଭାର ଚାରିଗୋଟି ଆସନ ପାଇଁ ଏଥର ଅଧିକାଂଶ ସଚେତନ ନାଗରିକଙ୍କର ଦୃଷ୍ଟି । ମାତ୍ର ରାଜନୀତିକ ବ୍ୟକ୍ତିମାନେ, ସେ ଯେଉଁ ଦଳରୁ ହୁଅନ୍ତୁ ନା କାହିଁକି, ସେମାନଙ୍କର ଅଧିକ ଆଗ୍ରହ ଏହି ଚାରିଟି ଆସନ ପାଇଁ ରହିବା ସ୍ୱାଭାବିକ । ଓଡ଼ିଶାରେ ରାଜ୍ୟସଭା ପାଇଁ ଆସନ ସଂଖ୍ୟା ୧୦ । ପ୍ରତି ଛଅ ବର୍ଷରେ ସଦସ୍ୟମାନଙ୍କର କାର୍ଯ୍ୟକାଳ ଶେଷ ହୋଇଯିବାରୁ ଖାଲି ସ୍ଥାନ ପୂରଣ ପାଇଁ ଏହି ନିର୍ବାଚନ ହୋଇଥାଏ । ଏହି ନିର୍ବାଚନରେ ରାଜ୍ୟର ସମସ୍ତ ସାଂସଦ ଓ ବିଧାୟକମାନେ ଭୋଟ ଦେଇ ନୂତନ ରାଜ୍ୟସଭା ସାଂସଦମାନଙ୍କୁ ନିର୍ବାଚିତ କରିଥା'ନ୍ତି । ୨୦୨୬ରେ ଭାରତର ବିଭିନ୍ନ ଅଞ୍ଚଳରୁ ୭୫ ଗୋଟି ଖାଲି ପଡୁଥିବା ରାଜ୍ୟସଭା ଆସନ ଲାଗି ମଧ୍ୟ ନିର୍ବାଚନ ହେଉଛି । ସେ ଯାହାହେଉ, ସାଧାରଣ ଲୋକସଭା ବା ବିଧାନସଭା ନିର୍ବାଚନ ଲାଗି ଜନସାଧାରଣଙ୍କ ମଧ୍ୟରେ ଯେଉଁ ତତ୍ପରତା ପ୍ରକାଶ ପାଇଥାଏ, ପରୋକ୍ଷ ଭାବରେ କେବଳ ସାଂସଦ ଓ ବିଧାୟକମାନେ ଭୋଟ ଦେଉଥିବା ଏହି ରାଜ୍ୟସଭା ନିର୍ବାଚନ ଲାଗି ଜନସାଧାରଣଙ୍କ ମଧ୍ୟରେ ସେପରି କୌଣସି ଆଗ୍ରହ ଥିବା ପରି ମନେ ହୁଏ ନାହିଁ ।


ରାଜ୍ୟସଭା ଏକ ସ୍ଥାୟୀ ସଦନ । ସାରା ଭାରତରେ ରାଜ୍ୟସଭାର ସମୁଦାୟ ସଦସ୍ୟ ବା ସାଂସଦଙ୍କ ସଂଖ୍ୟା ହେଉଛି ୨୫୦ । ସେଥିମଧ୍ୟରୁ ୨୩୮ ଜଣଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସାଂସଦ ଓ ବିଧାୟକମାନେ ପରୋକ୍ଷରେ ନିର୍ବାଚିତ କରିଥା'ନ୍ତି । ଅବଶିଷ୍ଟ ୧୨ ଜଣଙ୍କୁ ଭାରତର ରାଷ୍ଟ୍ରପତି ସିଧାସଳଖ ଭାବେ ମନୋନୀତ କରିବାର ସୁଯୋଗ ଦେଇଥା'ନ୍ତି । ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ ଓ ପ୍ରତ୍ୟକ୍ଷ ଅନୁଭୂତି ଥିବା ଅର୍ଥାତ୍ (ସାହିତ୍ୟ, ବିଜ୍ଞାନ, କଳା, କ୍ରୀଡା ଓ ସମାଜସେବା ପ୍ରଭୃତି କ୍ଷେତ୍ରରେ) ବ୍ୟକ୍ତିମାନଙ୍କୁ ରାଷ୍ଟ୍ରପତି ରାଜ୍ୟସଭାର ସାଂସଦ ଭାବେ ମନୋନୀତ କରିଥା'ନ୍ତି । ଏଥିପାଇଁ କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କୁ କେତେଗୋଟି ନାମ ସୁପାରିଶ କରିଥିବା ମଧ୍ୟ କୁହାଯାଏ । ଓଡ଼ିଶାର ସୌଭାଗ୍ୟ ଯେ ଜଣେ ଆଦିବାସୀ ସଂପ୍ରଦାୟର ସୁଯୋଗ୍ୟ ମହିଳା ଭାରତର ପ୍ରଥମ ନାଗରିକ ବା ରାଷ୍ଟ୍ରପତି ହୋଇ ପାରିଛନ୍ତି । ମାତ୍ର ଓଡ଼ିଆ ରାଷ୍ଟ୍ରପତିଙ୍କଦ୍ୱାରା କୌଣସି ଜଣେ ଯୋଗ୍ୟତାସମ୍ପନ୍ନ ଓଡ଼ିଆ ବ୍ୟକ୍ତି ରାଜ୍ୟସଭାକୁ ସାଂସଦ ଭାବେ ମନୋନୀତ ହୋଇ ପାରି ନଥିବା ଆମାନଙ୍କର ଦୁର୍ଭାଗ୍ୟ ବୋଲି ମଧ୍ୟ କୁହାଯାଇ ପାରିବ । ଅତୀତରେ ଅବଶ୍ୟ ପଥର ଶିଳ୍ପୀ ରଘୁନାଥ ମହାପାତ୍ର ଅଳ୍ପଦିନ ପାଇଁ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ହୋଇ ରାଜ୍ୟସଭାକୁ ଯାଇଥିଲେ । ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା । ମହାତ୍ମା ଗାନ୍ଧିଙ୍କ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱତନ୍ତ୍ର ଦୃଷ୍ଟିରେ ଓଡ଼ିଶା ରହିଛି ଓ ରହିବ । ପଛରେ ପଡିଥିବା ଓଡ଼ିଶାର ବିକାଶ ପାଇଁ ତାଙ୍କର ଯଥେଷ୍ଟ ଅବଦାନକୁ ମଧ୍ୟ ଓଡ଼ିଆମାନେ ଭୁଲି ପାରିବେ ନାହିଁ । ଏପରିକି ତାଙ୍କଦ୍ୱାରା ମନୋନୀତ ହୋଇ ଓଡ଼ିଶାର କେନ୍ଦୁଝର ଅଞ୍ଚଳରୁ ଜଣେ ନୀତିନିଷ୍ଠ ଓ ସୁଦକ୍ଷ ଆଦିବାସୀ ଯୁବକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇ ପାରିଛନ୍ତି । ଅତୀତରେ ତାଙ୍କରି ନିର୍ଦ୍ଦେଶରେ ଓଡ଼ିଶାରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡିର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସଭାକୁ ମଧ୍ୟ ନିର୍ବାଚିତ କରିଥିଲେ । ସେ ଗୁରୁତ୍ୱପୂର୍ଣ୍ଣ ରେଳ ଓ ଆ.ଟି. ପ୍ରଭୃତି ବିଭାଗର କେନ୍ଦ୍ରମନ୍ତ୍ରୀ ହୋଇଥିଲେ ହେଁ ଓଡ଼ିଶାର ବିକାଶ ପାଇଁ ସେ ମନଧ୍ୟାନ ଦେଇ ପାରିଛନ୍ତି ।

ଅତୀତରେ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ କଂଗ୍ରେସ ଦଳର ଥିଲେ ମଧ୍ୟ ପଶ୍ଚିମବଙ୍ଗର କମ୍ୟୁନିଷ୍ଟ ସରକାର ତାଙ୍କୁ ରାଜ୍ୟସଭାକୁ ନିର୍ବାଚିତ କରି ପଠାଉଥିଲେ । କାରଣ ତଦ୍ୱାରା ପଶ୍ଚିମବଙ୍ଗର ସ୍ୱାର୍ଥରକ୍ଷା ସମ୍ଭବ ହେଉଥିଲା । ତେଣୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଦୂରଦୃଷ୍ଟିକୁ ଆମେ ଧନ୍ୟବାଦ ଦେଉଛୁଁ ଏବଂ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ଜଣେ ଉପଯୁକ୍ତ ଓଡ଼ିଆଙ୍କୁ ସେ ଏଥର ରାଜ୍ୟସଭାକୁ ପଠାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବେ ବୋଲି ମଧ୍ୟ ନାନାଦି କଳ୍ପନାଜଳ୍ପନା ପ୍ରକାଶ ପାଉଛି ।

ଯେଉଁ ଚାରିଜଣ ରାଜ୍ୟସଭା ସାଂସଦ ନିକଟରେ ଅବସର ଗ୍ରହଣ କରିଛନ୍ତି, ସେମାନେ ହେଲେ ନିରଞ୍ଜନ ବିଶି, ସୁରଜିତ କୁମାର, ମମତା ମହନ୍ତ ଓ ମୁନା ଖାଁ । ଏମାନେ ଆଉ ଥରେ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ପ୍ରାୟ ନାହିଁ । ମାତ୍ର ଖାଲି ପଡୁଥିବା ଏହି ଚାରିଗୋଟି ଆସନ ମଧ୍ୟରୁ ଶାସକ ବିଜେପିର ତିନିଜଣ ଓ ମୁଖ୍ୟ ବିରୋଧୀ ଦଳ ବିଜେଡିରୁ ଜଣେ ନିର୍ବାଚିତ ହୋଇପାରନ୍ତି । ଏହି ନିର୍ବାଚନରେ ଚାରି ଜଣ ଯାକ ବିଜେପିରୁ ନ ହେଲେ ମଧ୍ୟ ବିଜେପି ସମର୍ଥିତ ଜଣେ ବିରୋଧୀ ପ୍ରାର୍ଥୀ ଜିତିବାର ସମ୍ଭାବନା ଥିବା କଥା ବିଜେପିର ଜଣେ ବିଧାୟକ କହିଛନ୍ତି । ଏବେ ବିଜେପି ରାଜ୍ୟ ଶାଖା ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ରାଜ୍ୟସଭାକୁ ନିର୍ବାଚିତ ହେବା କଥା ଦଳୀୟ ସୂତ୍ରରୁ ପରୋକ୍ଷରେ କୁହାଯାଉଥିଲେ ମଧ୍ୟ ଅନ୍ୟାନ୍ୟ ବିଜେପି, ବିଜେଡି ବା କଂଗ୍ରେସ ପ୍ରାର୍ଥୀଙ୍କ ସମ୍ପର୍କରେ ଏ ଯାଏଁ କିଛି ଜଣାପଡିନାହିଁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମ୍ରାଜ୍ୟବାଦୀ ଆକ୍ରମଣର ଘେରରେ ଭେନେଜୁଏଲା-୨



**ଲଲାଟେନ୍ଦୁ ସାମନ୍ତରାୟ**

୧୯୯୮ ମସିହାରେ ହୁଗୋ ଚାଭେଜ୍‌ଙ୍କ ନିର୍ବାଚନ ଏହି ଐତିହାସିକ ଧାରାରେ ଏକ ନିଷ୍ପତ୍ତିମୂଳକ ନିର୍ଣ୍ଣାୟକ ପରିବର୍ତ୍ତନର ମୋଡ଼ ଆଣିଲା । ଚାଭେଜ୍ କେବଳ ଏକ ନିର୍ବାଚନ ଜିତିନଥିଲେ ସେ ଏକ ଗଭୀର ରାଜନୈତିକ, ସାମାଜିକ ଏବଂ ଆଦର୍ଶଗତ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ କରିଥିଲେ । ସାଇମନ୍ ବୋଲିଭର୍ ଏବଂ ଲାଟିନ୍ ଆମେରିକାର ସାମ୍ରାଜ୍ୟବାଦ ବିରୋଧୀ ପରମ୍ପରାରୁ ପ୍ରେରଣା ପାଇ ବଲିଭାରିଆନ୍ ବିପ୍ଳବ ଦେଶର ଅର୍ଥନୀତି, ଶକ୍ତି, ସୁରକ୍ଷା ଓ ସାର୍ବଭୌମତ୍ୱ ପାଇଁ ଅତ୍ୟନ୍ତ ଜରୁରୀ ଥିବା ଦେଶର କୌଶଳଗତ ରଣନୈତିକ ସମ୍ବଳ ଉପରେ ଜାତୀୟ ନିୟନ୍ତ୍ରଣକୁ ପୁନଃ ସ୍ଥାପିତ କରିବାକୁ ଚେଷ୍ଟା କରିଥିଲା । ତୈଳ ରାଜସ୍ୱ ଉପରେ ଜନସାଧାରଣଙ୍କ ନିୟନ୍ତ୍ରଣ ଜାହିର କରି ଏବଂ ସେହି ରାଜସ୍ୱକୁ ଦେଶବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗୃହ ଏବଂ ଖାଦ୍ୟ ନିରାପତ୍ତା ପରି ସାମାଜିକ କଲ୍ୟାଣରେ ବ୍ୟୟ କରିବା ମାଧ୍ୟମରେ, ଚାଭେଜ୍ ସରକାର ଦେଶୀୟ ଉଚ୍ଚବର୍ଗ ଏବଂ ବିଦେଶୀ କର୍ପୋରେଟ୍ ସଂସ୍ଥାମାନଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରିଥିଲେ ।

ବଲିଭାରିଆନ୍ ବିପ୍ଳବ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠିତ କଲା । ଏହା ଆଉ କେବଳ ଅଭିଜାତ ବର୍ଗର ପ୍ରତିଯୋଗିତାର ରୀତିନୀତିରେ ସୀମିତ ରହିଲା ନାହିଁ ବରଂ ଏହି ବ୍ୟବସ୍ଥାରେ ଜନଗଣଙ୍କ ଅଂଶଗ୍ରହଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ବିସ୍ତାର କରାଇଲା । ପୁଞ୍ଜିବାଦୀ ବିଶ୍ୱ ବ୍ୟବସ୍ଥାର ବିରୋଧାଭାସ ମଧ୍ୟରେ କାର୍ଯ୍ୟ କରୁଥିଲେ ମଧ୍ୟ ଚାଭେଜ୍‌ଙ୍କ ଶାସନ କାଳ ନବ୍ୟ–ଉଦାରବାଦୀ ରୁଢ଼ିବାଦ ଏବଂ ସାମ୍ରାଜ୍ୟବାଦୀ ପୁଞ୍ଜିର ସର୍ବୋଚ୍ଚତା ପ୍ରତି ଏକ ସ୍ପଷ୍ଟ ଆହ୍ୱାନ ଜଣାଇଥିଲା । ଭେନେଜୁଏଲାର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରକୃତ ରାଜନୈତିକ ସଶକ୍ତିକରଣ ଏବଂ ସାମାଜିକ ମର୍ଯ୍ୟାଦା ବିଷୟରେ ଏହା ସେମାନଙ୍କର ପ୍ରଥମ ଅନୁଭୂତି ଥିଲା ।

ଆଉ ଏକ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ଲାଟିନ୍ ଆମେରିକାରେ ସାମ୍ରାଜ୍ୟବାଦୀ ଆଧିପତ୍ୟ ପାଇଁ ବଲିଭାରିଆନ୍ ବିପ୍ଳବୀ ପ୍ରକ୍ରିୟା ଏକ ଗୁରୁତର ଆଦର୍ଶଗତ ଆହ୍ୱାନ ସୃଷ୍ଟି କରିଥିଲା । ଆମେରିକାର ସ୍ୱାର୍ଥରକ୍ଷା ପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ଅସ୍ୱୀକାର କରି, ଭେନେଜୁଏଲା ଲାଟିନ୍ ଆମେରିକାର ଦେଶମାନଙ୍କୁ ଏକାସାଥିରେ ଆଣିବାର ପ୍ରୟାସ କରିଥିଲା ।

ସହଯୋଗ ଓ ଏକତା ଉପରେ ଆଧାରିତ ସାମୂହିକ ବିକାଶକୁ ଲକ୍ଷ୍ୟ କରି, ୨୦୦୪ ମସିହାରେ ଭେନେଜୁଏଲାର ହ୍ୟୁଗୋ ଚାଭେଜ୍ ଏବଂ କ୍ୟୁବାର ଫିଡେଲ୍ କାଷ୍ଟ୍ରୋଙ୍କ ଦ୍ୱାରା ଆଲବା (Bolivarian Alliance for the Peoples of Our America-ALBA) ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଲାଟିନ୍ ଆମେରିକାର ଦେଶମାନଙ୍କ ଆଞ୍ଚଳିକ ଏକତା ଓ ସ୍ୱାର୍ଥ ରକ୍ଷାକୁ ସୁଦୃଢ଼ କରିବାକୁ ଉଦ୍ଦିଷ୍ଟ ଥିଲା । ଏ.ଏଲ୍.ବି.ଏ ପରି ପଦକ୍ଷେପ ମାଧ୍ୟମରେ ଭେନେଜୁଏଲା ଆଞ୍ଚଳିକ ସହଯୋଗକୁ ପ୍ରୋତ୍ସାହିତ କରି, ଆମେରିକା ନିୟନ୍ତ୍ରିତ ଅର୍ଥନୈତିକ ଏବଂ ରାଜନୈତିକ ଢାଞ୍ଚାର ବିକଳ୍ପ ନିର୍ମାଣ ପାଇଁ କାର୍ଯ୍ୟ କରିଥିଲା । ଏହା ସାମ୍ରାଜ୍ୟବାଦୀ ଏକଚାଟିଆ ପ୍ରତିପତ୍ତି ବିରୁଦ୍ଧରେ ଜାତୀୟ ସାର୍ବଭୌମତ୍ୱର ଏକ ସଂଗଠିତ ପ୍ରତିରୋଧ ଥିଲା, ଯଦିଓ ଏହିପରି ଏକ ଚ୍ୟାଲେଞ୍ଜ ଅବଶ୍ୟ ସାମ୍ରାଜ୍ୟବାଦୀ ଶତ୍ରୁତାକୁ ଉତ୍ତେଜିତ କରିଥିଲା । ଏହିପରି ଭାବରେ ଭେନେଜୁଏଲା କେବଳ ଏକ ଜାତୀୟ ପ୍ରକଳ୍ପ ହୋଇ ରହିଲା ନାହିଁ ବରଂ ସମଗ୍ର ମହାଦ୍ୱୀପ ପାଇଁ ପ୍ରତିରୋଧର ଏକ ପ୍ରତୀକରେ ପରିଣତ ହୋଇଗଲା ।

ଚାଭେଜ୍ ଶାସନ କାଳ ଆରମ୍ଭରୁ ତାଙ୍କ ସରକାର ୱାଶିଂଟନ୍ ଠାରୁ ତୀବ୍ର ଶତ୍ରୁତାର ସମ୍ମୁଖୀନ ହୋଇଥିଲେ । ଏପ୍ରିଲ୍ ୨୦୦୨ରେ ଆମେରିକା ସମର୍ଥିତ ବିଦ୍ରୋହ ଗଣତନ୍ତ୍ର ଏବଂ ମାନବିକ ଅଧିକାର ବିଷୟରେ ସାମ୍ରାଜ୍ୟବାଦୀ ଆମେରିକାର ଦୃଷ୍ଟିକୋଣର ପ୍ରକୃତ ଅର୍ଥକୁ ପ୍ରକାଶ କରିଥିଲା । ଯେତେବେଳେ ଚାଭେଜଙ୍କୁ ଦୁଇ ଦିନ ପାଇଁ କ୍ଷମତାରୁ ହଟାଇ ଦିଆଯାଇଥିଲା ଏବଂ ଜଣେ ବ୍ୟବସାୟୀ ନେତାଙ୍କୁ ରାଷ୍ଟ୍ରପତି ଭାବରେ ନିଯୁକ୍ତ କରାଗଲା, ଗଣତାନ୍ତ୍ରିକ ଆଦର୍ଶକୁ ବିନା ଦ୍ୱିଧାରେ ପରିତ୍ୟାଗ କରାଗଲା । ସମସ୍ତ ଗଣତାନ୍ତ୍ରିକ ମାନଦଣ୍ଡକୁ ନିର୍ଲଜ୍ଜ ଭାବେ ପଦଦଳିତ କରାଯାଇଥିଲା । କେବଳ ଚାଭେଜ୍‌ଙ୍କ ପ୍ରତି ବ୍ୟାପକ ଲୋକପ୍ରିୟତା, ଭେନେଜୁଏଲା ଜନତାଙ୍କର ବିଶାଳ ଜନଆନ୍ଦୋଳନ ଏବଂ ସଶସ୍ତ୍ର ବାହିନୀର ବିଶ୍ୱସ୍ତ ବିଭାଗର ସମର୍ଥନ ଫଳରେ ସାଂବିଧାନିକ ସରକାର ପୁନଃସ୍ଥାପିତ ହୋଇଥିଲା । ଏହି ଉପାଖ୍ୟାନ ସ୍ପଷ୍ଟ ଭାବରେ ଦର୍ଶାଇଥିଲା ଯେ ସାମ୍ରାଜ୍ୟବାଦ ଗଣତନ୍ତ୍ରକୁ କେବଳ ସେତେବେଳେ ମାନ୍ୟତା ଦେଇଥାଏ ଯେତେବେଳେ ଏହା ନିଜର (ସାମ୍ରାଜ୍ୟବାଦର) ସ୍ୱାର୍ଥ ପୂରଣ କରିପାରୁଥାଏ ।

ଏହି ଶତ୍ରୁତାକୁ ସାଧାରଣ ଭାବେ ଗ୍ରହଣ ନକରି, ମୋନରୋ ତତ୍ତ୍ୱର ବିସ୍ତୃତ ଐତିହାସିକ ପରିପ୍ରେକ୍ଷୀରେ ବୁଝିବା ଆବଶ୍ୟକ । ମୋନରୋ ତତ୍ତ୍ୱ (Monroe Doctrine) ହେଉଛି ୧୮୨୩ ମସିହାରେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଜେମ୍ସ ମନ୍ରୋଙ୍କ ଦ୍ୱାରା ଘୋଷିତ ଏକ ବିଦେଶନୀତି ସମ୍ବନ୍ଧୀୟ ସିଦ୍ଧାନ୍ତ, ଯେଉଁଥିରେ କୁହାଯାଇଥିଲା ଯେ ଲାଟିନ୍ ଆମେରିକା ଓ ପଶ୍ଚିମ ଗୋଲାର୍ଦ୍ଧ ଉପରେ ୟୁରୋପୀୟ ଶକ୍ତିମାନେ ହସ୍ତକ୍ଷେପ କରି ପାରିବେ ନାହିଁ । ଦୁଇ ଶତାବ୍ଦୀରୁ ଅଧିକ ସମୟ ଧରି ଏହି ନୀତି ଲାଟିନ୍ ଆମେରିକା ଉପରେ ଆମେରିକାର ଆଧିପତ୍ୟର ଏକ ଅସ୍ତ୍ର ଭାବରେ କାର୍ଯ୍ୟ କରି ଆସୁଛି । ୟୁରୋପୀୟ ଉପନିବେଶବାଦକୁ ବିରୋଧ କରିବାର ବାହାନାରେ ଏହି ତତ୍ତ୍ୱ ପ୍ରକାଶ ପାଇଥିଲା ଏବଂ ପରବର୍ତ୍ତୀ କାଳରେ ଦକ୍ଷିଣ ଆମେରିକାର କାରିବିଆନ ଦେଶମାନଙ୍କ ଉପରେ ଏହା ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପ, ବିଦ୍ରୋହ, ଆକ୍ରମଣ ଏବଂ ଅର୍ଥନୈତିକ ନିୟନ୍ତ୍ରଣକୁ ଯୁକ୍ତିସଙ୍ଗତ କରିବାର ଏକ ହତିଆର ଭାବରେ ବିକଶିତ ହେଲା, ଟ୍ରମ୍ପ ଶାସନ କାଳରେ 'ମୋନରୋ ତତ୍ତ୍ୱ' ସହ ଟ୍ରମ୍ପଙ୍କ ଡ଼ଲାର ତତ୍ତ୍ୱକୁ ଯୋଡି ଅଧିକ ଆକ୍ରମଣାତ୍ମକ ଭାବରେ ବ୍ୟବହାର କରାଯାଇ, ସମଗ୍ର ପଶ୍ଚିମ ଗୋଲାର୍ଦ୍ଧକୁ ଯୁକ୍ତରାଷ୍ଟ୍ରର ଖୋଲା ସାମରିକ–ରାଜନୈତିକ ନିୟନ୍ତ୍ରଣ ଅଧୀନରେ ଆଣିବାର ପ୍ରୟାସ ବଳବତ୍ତର ରହିଛି । ଏ.ଏଲ୍.ବି.ଏ ଏବଂ ପେଟ୍ରୋକାରିବେ (ଭେନେଜୁଏଲା ଦ୍ୱାରା ଲାଟିନ ଆମେରିକାର ବିଭିନ୍ନ ଦେଶକୁ ତେଲ ଯୋଗାଇ, ତା'ର ମୂଲ୍ୟର ଅଳ୍ପ କିଛି ଅଂଶ ନଗଦ ଆକାରରେ ଏବଂ ବଳକା ଅର୍ଥ ଅଳ୍ପ ସୁଧ ହାରରେ ୨୫ ବର୍ଷ ମଧ୍ୟରେ ଅର୍ଥ / ପଦାର୍ଥ କିମ୍ବା ସେବା ମାଧ୍ୟମରେ ପରିଶୋଧ କରିବାର ବ୍ୟବସ୍ଥା) ପରି ପଦକ୍ଷେପ ମାଧ୍ୟମରେ ଭେନେଜୁଏଲାର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଏକତାର ଦାବି ଏହି ସାମ୍ରାଜ୍ୟବାଦୀ ମନ୍ରୋ–ଡ଼ଲାର୍ ଢାଞ୍ଚାକୁ ସିଧାସଳଖ ଚ୍ୟାଲେଞ୍ଜ କରିଥିଲା । ଫଳସ୍ୱରୂପ, ଭେନେଜୁଏଲାକୁ ଏକ–ଘରକିଆ କରିବା ପାଇଁ, ଅନ୍ୟ ଦେଶମାନଙ୍କ ଠାରୁ ଅଲଗା କରିବାପାଇଁ, ସେହି ଦେଶ ଭିତରେ ଅସ୍ଥିରତା ସୃଷ୍ଟି କରିବା ଏବଂ ଭେନେଜୁଏଲାକୁ ଦଣ୍ଡ ଦେବା ପାଇଁ ଆମେରିକା ଟାର୍ଗେଟ କରିଥିଲା ।

ମୋନରୋ ତତ୍ତ୍ୱ ଲାଟିନ୍ ଆମେରିକାକୁ ଆମେରିକାର ପ୍ରଭାବର ସ୍ୱତନ୍ତ୍ର କ୍ଷେତ୍ର ବୋଲି ଦାବି କରେ । ବାସ୍ତବରେ ଏହିପରି ସିଦ୍ଧାନ୍ତଗୁଡ଼ିକ ମହାଜନୀ ଆର୍ଥିକ ପୁଞ୍ଜିର ଆଦର୍ଶଗତ ଅସ୍ତ୍ର ଭାବେ ଚିହ୍ନଟ ହୋଇଥାଏ, ଏହି ସିଦ୍ଧାନ୍ତଗୁଡ଼ିକର ଉଦ୍ଦେଶ୍ୟ ହେଉଛି:– ବଜାର, ସମ୍ବଳ ଏବଂ ରଣନୈତିକ ନିୟନ୍ତ୍ରଣକୁ ସୁରକ୍ଷିତ କରିବା ଏବଂ କୌଣସି ଦେଶର ସ୍ୱାଧୀନ ରାଜନୈତିକ ବିକାଶକୁ ଦମନ କରିବା । ଭେନେଜୁଏଲା ଏହିଭଳି ସାମ୍ରାଜ୍ୟବାଦର ଅଧୀନସ୍ଥ ହୋଇ ରହିବା ସ୍ଥିତିକୁ ମାନିବାକୁ ଅସ୍ୱୀକାର କରିଥିବାରୁ, ସେ ଅନିବାର୍ଯ୍ୟ ଭାବେ ସାମ୍ରାଜ୍ୟବାଦୀ ପ୍ରତିଶୋଧର ସମ୍ମୁଖୀନ ହେଲା ।

**କ୍ରମଶଃ...**

**ମୋ–୯୪୩୮୫୫୬୧୨୯**

# ଭକ୍ତକବି ମଧୁସୂଦନଙ୍କ କବିତାର ବୈଶିଷ୍ଟ୍ୟ

**ଡକ୍ଟର ଆରତି କର**

ଭକ୍ତକବି ମଧୁସୂଦନ ରାଓଙ୍କ ଜୀବନୀ ଓ ତାଙ୍କର ସାରସ୍ୱତ ସୃଷ୍ଟି ସମୂହକୁ ଆଲୋଚନା କଲେ ମନେହୁଏ ପୁଣ୍ୟଭୂମି ଉତ୍କଳ ଭୂମିରେ ଅଧିକରୁ ଅଧିକ ନୈତିକତାର ବୀଜ ବପନ କରିବା ଉଦ୍ଦେଶ୍ୟରେ ବୋଧହୁଏ ଭଗବାନ ତାଙ୍କୁ ପ୍ରେରଣ କରିଥିଲେ । ପୁଣ୍ୟ ନୀଳାଚଳ ଧାମ ଶ୍ରୀକ୍ଷେତ୍ରରେ କବିଙ୍କର ଜନ୍ମ । ଶୈଶବରୁ ମଧୁସୂଦନ ଥିଲେ ମାତୃହୀନ । ପିତା ଭାଗୀରଥୀ ରାଓ ଉଭୟେ ପିତା–ମାତାଙ୍କର ସ୍ନେହ ପ୍ରଦାନ କରି ବେଶ୍ ନୀତି ସଂପନ୍ନ କରି ଗଢ଼ନ୍ତି ପୁତ୍ର ମଧୁସୂଦନଙ୍କୁ । ଫଳରେ ସେ ପାଲଟି ଯାଆନ୍ତି ଏକାଧାରରେ ଜ୍ଞାନୀ, କବି, ଭକ୍ତ, ପ୍ରେମିକ, ସାଧକ, ଆଦର୍ଶ ଶିକ୍ଷକ ଓ ପ୍ରକୃତି ଉପାସକ ।

ଏ ଦୁନିଆ କିପରି ନୂଆ ରୂପ ନେଇ ହସି ଉଠିବ, ଭଗବାନଙ୍କର ଏହି ସୁନ୍ଦର ସୃଷ୍ଟିକୁ ଆମେ କିପରି ଅଧିକ ଆକର୍ଷଣୀୟ କରିପାରିବା, ତାହାହିଁ କବିଙ୍କର ଏକମାତ୍ର ଭାବନା । ନିର୍ମଳ ଭଗବତ୍ ବିଶ୍ୱାସ ଓ ବୌଦ୍ଧିକ ସମ୍ବେଦନଶୀଳତା ପାଇଁ ସେ ଓଡ଼ିଆ ସାହିତ୍ୟରେ ଋଷିକବି ବା ଭକ୍ତକବି ଭାବେ ପରିଚିତ–ଈଶ୍ୱର ସର୍ବବ୍ୟାପୀ, ଏଇ ଚେତନକୁ ଦୃଢ଼ୀଭୂତ କରିଛନ୍ତି କବି – *'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।'*

ପିଲାଏ ହସିଲେ ଦୁନିଆଁ ହସିବ – ଏଇ ଧାରାରେ ଅଖଣ୍ଡ ବିଶ୍ୱାସୀ ସାଜି ଛାତ୍ର ସମାଜକୁ ଶୁଣାଇଛନ୍ତି ଉପଦେଶର ବାଣୀ–

*'ଲେଖାପଢ଼ାରେ ଦିଅ ମନ, ହେଳା ନକର*
*ଶିଶୁଗଣ,ଖେଳା କରହେ ପଢ଼ାସାରି, ଦେଖିବ*
*ଆସ ଶୁଆଶାରୀ ।'*

ଏ ସଂସାର ହେଉଛି ଏକ ପରିବାର ପରି, ତେଣୁ ପ୍ରତ୍ୟେକଙ୍କ ସହ ସ୍ନେହ ସୂତ୍ରରେ ବାନ୍ଧି ହୋଇ ରହିବା, ପ୍ରତ୍ୟେକଙ୍କ ସୁଖ–ଦୁଃଖରେ ସହଭାଗୀ ସାଜିବା ହିଁ ପ୍ରକୃତ ମଣିଷ ପଣିଆ । ବିଶେଷ କରି ମଣିଷର ଆଚରଣରୁ ହିଁ ଜଣାପଡ଼େ ତା'ର ସ୍ୱଭାବ, ତେଣୁ ପ୍ରତ୍ୟେକ କିପରି ଆଚରଣ ସିଦ୍ଧ ହେବେ ସେଥି ନିମନ୍ତେ କବି ଶୁଣାଇଛନ୍ତି –

*'କୁବାକ୍ୟ କେବେ ନ କହିବ, ଆଳସ୍ୟ କେବେ*
*ନ କରିବ,ମିଥ୍ୟାକୁ ପାପ ବୋଲି ଜାଣି, କହିବ*
*ସଦା ସତ୍ୟବାଣୀ ।'*

ସତ୍ୟପଥରେ ଗତି କରିବା ଅତ୍ୟନ୍ତ କଷ୍ଟକର ହେଲେ ମଧ୍ୟ, ଏ ପଥରେ ଯାଇ ସମସ୍ତେ କିପରି ଯଶସ୍ୱୀ ସାଜିବେ, ଏଥିପାଇଁ କବି ସତତ ଜାଗ୍ରତ–

*କାହାରିକୁ କ୍ଳେଶ ନଦିଅ କେବେ*
*ସଂସାରେ ପ୍ରଶଂସା ଲଭିବ ତେବେ ।*

ସଂସାରର ପାର୍ଥିବ ବସ୍ତୁ ପ୍ରତି ଆକର୍ଷିତ ନ ହୋଇ ଯାହା ବ୍ୟକ୍ତିକୁ ବିମଳ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରତି ମୁହୂର୍ତ୍ତରେ ତା'ର ବନ୍ଧୁ ସାଜିଥାଏ ସେହି ଦିବ୍ୟ ରତ୍ନର ସନ୍ଧାନରେ ଲାଗି ପଡ଼ିବାକୁ କବିଙ୍କର ରହିଛି ଉପଦେଶ –

*'ବିଦ୍ୟା ଅଟଇ ମହାଧନ, ବାଳକେ କର*
*ଉପାର୍ଜନ । ବିଦ୍ୟା ଅଟଇ ମହାବଳ, ସେ*
*ବଳେ ଜିଣ ଭୂମଣ୍ଡଳ ।'*



ଜୀବମାନଙ୍କର ପ୍ରତି ଦୟା ତାଙ୍କର ଅସୀମ । ଏହି ଭାବ କିପରି ପ୍ରତି ହୃଦୟରେ ଜାଗିଉଠୁ ଏହି ଆଶାରେ ଆଶାୟୀ ହୋଇଛନ୍ତି କବି, ତେଣୁ ତାଙ୍କର 'ଜୀବେଦୟା' କବିତାରେ ଗାଇଛନ୍ତି–

*'ସକଳ ଜୀବେ ଦୟା ବହି*
*ପବିତ୍ର କର ଏହି ମହୀ ।*

ଭକ୍ତିକବି ମଧୁସୂଦନ ଗଦ୍ୟ ଓ ପଦ୍ୟ ଉଭୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ ମଧ୍ୟ କବିତା ବା ପଦ୍ୟ ସାହିତ୍ୟ ତାଙ୍କୁ ଦେଇଛି ଅଜସ୍ର ପ୍ରସିଦ୍ଧି । ତାଙ୍କର କାବ୍ୟକୃତିଗୁଡ଼ିକ ମଧ୍ୟରେ 'ଛାନ୍ଦମାଳା', 'କବିତାବଳି', 'କୁସୁମାଳି' ଓ 'ବସନ୍ତ ଗାଥା' ଅନ୍ୟତମ । ସେ ସମୟରେ ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଉପଲବ୍ଧି କରି ଓ ସେ ସବୁ ପୂରଣ କରିବା ଦିଗରେ ବିଭିନ୍ନ ଶ୍ରେଣୀ ଉପଯୋଗୀ ବହୁ ପାଠ୍ୟ ପୁସ୍ତକର ସେ ରଚୟିତା । ପାଠ୍ୟ ପୁସ୍ତକ ଥିବାରୁ ସେଥିରେ ମୁଖ୍ୟତଃ ଶିକ୍ଷଣୀୟ ଉପାଦାନ ମାନ ସ୍ଥାନ ପାଇଲା – ଯେପରି ବିସ୍ତୀର୍ଣ୍ଣ, ଅନନ୍ତ 'ଆକାଶ'ର ବର୍ଣ୍ଣନା– *'ଆକାଶ ଦିଶେ କି ସୁନ୍ଦର,ତାହାକୁ ରଚିଲେ ଈଶ୍ୱର ।*

ଓଡ଼ିଆ ପ୍ରବନ୍ଧ ଓ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । କବିବର ରାଧାନାଥ ଥିଲେ ମଧୁସୂଦନଙ୍କର ବାଲ୍ୟଗୁରୁ, ପରମ ସୁହୃଦ ଏବଂ କର୍ମକ୍ଷେତ୍ରରେ ମଧ୍ୟ ଥିଲେ ପ୍ରଧାନ ସହାୟକ । ଶିକ୍ଷା କ୍ଷେତ୍ରରେ ଉଭୟେ ମିଶି ବହୁ ପାଠ୍ୟ ପୁସ୍ତକ ରଚନା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଉନ୍ନତି ଦିଗରେ ମଧ୍ୟ ଉଭୟେ ବହୁକାର୍ଯ୍ୟ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ପ୍ରତିଟି ଶିଶୁର ଆଦ୍ୟଗୁରୁ ସାଜି ପ୍ରଥମ ସୋପାନରେ ସେ ପ୍ରତିଟି ହାତରେ ଧରାଇ ଦେଇଛନ୍ତି ତାଙ୍କ ରଚିତ 'ବର୍ଣ୍ଣବୋଧ' ଯାହା ଫଳରେ ଶିଶୁଟି ସୋପାନ ପରେ ସୋପାନ ଅକ୍ଳେଶରେ ଅତିକ୍ରମ କରିପାରିଛି । କହିବା ବାହୁଲ୍ୟ ଏକଦା ଗୋଟିଏ ବର୍ଷରେ 'ମଧୁ ବର୍ଣ୍ଣବୋଧ' ଲକ୍ଷେ ପଚିଶ ହଜାର ବିକ୍ରି ହୋଇଥିଲା । ଏହାହିଁ ବର୍ଣ୍ଣବୋଧର ଲୋକପ୍ରିୟତାର ପ୍ରମାଣ ।

କବି କବିତା ମାଧ୍ୟମରେ କୋମଳମତି ଶିଶୁକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି 'ଛଅ' ଋତୁ ଓ ବାର ମାସ ସଂପର୍କରେ –

*'ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ*
*ମାସ, ପ୍ରଚଣ୍ଡ ରୌଦ୍ର ପରକାଶ*
*। ବର୍ଷାରେ ଆଷାଢ଼ ଶ୍ରାବଣ,*
*ନିର୍ମଳ ଶୋଭା ଜଗତରେ ।'*

ଏମିତି ସମସ୍ତ ଋତୁ ଓ ମାସମାନଙ୍କୁ ନେଇ ଆଗକୁ ଗତିଶୀଳ ହୋଇଛି କବିଙ୍କର 'ବାରମାସ'' କବିତା । ଏତଦ୍ ବ୍ୟତୀତ ପ୍ରତିଟି ଋତୁରେ ପୃଥିବୀ ପୃଷ୍ଠରେ କି କି ପରିବର୍ତ୍ତନ ଆସେ, ଜନସମାଜ ସେସବୁକୁ କିପରି ଉପଭୋଗ କରନ୍ତି, ସେ ସଂପର୍କରେ ମଧ୍ୟ ରହିଛି ସବିଶେଷ ବର୍ଣ୍ଣନା । ଯେପରି ଋତୁରାଜ ବସନ୍ତ ବର୍ଣ୍ଣନାରେ –*'ଆସଇ ବସନ୍ତ ଶିଶିର ଅନ୍ତେ ,ଦିଶଇ ଧରଣୀ ଚାରୁ କେମନ୍ତେ ।'*

ଅନୁରୂପ ଭାବରେ ଗ୍ରୀଷ୍ମ ଋତୁର ବର୍ଣ୍ଣନା –

*'କ୍ରମେ ଧୂଅନ୍ତେ ଆସଇ ଜଗତେ । ଦାରୁଣ*
*ନିଦାଘ କାଳ ,ତୀକ୍ଷ୍ଣ ଶର ପ୍ରାୟ ବର୍ଷର ତପନ*
*ପ୍ରଚଣ୍ଡ କିରଣ ଜାଳ ।'*

ଗ୍ରୀଷ୍ମ ଋତୁରେ ପ୍ରାଣ ସନ୍ତାପିତ ହେଉଥିବା ସମୟରେ ବର୍ଷାର ଆଗମନ ହିଁ ପ୍ରଦାନ କରିଥାଏ ପ୍ରତିଟି ପ୍ରାଣରେ ଶୀତଳତା – ଯେ କି ଆସିଥାଏ ମଙ୍ଗଳର ବାର୍ତ୍ତା ନେଇ । *'ବରଷା କାଳ ଅଟେ ମଙ୍ଗଳକାରୀ , ପାଳଇ ପରଜାଙ୍କୁ ବରଷି ବାରି ।*

କବି ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇଥିଲେ ଓ ଏହି ବ୍ରାହ୍ମଧର୍ମ ଗ୍ରହଣ ପରେ ତାଙ୍କର କବିତାର ଆତ୍ମିକ ବିଭବରେ ଆସିଲା ପରିବର୍ତ୍ତନ, ଉପନିଷଦୀୟ ଚିନ୍ତାଧାରା ଧୀରେ ଧୀରେ କବିତା ମଧ୍ୟକୁ ପ୍ରବେଶ କଲା । କବିଙ୍କର 'ପଦ୍ମ' କବିତା ଏହାର ଯଥାର୍ଥ ଉଦାହରଣ, ଯେଉଁଥିରେ କି ପାଠକ ଉଭୟ ସୌନ୍ଦର୍ଯ୍ୟବୋଧ ଓ ଈଶ୍ୱରୀୟ ଚେତନା ଉପଲବ୍ଧି କରିବା ସଙ୍ଗେ ସଙ୍ଗେ କବିତା ଦେଖାଏ ଉତ୍ତରଣର ମାର୍ଗ –

*'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି*
*କି ଅମୃତେ ତୋ ତନୁ ଗଢ଼ିଲା ବିହି*
*ତୋ ରୂପ ଦରଶନେ ମୋର ହୃଦୟ*
*ପୁଣ୍ୟ ଆନନ୍ଦେ ହୁଏ ଅମୃତମୟ ।'*

ସଂସାରର, ଅଳୀକତା ଓ ଅସାରତା ସଂପର୍କରେ କବି ତାଙ୍କର 'ଜୀବନଚିନ୍ତା' କବିତାରେ ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି – ବାସ୍ତବିକ୍ ତାହା ଏକ ସାର୍ବଜନୀନ ସତ୍ୟ –

*'ରେ ଆତ୍ମନ୍ ! ନିଦ୍ରା ପରିହରି*
*ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ*
*ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି*
*ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ ।'*

କବିଙ୍କର ଅନନ୍ୟ ଈଶ୍ୱର ଭକ୍ତି, ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନକୁ ନେଇ କବିଙ୍କର ଭାବଧାରା ତାଙ୍କ କବିତାଗୁଡ଼ିକୁ ଚିରନ୍ତନ ମୂଲ୍ୟବୋଧରେ କରିଛି ଋଦ୍ଧିମନ୍ତ । ତାଙ୍କ ଦୃଷ୍ଟିରେ ମନୁଷ୍ୟ ଈଶ୍ୱରଙ୍କର ପୁତ୍ର, ସେ ହିଁ ଅମୃତର ସନ୍ତାନ । ଗଭୀର ଭକ୍ତିଭାବ, ଉଜ୍ଜ୍ୱଳ ଆଶାବାଦ ଓ ଆନନ୍ଦବାଦର କବି ହେଉଛନ୍ତି ଭକ୍ତକବି ମଧୁସୂଦନ, ତାଙ୍କ ଦୃଷ୍ଟିରେ ଆମର ପରିବାର ହିଁ ମର୍ତ୍ତ୍ୟର ବୈକୁଣ୍ଠ– *'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।'*

ପରିବାର ଠାରୁ ଦୂରରେ ରହିଥିବା ଜଣେ ବ୍ୟକ୍ତିର ଦୁଃଖ, କେବଳ ଜଣେ ଅନୁଭବୀ ହିଁ ଉପଲବ୍ଧି କରିପାରିବ । ଯାହାକି କବି ବର୍ଣ୍ଣନା କରିଛନ୍ତି ତାଙ୍କ 'ନିର୍ବାସିତର ବିଳାପ' କବିତାରେ –

*'ଥାଆନ୍ତା ଯଦି ମୋହର ବିହଙ୍ଗ ପକ୍ଷ*
*ଲଂଘି ଭୀଷଣ ଗିରି ସମୁଦ୍ର ବକ୍ଷ*
*ଦେଖନ୍ତି ପ୍ରିୟ ଜନ ମୁଖ କମଳ*
*ହୁଅନ୍ତା ଏ ସନ୍ତପ୍ତ ପ୍ରାଣ ଶୀତଳ ।'*

ସତରେ ଅବ୍ୟକ୍ତ ସେ ବେଦନା । ସାଧନା ସିଦ୍ଧିରେ ରସାଣିତ ତଥା ସଂସାର ସମ୍ବନ୍ଧୀୟ ତଥ୍ୟରେ ପରିପୂର୍ଣ୍ଣ କବିଙ୍କ କବିତା ସମୂହ ।

**ଶତାବ୍ଦୀ ନଗର, ଭୁବନେଶ୍ୱର**

**ମୋ–୮୮୪୭୮୯୨୬୭୨**

# ପାଠକୀୟ ମତାମତ

## ଓଭରସିଜ ବ୍ୟାଙ୍କ କର୍ମଚାରୀଙ୍କ ଦାବି ବିଚାର କରାଯାଉ

ମହାଶୟ,


ସାରାଦେଶରେ ଓଭରସିଜ ବ୍ୟାଙ୍କ ଏମ୍ପ୍ଲୋୟିଜ୍ ୟୁନିୟନ (AIOBEU)ର କର୍ମଚାରୀମାନେ ଦେଶବ୍ୟାପୀ ଏକତ୍ର ହୋଇ ଶୃଙ୍ଖଳାର ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବ୍ୟାଙ୍କର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରୁଥିବା ମୂଳ ସମସ୍ୟାଗୁଡ଼ିକ ଅବହେଳିତ ରହିବାରୁ କର୍ମଚାରୀମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଏହି ଆନ୍ଦୋଳନ ମାଧ୍ୟମରେ ଉଜାଗର କରାଯାଇଥିଲା । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ମୁଖ୍ୟ ଓ ସ୍ୱୀକୃତପ୍ରାପ୍ତ ଇଉନିୟନ ଆସନ୍ତା ୨ ଓ ୩ ଫେବୃଆରୀ (୨୦୨୬)ରେ ଦେଶବ୍ୟାପୀ ଧର୍ମଘଟର ଡାକରା ଦେଇସାରିଛି, କାରଣ କର୍ତ୍ତୃପକ୍ଷ ଲଗାତାର କର୍ମଚାରୀ ଅଭାବ ଓ ଶାଖାଗୁଡ଼ିକର ବଢୁଥିବା କାର୍ଯ୍ୟ ଚାପକୁ ଅବହେଳା କରୁଛନ୍ତି । ଇଉନିୟନ ଉଲ୍ଲେଖ କରିଛି ଯେ, ଅକାଳରେ ଏକମାତ୍ର ରୋଜଗାରକ୍ଷମ କର୍ମଚାରୀମାନଙ୍କ ଦେହାନ୍ତ ପରେ ପ୍ରାୟ ୧୦୦ଟି ପରିବାର ଏଯାବତ୍ କରୁଣାମୂଳକ ନିଯୁକ୍ତି ପାଇଁ ପ୍ରତୀକ୍ଷାରତ । ଏହାସହିତ, ୨୦୨୬ ପାଇଁ ପର୍ଯ୍ୟାପ୍ତ କ୍ଲର୍କ ନିଯୁକ୍ତି ପ୍ରସ୍ତାବନ ଦେଇଥିବାକୁ ଇଉନିୟନ ଆପତ୍ତି ଜଣାଇଛି । କେବଳ ୩୦୦ କ୍ଲର୍କ ନିଯୁକ୍ତି ପ୍ରସ୍ତାବ ସମ୍ପୂର୍ଣ୍ଣଭାବେ ପର୍ଯ୍ୟାପ୍ତ ନୁହେଁ, ବିଶେଷକରି ଯେତେବେଳେ ବ୍ୟାଙ୍କ ଏହି ସମୟରେ ୩୮୫କ୍ଲର୍କଙ୍କୁ ପଦୋନ୍ନତି ଦେବା ପ୍ରସ୍ତାବ ରଖିଛି । ଏହା ସହିତ ଅବସର ଗ୍ରହଣ ଯୋଗୁଁ ହେଉଥିବା କର୍ମଚାରୀ କ୍ଷୟକୁ ଗଣନାରେ ନ ନେଇ ଥିବାରୁ କର୍ମଚାରୀ ଅଭାବ ଆହୁରି ଗୁରୁତର ହେବ ଓ ଗ୍ରାହକସେବା ଉପରେ ଖରାପ ପ୍ରଭାବ ପଡ଼ିବ । QR କୋଡ୍ ଆଧାରିତ ଗ୍ରାହକ ଫିଡ୍ ବ୍ୟାକ୍ସ ପ୍ରଣାଳୀକୁ ଇଉନିୟନ ଦୃଢ଼ ଭାବେ ବିରୋଧ କରିଛି, କାରଣ ଏହାରେ ବ୍ୟକ୍ତିଗତ କର୍ମଚାରୀଙ୍କ ଫଟୋ ସଂଗ୍ରହ କରାଯାଉଛି । ୟୁନିଅନ ସତର୍କ କରାଇଛି ଯେ, ଏପରି ପ୍ରଣାଳୀ ବିଶେଷକରି ମହିଳା କର୍ମଚାରୀଙ୍କ ପାଇଁ ସୁରକ୍ଷା ଓ ଗୋପନୀୟତା ସମସ୍ୟା ସୃଷ୍ଟି କରିପାରେ । ଇଉନିୟନ ଗ୍ରାହକ ଫିଡ୍ ବ୍ୟାକ୍ସ ସଂଗ୍ରହକୁ ବିରୋଧ କରୁନାହିଁ, କିନ୍ତୁ ଏହା ବ୍ୟକ୍ତିଗତ ନୁହେଁ, ଶାଖା ଆଧାରିତ ହେବା ଉଚିତ ବୋଲି ୟୁନିଅନ ମତ ପ୍ରକାଶ କରିଛି, କାରଣ ବ୍ୟାଙ୍କିଙ୍ଗ ସେବା ଏକାକୀ ନୁହେଁ, ସମୂହ ଦଳୀୟ କାର୍ଯ୍ୟର ଫଳ । କର୍ମଚାରୀ, ଗ୍ରାହକଙ୍କ ସ୍ୱାର୍ଥ ଏବଂ ବ୍ୟାଙ୍କର ସୁଗମ କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି, ଏହି ସମସ୍ତ ନ୍ୟାୟସଙ୍ଗତ ଦାବିଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଉଦ୍ୟମ ହେଉ ।

**ଧୀରେନ୍ଦ୍ର କୁମାର ସ୍ୱାଇଁ**
**ସହୀଦ ନଗର, ଭୁବନେଶ୍ୱର**

**ଏହି ସ୍ତମ୍ଭରେ ସ୍ଥାନିତ ମତାମତ ଆଦି ପାଠକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶହେ ବର୍ଷରେ ପଦବାବୁ

**ଦିଲ୍ଲୀପ ଦାଶଶର୍ମା**



ପଦ୍ମଚରଣ ନାୟକଙ୍କ ସହିତ ୨୦୦୨ ମସିହାରୁ ମୋର ପରିଚୟ । କାହିଁକି କେଜାଣି ପ୍ରଥମ ପରିଚୟରୁ ସେ ମୋତେ ପସନ୍ଦ କରନ୍ତି। ଗତ ୨୫ ବର୍ଷ ଭିତରେ ତାଙ୍କ ମିଶି ସହିତ ବହୁ କାମ କରିଛି । କାମ ସମୟରେ ଆମେ ସାଥୀ ହୋଇ ମଟର ସାଇକେଲରେ ଯାଉ । ତାଙ୍କୁ ଶହେ ବର୍ଷ ପୂରଣ ହେଲା, ଏହା ମୋର ବିଶ୍ୱାସ ହେଉନାହିଁ । ଦିନକର ଘଟଣା। ଗୋଟିଏ ଖବରକାଗଜ କାର୍ଯ୍ୟାଳୟକୁ ପଦବାବୁ ମୋ ମଟରସାଇକେଲ ପଛରେ ବସି ଯାଇଥିଲେ । ସେ କାର୍ଯ୍ୟାଳୟ ଭିତରକୁ ଗଲେ । ମୋର କିଛି କାମ ନ ଥିବାରୁ ମୁଁ ଫାଟକ ବାହାରେ ଛିଡ଼ା ହୋଇ ଅପେକ୍ଷା କଲି । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ମୋତେ ପଚାରିଲେ–ଆପଣଙ୍କ ସହିତ ଯେଉଁ ଧୋତି ପିନ୍ଧାବାବୁ ଆସିଛନ୍ତି ସିଏ କିଏ ? ମୁଁ କହିଲି, ସେ ହେଉଛନ୍ତି ଜଣେ ପୂର୍ବତନ ବିଧାୟକ । ସୁରକ୍ଷାକର୍ମୀ ନାପସନ୍ଦ କଲାଭଳି କହିଲେ, ଆଜ୍ଞା ମୁଁ ଏଠାରେ ବହୁ ଦିନ ହେଲା କାମ କରୁଛି । ଏଠାକୁ ବହୁ ବିଧାୟକ ଓ ପୂର୍ବତନ ବିଧାୟକ ଆସୁଛନ୍ତି, ମୁଁ ସବୁ ଦେଖୁଛି। ମୋ ସହିତ ଯିଏ ଆସିଛନ୍ତି, ସିଏ ଜଣେ ପୂର୍ବତନ ବିଧାୟକ ବୋଲି ତୁମେ କାହିଁକି ଅବିଶ୍ୱାସ କରୁଛ? ସେ କହିଲେ ପୂର୍ବତନ ବିଧାୟକମାନେ ନିଜର ଦାମିକା ଗାଡ଼ିରେ ଆସୁଛନ୍ତି । କିନ୍ତୁ ଆପଣଙ୍କ ମଟରସାଇକେଲ ପଛରେ ବସି ଆସିଥିବା ବ୍ୟକ୍ତିଙ୍କୁ ଆପଣ ପୂର୍ବତନ ବିଧାୟକ କହୁଛନ୍ତି । ତାଙ୍କର କ'ଣ କାର୍ କିମ୍ବା ଦାମିକା ଗାଡ଼ି ନାହିଁ ଯେ, ସେ ଆପଣଙ୍କ ପଛରେ ବସି ଆସିବେ ? ଏ କଥା ଶୁଣି ପଦ ବାବୁଙ୍କ ପ୍ରତି ମୋର ସମ୍ମାନ ବହୁତ ବଢ଼ିଯାଇଥିଲା । ପଦବାବୁ ରେଭେନ୍ସା ମହାବିଦ୍ୟାଳୟରୁ ଏମ୍.ଏସ୍‌ସି. ପାଠ ପଢ଼ି ଚାକିରି ନକରି ସ୍ୱାଧୀନ ଭାବରେ ନିର୍ବାଚିତ ହୋଇଥିଲେ । ଖର୍ଚ୍ଚ ହୋଇଥିଲା ମାତ୍ର ୧୫ ଶହ ପଚାଶ ଟଙ୍କା । ସ୍ୱାଧୀନ ଭାବରେ ଅନ୍ୟ ନିର୍ବାଚିତ ସଦସ୍ୟମାନେ ଶାସକ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ବି ସେ ସମାଜବାଦୀ ଦଳରେ ଯୋଗ ଦେଇଥିଲେ । ୧୯୬୧ରୁ ୧୯୬୭ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ଥାଇ ମଧ୍ୟ ସେ ଅତି ସରଳ ଜୀବନଯାପନ କରୁଥିଲେ । ସେ ମଧୁବାବୁଙ୍କ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ସଦସ୍ୟ, ଭୁବନେଶ୍ୱର ଶାଖା ସଭାପତି ଓ ସମ୍ମିଳନୀର ଉପଦେଷ୍ଟା ଭାବରେ ବହୁ କାମ କରିଯାଇଛନ୍ତି । ସେ ମଧୁବାବୁଙ୍କ ଦେଢ଼ଶହ ବର୍ଷ ଜୟନ୍ତୀ ପାଳନ କରାଇଥିଲେ ଓ ଉତ୍କଳ ସମ୍ମିଳନୀର ଶତବାର୍ଷିକୀ ମଧ୍ୟ ତାଙ୍କ ଉଦ୍ୟମରେ ପାଳିତ ହୋଇଥିଲା। ଉତ୍କଳ ସମ୍ମିଳନୀ ପକ୍ଷରୁ ୧୯୯୯ରେ ଓ ୨୦୨୪ରେ ଦୁଇ ଦୁଇଥର ପ୍ରକାଶିତ ନବକିଶୋର ଦାସଙ୍କ ଲେଖା 'ଉତ୍କଳ ଗୌରବ ମଧୁସୂଦନ' ପୁସ୍ତକ ଭଳି ଦୁଲର୍ଲଭ ପୁସ୍ତକ କେବଳ ପଦ୍ମଚରଣଙ୍କ ପାଇଁ ପ୍ରକାଶିତ ହୋଇପାରିଛି । ମଧୁବାବୁଙ୍କ ଉପରେ 'ଭାରତଗୌରବ ମଧୁସୂଦନ', ' ଉତ୍କଳ ଗୌରବରୁ ଭାରତଗୌରବ' ଭଳି ପୁସ୍ତକ ଲେଖିଥିଲାବେଳେ ସେ ଶୈଳବାଳା ଦାସଙ୍କଦ୍ୱାରା ସଂକଳିତ ଇଂରାଜୀ ପୁସ୍ତକ 'ମଧୁସୂଦନ ଥ୍ରୁ ମେନି ଆଇଜ୍' ପୁସ୍ତକର ଅନୁବାଦ କରି ତାର ନାମ ରଖିଛନ୍ତି 'ଚିରବନ୍ଦନୀୟ ମଧୁସୂଦନ'।

**ଆବାହକ,**
**ପଦ୍ମଚରଣ ନାୟକ ଜନ୍ମଶତବାର୍ଷିକ ସମିତି**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଜିତ୍...

ଜଣାପଡିନାହିଁ । ଯେଉଁ ବିମାନଟିରେ ଅଜିତ ଯାଉଥିଲେ ତାହା ଡବଲ ଇଞ୍ଜିନର ହାଲୁକା ଜେଟ୍ ଥିଲା । ଏହା ମୁଖ୍ୟତଃ କର୍ପୋରେଟ ଓ ଭିଆଇପିମାନଙ୍କ ଯାତାୟତରେ ବ୍ୟବହାର ହୋଇଥାଏ । ମୁମ୍ବାଇରୁ ପୂର୍ବାହ୍ନ ୮.୧୦ ମିନିଟରେ ବିମାନ ଉଡାଣ ଭରି ଥିଲା । ପୂର୍ବାହ୍ନ ୮.୩୦ ମିନିଟରେ ଅବତରଣ କରିବାକୁ ଚେଷ୍ଟା କରିଥିଲା । ତେବେ କମ ଦୃଶ୍ୟମାନ ଯୋଗୁଁ ବିଫଳ ହୋଇଥିଲା । ୮.୪୨ରେ ଦ୍ୱିତୀୟଥର ପାଇଁ ପ୍ରୟାସ କରାଯାଇଥିଲା । ପୂର୍ବାହ୍ନ ୮.୪୫ରୁ ରାଡରରେ ଦୃଷ୍ଟିକୁ ଆସିନଥିଲା । ଭିଏସଆର୍ ଆଭିଏସନର ଏହି ବିମାନ ଥିଲା । ତାର ମାଲିକଙ୍କ କହିବା ଅନୁଯାୟୀ ଏହା ସତପ୍ରତିଶତ ନିରାପଦ । ଉଡାଣ ପୂର୍ବରୁ ଯାଞ୍ଚ ମଧ୍ୟ କରାଯାଇଥିଲା । ସମିତ କାପୁର ଓ ସାମ୍ଭାବୀ ପାଟଅଫ୍ ବିମାନର ସହଯୋଗୀ ପାଇଲଟ ଓ ସହଯୋଗୀ ପାଇଲଟ ଥିଲେ ।

ଅଜିତ ପାୱାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସୋସିଆଲ ମିଡ଼ିଆରେ ସୋସିଆଲ ମିଡ଼ିଆରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସେ ଲୋକମାନଙ୍କ ନେତା ଥିଲେ । ସେ ତୃଣମୂଳସ୍ତରର ସହ ଗଭୀର ଭାବେ ଯୋଡି ହୋଇଥିଲେ ଏବଂ ପ୍ରତିବଦ୍ଧତାର ସହ ମହାରାଷ୍ଟ୍ରର ସହ ସେବା କରୁଥିଲେ । ତାଙ୍କର ଦେହାନ୍ତ ଅତ୍ୟନ୍ତ ଦୁଃଖଦାୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫର୍ଡନାଭିସ ତାଙ୍କ ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ମହାରାଷ୍ଟ୍ରର ବଡ଼ କ୍ଷତି ବୋଲି କହିଥିଲେ । ସେହି ଭଳି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, କଂଗ୍ରେସ ସଂସଦ ପ୍ରିୟଙ୍କା ଗାନ୍ଧିଙ୍କ ସମେତ ବହୁ ଗଭୀର ଶୋକ ପ୍ରକାଶ କରିଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଦିଲ୍ଲୀ ବିମାନବନ୍ଦରରେ ଅଜିତ ପାୱାରଙ୍କୁ ସାକ୍ଷାତ କରିଛନ୍ତି ।

## ବିକଶିତ...

ମତ ରଖିଛନ୍ତି । ରାଷ୍ଟ୍ରପତିଙ୍କୁ ଉଲ୍ଲେଖ କରିଥିଲେ ଯେ ୟୁରୋପ ସଂଘ ସହ ମୁଖ୍ୟ ବାଣିଜ୍ୟ ଚୁକ୍ତି, ସେବା ଓ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ । ଯୁବପିଢ଼ି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସରକାରରେ ଦୁର୍ନୀତି ହେଉନାହିଁ । ପ୍ରତ୍ୟେକଟି ଟଙ୍କା ଲୋକଙ୍କ ପାଖରେ ପହଞ୍ଚୁଛି । ଦଳିତ, ଅବହେଳିତ, ପଛୁଆବର୍ଗ ଓ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ସରକାର ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି । ଏକଦଶନ୍ଧୀ ପୂର୍ବରୁ ଦେଶରେ ମାତ୍ର ୫୦୦ ଷ୍ଟାର୍ଟଅପ୍ ଥିଲା ଏବେ ଏହା ୨୦୦୦ରେ ପହଞ୍ଚିଛି । ପ୍ରଯୁକ୍ତି ବିଦ୍ୟା ଓ ଏଆଇ ନିରନ୍ତର ଭାବେ ବିକଶିତ ହେଉଛି । ସରକାର ଓ ଯୁବପିଢ଼ିଙ୍କ ମିଳିତ ପ୍ରୟାସ ଯୋଗୁ କ୍ରୀଡାର ବିକାଶ ଧାରା ଜାରି ରହିଛି । ଦକ୍ଷିଣ ବିଶ୍ୱରେ ଭାରତର ଗୁରୁତ୍ୱ ବଢ଼ିଛି । ବ୍ରିକ୍ସ, ଏସ୍‌ସିଓ, ଜି-୨୦, ଅନ୍ୟାନ୍ୟ ପ୍ଲାଟ୍‌ଫର୍ମରେ ଏକ ଦୃଢ଼ ଉପସ୍ଥିତି ସ୍ଥାପନ କରିଛି । ଅନେକ ବିଶ୍ୱ ସମସ୍ୟା ସମାଧାନ ପାଇଁ ଦେଶ ସଫଳତାର ସହ କାର୍ଯ୍ୟ କରୁଛି । ଖୁବ୍‌ଶୀଘ୍ର ବିଶ୍ୱ ଏଆଇ ସମ୍ମିଳନୀ ସରକାର ଆୟୋଜନ କରିବାକୁ ଯାଉଛନ୍ତି । ବନ୍ଦେ ମାତରମ୍ ୧୫୦ ବର୍ଷ ପୂରଣ କରିଛି । ୪ କୋଟି ଲୋକଙ୍କୁ ପକ୍କାଘର ମିଳିଛି । ଜିଏସ୍‌ଟି ସଂସ୍କାର ଯୋଗୁ ୧ ଲକ୍ଷ କୋଟି ସଞ୍ଚୟ ହୋଇଛି । ଅପରେସନ୍ ସିନ୍ଦୂରରେ ଭାରତୀୟ ସେନା ନିଜ ବିରତ୍ୱ ଦେଖାଇଲା । ଆଉ ଦିନ ଦୂର ନୁହଁ ଆତଙ୍କବାଦ ସମାପ୍ତ ହେବ । ଏବେ ନକ୍ସଲ ସମାପ୍ତ ହେବାକୁ ଯାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

## ୮ ଘଣ୍ଟିଆ...

ଦିଆଯାଇଛି । ଯାଜପୁର ଜିଲ୍ଲାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି । ଟ୍ରେନ, ବସ, ଟ୍ରକ ଚଳାଚଳକୁ ବାଦ ଦେଲେ ବାକି ସବୁ ସ୍ୱାଭାବିକ ରହିଥିଲା । ଯାଜପୁର ଟାଉନ ଓ ବ୍ୟାସନଗର ସହରରେ ଦୋକାନବଜାର ଖୋଲା ରହିଥିବା ବେଳେ ଦୁଇଚକିଆ, ଚାରିଚକିଆ ଓ ଅଟୋ ରିକ୍ସା ଚଳାଚଳ ଜାରି ରହିଛି । ସହରରେ କୌଣସି ସ୍ଥାନରେ ଆନ୍ଦୋଳନ କିମ୍ବା ପିକେଟିଂ ଚାଲିଥିବା ଦେଖିବାକୁ ମିଳିନାହିଁ । ସେହିପରି ଯାଜପୁର ଟାଉନରେ ମଧ୍ୟ ଦୋକାନ ବଜାର, ଯାନବାହନ ଚଳାଚଳ ଜାରି ରହିଛି । ଜିଲ୍ଲା ଅଦାଲତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର ଫାଟକ ଖୋଲା ରହିଥିବା ବେଳେ ଆନ୍ଦୋଳନକାରୀ ସେଠାରେ ପହଁଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ସେହିପରି ଜଗତସିଂହପୁର ଜିଲ୍ଲାରେ ସହର ସମେତ ବିଭିନ୍ନ ଅଞ୍ଚଳରେ ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ପାଳନ କରାଯାଇଛି । ଦୋକାନ ବଜାର ସମେତ ଘରୋଇ ପ୍ରତିଷ୍ଠାନ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା । କିନ୍ତୁ ପାରାଦୀପରେ ସେଭଳି ପ୍ରଭାବ ଦେଖିବାକୁ ମିଳି ନାହିଁ । ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ସଦର ମହକୁମା ତଥା ସହରଠାରୁ ନେଇ ବ୍ଲକଗୁଡିକରେ ବନ୍ଦର ବିଶେଷ ପ୍ରଭାବ ନାହିଁ । ଦୋକାନ ବଜାର, ପେଟ୍ରୋଲ ପମ୍ପ ଖୋଲା ଥିବାବେଳେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ । ଢେଙ୍କାନାଳ ଜିଲ୍ଲାରେ ବନ୍ଦର ପ୍ରଭାବ ଦେଖାଦେଇଛି । ଫଳରେ ଯାନବାହନ ଚଳାଚଳ ସହିତ ଜନଜୀବନ ମଧ୍ୟ ପ୍ରଭାବିତ ହୋଇଥିଲା ।

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଠ ଘଣ୍ଟିଆ କୋରାପୁଟ ଜିଲ୍ଲା ବୈପାରିଗୁଡାରେ ବନ୍ଦ ପାଳନ କରାଯାଇଛି । ବନ୍ଦ ଡାକରା ଯୋଗୁଁ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ଠପ ହୋଇଯାଇଥିଲା । ଜାତୀୟ ରାଜପଥର ବୈପାରିଗୁଡାରୁ ସଂଯୋଗ କରୁଥିବା ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ତଥା ତେଲେଙ୍ଗାନା ରାଜ୍ୟକୁ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଗଜପତି ଜିଲ୍ଲାରେ ପ୍ରଭାବ ଦେଖିବାକୁ ମିଳିଥବା ବେଳେ ପାରଳାଖେମୁଣ୍ଡି ସହର ପ୍ରବେଶ ପଥ ଫରେଷ୍ଟ ଗେଟ୍ ଛକ ନିକଟରେ ରାସ୍ତା ଉପରେ ଧାନ ବସ୍ତା ରଖି, ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ଚାଷୀ । ଭଦ୍ରକରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ । ଭଦ୍ରକ ରେଳ ଷ୍ଟେସନ, ଭଦ୍ରକ ବସ ଷ୍ଟାଣ୍ଡ, ସରକାରୀ ଅଫିସ, ସ୍କୁଲ, କଲେଜ , ବ୍ୟବସାୟୀକ ପ୍ରତିଷ୍ଠାନ ସବୁ ବନ୍ଦ କରାଯାଇଛି । ରାଉରକେଲା ସହରରେ ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ ରହିଛି । ଟ୍ରେନ, ବସ, ଟ୍ରକ ଚଳାଚଳ ସ୍ୱାଭାବିକ ରହିଥିଲା । ଝାରସୁଗୁଡା ଜିଲ୍ଲାରେ ବନ୍ଦ ପାଳନ ପ୍ରଭାବ ଶୂନ୍ୟ ରହିଛି । ସକାଳୁ ରେଳ ଷ୍ଟେସନ ଓ ପୁରୁଣା ବସ ଷ୍ଟାଣ୍ଡ ନିକଟରେ କିଛି ସମୟ ପାଇଁ ପିକେଟିଂ କରାଯାଇଥିବା ବେଳେ ସକାଳ ୯ ଟା ପରଠାରୁ ଦୋକାନ ବଜାର ଖୋଲା ରହିଛି । ଗାଡ଼ିମୋଟର ଚଳାଚଳ ମଧ୍ୟ ସ୍ୱାଭାବିକ ରହିଛି । ବନ୍ଦ ଡାକରା ଯୋଗୁ କିଛି ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା ।

## ନବୀନଙ୍କୁ...

ଏମାନେ ଜିତାଇ ପାରିବେ ବୋଲି କୁହାଯାଉଛି । ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଶ୍ରୀ ଦାସଙ୍କର ନବୀନଙ୍କୁ ଭେଟିବା ପ୍ରସ୍ତାବ ଏକ ଭଲ ପ୍ରୟାସ । ଶ୍ରୀ ଦାସ କହିଛନ୍ତି ଯେ ଉଭୟେ ବିଜେଡି ଓ ଆମେ ବିରୋଧୀ ଦଳ । ଆମେ ଯଦି ମିଶିବା ଜଣେ ପ୍ରାର୍ଥୀ ଜିତିପାରିବେ । ତେବେ ଆମ ମଧ୍ୟରେ ବିଚାରଗତ ଧାରା ଭିନ୍ନ । ଆମେ ପ୍ରାର୍ଥୀ ଦେଲେ ସେମାନେ ସମର୍ଥନ କରିବେ କି ନାହିଁ ତାହା ସନ୍ଦେହ ଥିବାବେଳେ ସେମାନେ ପ୍ରାର୍ଥୀଦେଲେ ଆମେ ସମର୍ଥନ କରିବୁ କି ନାହିଁ ତାହା ମଧ୍ୟ ସନ୍ଦେହ । ଉଭୟେ ବିଜେପିକୁ ଆମେ ବିରୋଧ କରୁଛୁ । ଏଭଳି ସ୍ଥିତିରେ ଓଡ଼ିଶାର ଜଣେ ନିର୍ଦ୍ଦଳୀୟ ଓ ପ୍ରତିଭାବାନ୍ ବ୍ୟକ୍ତିତ୍ୱଙ୍କୁ ଉଭୟ ଦଳର ସହମତିରେ ପ୍ରାର୍ଥୀ କରାଯାଏ ତେବେ ଜିତିବା ସୁନିଶ୍ଚିତ । ସେହି ପ୍ରାର୍ଥୀ ଜଣକ କବି କିମ୍ବା ବଡ ସାହିତ୍ୟିକ ମଧ୍ୟ ହୋଇପାରନ୍ତି ବା ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କ ସହ ଜଡିତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ପ୍ରାର୍ଥୀ କରାଯାଏ । ଯେଉଁ ବ୍ୟକ୍ତି ଦୀର୍ଘ ଜୀବନ ଧରି ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବେ ତାଙ୍କୁ ପ୍ରାର୍ଥୀ କରାଗଲେ ଉଭୟ ଦଳ ହୁଏତ ସହମତି ହୋଇପାରନ୍ତି । ଓଡ଼ିଶାର ମାନ, ସମ୍ମାନ, ସୁରକ୍ଷା ଓ ଗର୍ବ ଗୌରବକୁ ଦେଖି ଯଦି କୌଣସି ନିଷ୍ପତ୍ତି ହୁଏ ତେବେ ଉଭୟ ପକ୍ଷ ଚିନ୍ତା କରିବା ଉଚିତ୍ । ଆମ ପାଖରେ ଭୋଟ୍ ରହିଛି । ନଚେତ୍ ଦଳକୁ ସକ୍ରିୟ ରଖିବାକୁ ଆମକୁ ଜଣେ ପ୍ରାର୍ଥୀ ଦେବାକୁ ହେବ ।

## ବୋମା...

ହେବା ସାଙ୍ଗକୁ ସୁପାରୀ ମଧ୍ୟ ନେଇସାରିଥିଲା । କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ବୋମା ବିସ୍ଫୋରଣ ଘଟିଥାଏ । ଏହାଦ୍ୱାରା ଅଶାନ୍ତ ହୋଇଥାନ୍ତା ରାଜଧାନୀ । ବୋମା ଭିଡିବା ବେଳେ ହୋଇଗଲା ବିସ୍ଫୋରଣ । ସ୍ତବ୍ଧ ହୋଇଗଲେ ଆଜାଦନଗର ବାସିନ୍ଦା । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରରେ ବୋମା ଭିଡିବା ସମୟରେ ବିସ୍ଫୋରଣ ହୋଇଯିବାରୁ ଦୁର୍ଦ୍ଧାନ୍ତ ଅପରାଧୀ ଶେହେନାଜ ସମେତ ୫ଜଣ ଆହତ ହୋଇଛନ୍ତି । ଘଟଣା ଯେତିକି ଭୟଙ୍କର ସେତିକି ସମ୍ବେଦନଶୀଳ ମଧ୍ୟ ।

ଶେହେନାଜ ନାଁରେ ପୂର୍ବରୁ ରାଜଧାନୀର ବିଭିନ୍ନ ଥାନାରେ ଅନେକ ସଙ୍ଗୀନ ମାମଲା ପଞ୍ଜୀକୃତ ରହିଛି । ସେପଟେ ବିସ୍ଫୋରଣ ସହ ବୋମା ପ୍ରସ୍ତୁତ ଘଟଣା ପଛରେ ବଡ ଷଡଯନ୍ତ୍ର ଗନ୍ଧ ବାରିଛନ୍ତି କମିଶନରେଟ୍ ପୋଲିସ ଓ ଏନ୍‌ଆଇଏ ଟିମ୍ । ଏଥିପାଇଁ ତଦନ୍ତକୁ ଗୁରୁତ୍ୱ ଦେଇ ଜୋର୍‌ଦାର କରିଛି ଏନ୍‌ଆଇଏ । ବିସ୍ଫୋରଣ ଘଟଣାକୁ ନେଇ ଅପରାଧୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଉଥିବା ଡିସିପି ଜଗମୋହନ ମିନା କହିଛନ୍ତି । ଏନ୍‌ଆଇଏ ଘଟଣାକୁ ତଦନ୍ତ କରୁଥିବାରୁ ଅପରାଧୀଙ୍କ ପାଇଁ ଅଡୁଆ ବଢିପାରେ । ଆହତମାନେ ଚିକିତ୍ସିତ ହେଉଛନ୍ତି । ସେମାନେ ସୁସ୍ଥ ହେବା ପରେ ବୟାନ ରେକର୍ଡ କରାଯିବା ସହ କେଉଁଠି ବୋମା ଫୁଟାଇବା ପାଇଁ କାହା ଠାରୁ ଶେହେନାଜ ସୁପାରୀ ନେଇଥିଲା ତାହା ସ୍ପଷ୍ଟ ହେବ ବୋଲି ଜଣେ ତଦନ୍ତକାରୀ ଅଫିସର କହିଛନ୍ତି ।

## ବିଏମ୍‌ସି...

ବୈଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏପରକି ବିଏମ୍‌ସି ଅଞ୍ଚଳରେ ଗୁଟଖା ହୋର୍ଡିଂକୁ ହଟାଇ ଦିଆଯିବ । ଯଦି କୌଣସି ଏଜେନ୍ସି ଗୁଟଖା ହୋର୍ଡିଂ ମାରନ୍ତି, ତେବେ ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯିବ ।

ଭଡାରେ ଚାଲିଥିବା ଅର୍ବାନ ହେଲଥ ଆଣ୍ଡ ୱେଲନେସ୍ ସେଣ୍ଟର(ୟୁଏଚ୍ ଡବ୍ଲ୍ୟୁସି)କୁ ଏଣିକି ସରକାର ଭଡା ଦେବେ ନାହିଁ । ସରକାରୀ ଗୃହ କିମ୍ବା ନିଜସ୍ୱ ଗୃହରେ ଚଳାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ବିଏମ୍ ସିର କୌଣସିୟୁଏଚ୍ ଡବ୍ଲ୍ୟୁସିକୁ ବନ୍ଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି ।

ପାଣ୍ଡରା ନିକଟରେ ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବର୍ଷା ଦିନ ପୂର୍ବରୁ ଇସ୍କନ ଓ ରସୁଲଗଡ ଡ୍ରେନ କାମ ବର୍ଷା ଋତୁ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପ୍ରମୁଖ ଡ୍ରେନ ସହ ବିଭିନ୍ନ ଗଳିକନ୍ଦିରେ ଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ମଧ୍ୟ ବର୍ଷାଋତୁ ପୂର୍ବରୁ ସାରିବା ପାଇଁ କୁହାଯାଇଛି । ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ନବୀକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ।ୟୁନିଟ-୧ ହାଟ ପୋଡି ପ୍ରଭାବିତଙ୍କୁ ୩୦ ଦିନ ମଧ୍ୟରେ ଥଇଥାନ କରିବା ପାଇଁ ମଧ୍ୟ ଆଲୋଚନା ହୋଇଛି । ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ୱାର୍ଡରେ ୱାର୍ଡ ଅଫିସ ନିର୍ମାଣ କରିବାକୁ ମେୟର ସୁଲୋଚନା ଦାସ ପ୍ରସ୍ତାବ ଦେଇଛନ୍ତି । ଏହି ବୈଠକରେ ବିଏମସି କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ ।

# ବାଣ ବିସ୍ଫୋରଣରେ ଉଡିଲା ଘର : ଜଣେ ମୃତ, ୨ ଗୁରୁତର





ବାଲିପାଟଣା ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳ ଏବେ ବାରୁଦ ଗଦା ଉପରେ ଅବସ୍ଥିତ । କେତେ ଲୋକଙ୍କର ଧନ ଜୀବନ ଗଲାଣି ସାରା ଅଞ୍ଚଳ ଜାଣିଛି ।ବାରମ୍ବାର ବାଣ ବିସ୍ଫୋରଣ ଘଟୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ନଜର ଅନ୍ଦାଜ କରି ନୀରବ ଦ୍ରଷ୍ଟା ସାଜିଥିବା ଶୁଣିବାକୁ ମିଳୁଛି । ଲୋକଙ୍କ ମୁହଁ ବନ୍ଦ କରିବା ପାଇଁ ଲୋକ ଦେଖାଣିଆ ଚଢାଉ କରି ୩/୪ ଜଣଙ୍କୁ ଗିରଫ କରି ବାହା ବାହା ନେଉଛି । ଆପୋଷ ସମାଧାନ କରି ୪୧ ଫର୍ମରେ ଦସ୍ତଖତ କରି ନିଜ ଇଚ୍ଛା ଅନୁସାରେ ଜଣଙ୍କୁ ଛାଡି ଅନ୍ୟ ଜଣଙ୍କୁ ଅଟକ ରଖିଥିଲା । ।ଏପରି ଘଟଣା ଘଟିଛି ସେଇ ନରିଶ ଗ୍ରାମରେ । ନିଧିସାହି ଓ ବାଡୁଅ ସାହିରେ ।ପ୍ରକାଶ ଥାଉକି ଏଇ କିଛି ଦିନ ତଳେ ମୃତ ଅଭିନା କାଣ୍ଡି (୩୪)ବାଣ ଭିଡୁ ଥିବା ଅଭିଯୋଗରେ ଗିରଫ ହୋଇଥିଲା ।କିନ୍ତୁ ପୋଲିସ ଉକ୍ତ ଯୁବକକୁ ଚୁକ୍ତି ପତ୍ରରେ ଦସ୍ତଖତ କରି ଛାଡ଼ି ଦେଇଥିଲା । ଯାହା ଫଳରେ ଏତେ ବଡ ଅଘଟଣ ଘଟିଗଲା ।

ମଙ୍ଗଳବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ନରିଶୋରେ ବେଆଇନ ଭାବେ ଚାଲିଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ମୃତକ ହେଲେ ଅଭିନା କାଣ୍ଡି । ପୂର୍ବରୁ ମଧ୍ୟ ଅଭିନା କାଣ୍ଡିର ମା ଏହି ବାଣ ବିସ୍ଫୋରଣରେ ମୃତ୍ୟୁ ବରଣ କରିଥିଲେ ।ସେହିପରି ବନମାଳୀପୁର ନୂଆସାହି ରେ ବାଣ ବିସ୍ଫୋରଣ ଘଟି ଜ୍ଞାନରଞ୍ଜନ ମିଶ୍ରଙ୍କ ପତ୍ନୀ ମୃତ୍ୟୁ ବରଣ କରିଥିବା ବେଳେ ଜ୍ଞାନେନ୍ଦ୍ର ଅଳ୍ପକେ ବାର୍ତ୍ତିଯାଇଥିଲେ । ଏବେବି ସେ ଫେରାର ଅଛନ୍ତି । ଜ୍ଞାନେନ୍ଦ୍ରଙ୍କ ପରିବାରରୁ ଅନେକ ଏହି ବାଣ ବିସ୍ଫୋରଣରେ ମୃତ୍ୟୁ ବରଣ କରିଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନି । ଯାହା ଫଳରେ ଏପରି ଘଟଣା ଘଟିଛି ।ସଙ୍କଟାପନ୍ନ ଅବସ୍ଥାରେ ମୁନା ଭୋଇ,(୧୯) ପ୍ରମୋଦ ସାହୁ(୩୨) ଓ ରମେଶ ତିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହା ବାଣ ନୁହେଁ, ବୋମା ଭି ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ବାଲିପାଟଣା ପୋଲିସ ୩୯ / ୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ଘଟଣାସ୍ଥଳରେ ନିଆଳି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସକାଳୁ ବନମାଳୀପୁର ଫାଣ୍ଡି ପୁଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରୁଛି । ବାଣ କାରଖାନା ନିକଟରେ ଥିବା ଘର ଭାଙ୍ଗି ରୁଜି ଯାଇଛି । ପଡୋଶୀ ଆତଙ୍କିତ ହୋଇ ପଡିଛନ୍ତି । ଘଟଣାସ୍ଥଳରେ ବହୁ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଛି । ବାଣରେ ବ୍ୟବହୃତ ସୁତୁଲି, ବାରୁଦ, କାଗଜ ପାଇପ, ମାଟି ଘଡି, ଓଜନ ମାପ ଯନ୍ତ୍ର , ସୁ କିଛି ଜଳିଯାଇଛି ଘର ଆଜବେଷ୍ଟ ବହୁ ଦୂର ପର୍ଯ୍ୟନ୍ତ ଛିଟିକି ପଡିଛି ।

## ୫୨ ହଜାର...

କରିବା ପାଇଁ। ଏହା ଆମର ନୂଆ ଦୃଷ୍ଟିଭଙ୍ଗି ଓ ଆର୍ଥିକ ଅଭିବୃଦ୍ଧିକୁ ଦେଖାଉଛି । ଆମ ନୀତି ପୁରା ସ୍ପଷ୍ଟ । ପ୍ରତି ଅଞ୍ଚଳରେ ଆମେ ଶିଳ୍ପ ପ୍ରତିଷ୍ଠା କରିବୁ ଓ ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ ଦେବୁ । ଯାହା ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ସହଯୋଗ କରିବ ଓ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ । ରାଉରକେଲା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ରାଉରକେଲା ଚାମ୍ବର୍ସ ଅଫ୍ କମର୍ସ, ଓଡ଼ିଶାସ୍ ସ୍ପଞ୍ଜ ଆଇରନ ଉତ୍ପାଦନ ସଂଘ ସହ ବୈଠକ କରିଛନ୍ତି । ଆର୍‌ଆର୍‌ଆର୍ କରିଡରକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଏଣ୍ଟରପ୍ରାଇଜେସ୍ ଓଡ଼ିଶା ୨୦୨୬ସେବା ପ୍ରଦାନ କ୍ଷେତ୍ରରେ ଫୋକସ କରୁଛି । ନିବେଶକଙ୍କ ସ୍ୱାର୍ଥ ଏବେ ଏମ୍‌ଓୟୁ ଓ ପ୍ରକଳ୍ପ ଉପରେ ଆଧାରିତ ହେଉଛି ।

# ବିଜିୟୁରେ ଚତୁର୍ଥ ବ୍ୟାଙ୍କର୍ସ କନକ୍ଲେଭ

ଭୁବନେଶ୍ୱର: ବିର୍ଲା ଗ୍ଲୋବାଲ୍‌ୟୁନିଭର୍ସିଟି (ବିଜିୟୁ) ଏହାର ବିର୍ଲା ସ୍କୁଲ୍ ଅଫ୍ କମର୍ସ ମାଧ୍ୟମରେଆସନ୍ତା ୩୦ ତାରିଖରେ "ଆଧୁନିକ ବ୍ୟାଙ୍କିଂରେ ଫିନ୍‌ଟେକ୍ ଆଧାରିତ ସ୍ଥିରତା: ରିସ୍କ ଓ ଦାୟିତ୍ୱର ସମନ୍ୱୟ" ଥିମ୍ ଉପରେ ୪ଥ ବ୍ୟାଙ୍କର୍ସକନକ୍ଲେଭ ଆୟୋଜନ କରିବାକୁ ଯାଉଛି । ଏହି କନକ୍ଲେଭର ଉଦ୍ଦେଶ୍ୟ ବ୍ୟାଙ୍କିଂ ଏବଂ ଫିନ୍‌ଟେକ୍ ପରିବେଶ ସହିତ ସଂପୃକ୍ତ ବିଭିନ୍ନକ୍ଷେତ୍ରରୁ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକତ୍ର କରି ଭାରତୀୟ ଅର୍ଥନୀତିକୁ ଅଧିକ ସ୍ଥିର, ସମାବେଶୀ ଓ ଉଚ୍ଚ ବିକାଶ ଦିଗରେ ନେବାରେ ଫିନ୍‌ଟେକ୍‌ର ଭୂମିକା ଉପରେ ମୂଲ୍ୟବାନ ମତାମତ ବିନିମୟ କରିବା । କନକ୍ଲେଭରେ ପ୍ରଯୁକ୍ତି ଆଧାରିତ ଆର୍ଥିକ ନବୀନତା କିପରି ବ୍ୟାଙ୍କିଂର ମୌଳିକ ଧାରଣାକୁ ପୁନଃଗଠନ କରୁଛି, ରିସ୍କ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରୁଛି ଏବଂ ଆର୍ଥିକ ସେବାର ପହଞ୍ଚକୁ ବଢ଼ାଉଛି - ସେଥିପାଇଁ ଆଲୋଚନା କରାଯିବ । ସେହି ସହିତ ସାଇବର ସୁରକ୍ଷା, ଜଳବାୟୁ ଅର୍ଥଯୋଗାନ ଏବଂ ନିୟମନ ଅନୁପାଳନ ସହିତ ସଂପୃକ୍ତ ଉଦୟମାନ ଚ୍ୟାଲେମାନଙ୍କୁ ମଧ୍ୟ ଆଲୋଚନା କରାଯିବ । ଏହି କାର୍ଯ୍ୟକ୍ରମରେ ପିକ୍ସେଲପେର ଚିଫ୍ ପ୍ରୋଡକଫ ଏବଂ ଟେକ୍ନୋଲୋଜି ଅଫିସର ଅରୁଣ ବିଜୟକୁମାର, ଡ୍ରିମ୍ ମନିର ଉପାଧ୍ୟକ୍ଷ (ପ୍ରୋଡକଫ ଏବଂ ରେଭେନ୍ୟୁ) ନୈତିକ ଶାହ, ଆଇଡିଏଫସିର ପୂର୍ବତନ ଚିଫ୍ ରିସ୍କ ଅଫିସର ଏବଂ ଆଇଆସିଆଇ ବ୍ୟାଙ୍କର ପୂର୍ବତନ ବରିଷ୍ଠ ନେତା ପରାଗ ଶାହ, ଏବଂ ଏଚଡିଏଫସି ବ୍ୟାଙ୍କ ଓଡ଼ିଶାର ଉପାଧ୍ୟକ୍ଷ ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିବେ । ଏହି ଅବସରରେ ବିର୍ଲା ଗ୍ଲୋବାଲ୍‌ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, "ବିଜିୟୁ ର ବ୍ୟାଙ୍କର୍ସ କନକ୍ଲେଭ ଶିଳ୍ପ ଏବଂ ଶିକ୍ଷାଜଗତ ମଧ୍ୟରେ ସଂଳାପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ।


**AFFIDAVIT**

By virtue of an Affidavit Before Executive magistrate Banki No:65/ Dt,08/01/2026 I Urmila Das D/O - Gour charan Das,W/O-Pratap kumar Behera Vill Goud chheli PO: Balabhadrapur P S : Baideswar Dist:Cuttack 754009 I Declared that My Child hood Name was Monalisa Behera,I Changed my name From Monalisa Behera to Urmila Das.Henceforth I shall known as Urmila Das.

Sd/- Urmila Das

**AFFIDAVIT**

By virtue of an affidavit sworn before Notary Public, Kendrapara, dated 28/01/2026 I , MUSKAN BEGUM, Vill-Goharnagar, Po-Charinangal, PS-Balichandrapur, Dist-Jajpur, Pin-754292 declare that I have changed my name from MUSKKAN TABSUM to MUSKAN BEGUM. Henceforth, I shall be known as MUSKAN BEGUM for all purposes.

Sd/- MUSKAN BEGUM

**AFFIDAVIT**

By virtue of an affidavit sworn before Notary Public, Kendrapara, dated 28/01/2026 I , SHAIKH SHAUKATULLAH, Vill-Nalipur, Po-Charinangal, PS-Balichandrapur, Dist-Jajpur, Pin-754292 declare that I have changed my name from SK SOUKATULIA to, SHAIKH SHAUKATULLAH. Henceforth, I shall be known as , SHAIKH SHAUKATULLAH for all purposes.

Sd/- SHAIKH SHAUKATULLAH

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ ପ୍ରତିଟି ଆଇଟମ୍ ସହିତ ସୂଚିତ ତାରିଖର ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ନୋଟିସ୍ ନଂ (i) ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୫୦ । କାର୍ଯ୍ୟର ବିବରଣୀ : ରତ୍ତ୍ରିଆ-ରତ୍ନାଭର୍ମ ମଧ୍ୟରେ ଏଲସି ନଂ. ୧୦୨ ଓ ୧୨୮ ଉପରେ ୦୨ଟି ଏଲ୍‌ଏଚ୍‌ଏସ୍ ନିର୍ମାଣ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୪୦,୪୮,୧୩୮.୬୩ । ବିଡ୍ ସିକ୍ୟୁରିଟି/ଇଏମ୍‌ଡି : ଟ. ୮୧,୦୦୦/- । ଟେଣ୍ଡର ନୋଟିସ୍ ନଂ. (ii) ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୫୧ । କାର୍ଯ୍ୟର ବିବରଣୀ : ବାହାନଗର ବଜାର ଷ୍ଟେସନ ଠାରେ ସଂପ୍ରସାରଣ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ ପ୍ଲାଟଫର୍ମର ଉଚ୍ଚତା ବଢ଼ାଇବା ଓ ରି-ସର୍ଫେସିଂ ଏବଂ ନୀଳଗିରି ଷ୍ଟେସନ ଠାରେ ସଂପ୍ରସାରଣ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ, ପ୍ଲାଟଫର୍ମ ରେଜିଂ ଏବଂ ରି-ସର୍ଫେସିଂ । ଟେଣ୍ଡର ମୂଲ୍ୟ : ଟ. ୪୬,୧୪,୬୧୧.୫୨ । ବିଡ୍ ସିକ୍ୟୁରିଟି / ଇଏମ୍‌ଡି : ଟ. ୯୪,୩୦୦/- । ଖୋଲା ତାରିଖ : ପ୍ରତ୍ୟେକଟି ପାଇଁ ୧୩.୦୨.୨୦୨୬ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଟ. ୦ । ସମାପ୍ତି ସମୟ : କ୍ର.ନଂ (i) ପାଇଁ ୦୬ ମାସ ଏବଂ କ୍ର.ନଂ (ii) ପାଇଁ ୦୯ ମାସ । ସ୍ୱୀକାରୋକ୍ତି ପତ୍ର ଇସ୍ୟୁ ତାରିଖ ଠାରୁ ଏହା ଗଣନା କରାଯିବ । ବାଉଚ ତାରିଖ : ୧୩.୦୨.୨୦୨୬ରିଖ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସବିଶେଷ ତଥ୍ୟ, ବିବରଣୀ ଏବଂ ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖି ପାରିବେ ।

(PR-1106)

**ZILLA SWASTHYA SAMITI, KANDHAMAL**

Office of the CDM&PHO-cum- District Mission Director, NHM, Kandhamal, Odisha, 762001

Advt. No. 780/NHM /26 Dt. 28.01.2026

10001/4/2526 **Tender Call Notice**

Sealed tenders are invited from the interested eligible bidders for supply of Miscellaneous Office Stationary Items under CDM&PHO Cum DMD, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.odisha.gov.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach to the undersigned on or before 5.00 PM of 24.02.2026 through Regd/Speed post/ Courier and the same will be opened on 25.02.2026 at 4.00 PM. The undersigned reserves the right to reject any or all the tender(s) without assigning any reason thereof.

Sd/-
CDM & PHO cum District Mission Director
Kandhamal

OIPR : 10001/10015/1/25-26/0004

**GOVERNMENT OF ODISHA**
**DEPARTMENT OF WATER RESOURCES**

A-1330 **e-Procurement Notice No. e-CHID-07/2025-26**

| | | | |
|---|---|---|---|
| 1. | Name of work | : | Canal Lining & Bridge works |
| 2. | Total No. of work | : | 09 (Nine) |
| 3. | Estimated cost | : | Rs. 11.10 Lakhs to 49.82 Lakhs |
| 4. | Period of completion | : | (04) Four calendar months |
| 5. | Date & time of availability of Bid Document in the portal | : | 10.00 hours of 02.02.2026 to 17.00 hours 16.02.2026 |
| 6. | Last date/ Time for receipt of Bids in the Portal | : | 16.02.2026 up to 17.00 hours |
| 7. | Date and place of opening of Bid | : | Dt. 17.02.2026 at 11.30 Hours in the office of the Superintending Engineer, Chikiti Irrigation Division, Berhampur. |
| 8. | Name and address of the O.I.T (Officer Inviting Tender) | : | Superintending Engineer, Chikiti Irrigation Division, Berhampur |

Further details can be seen from the e-Procurement Portal "https://tendersodisha.gov.in"

Sd/-Superintending Engineer
Chikiti Irrigation Division Berhampur

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**

E-mail Id - eerw_deogarh@yahoo.co.in

O-2145 **E-Procurement Notice**

**BID.IDENTIFICATION NO. SERWDGH-Online- 14/2025-26**

| | | | |
|---|---|---|---|
| 1. | No of Building work | : | (01 No) |
| 2. | Estimated cost | : | Approx. Rs.93.77 Lakhs. |
| 3. | Mode of submission of tender | : | Tender shall be submitted online in www.tendersodisha.gov.in |
| 4. | Availability of tender for online bidding | : | 02.02.2026, 10.00 A.M to 12.02.2026 up to 5.00 P.M |
| 5. | Date and time of opening of tender | : | 13.02.2026, 11.00 A.M |
| 6. | Other details can be seen from the website www.tendersodisha.gov.in | | |
| 7. | Corrigendum / Addendum if any shall only be published in the above website. | | |

Sd/-
Superintending Engineer
R.W. Division, Deogarh

Email- rd_nuapada@rediffmail. com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**

**BID IDENTIFICATION NO. RWNPD - 08 (Online) of 2025-26**

25001/5/2526 **"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt, website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the Work | : | Roads & Building works in the District of Nuapada as mentioned in DTCN |
| 2. | Total No of Works | : | 20 Nos. |
| 3. | Estimated Cost | : | Rs.2.52 to 46.98 Lakhs (Roads & Building) |
| 4. | Period of Completion | : | 01 (one), Calendar Month |
| 5. | Other Details | : | |

| Procurement Officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-08/2025-26 (Online) | 29.01.2026 at 10.00 AM | 05.02.2026 up to 5.00 PM | 04.02.2026 up to 05.00PM | 06.02.2026 at 11.00 AM |

Further details can be seen from the website www.tendersodisha.gov.in

Sd/- Executive Engineer
Rural Works Division, Nuapada

OIPR : 25001/25050/1/25-26/0005

e-mail ID - eephctcii@gmail.com
sephdctc521@gmail.com

C-2168

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

**e-procurement Notice for Bid Identification**

No. SEPH-DIVISION, CTC- 60 of 2025-26

| | | | |
|---|---|---|---|
| 1. | Name of the work | : | 02 Nos of P.H. work |
| 2. | Estimated cost | : | Rs. 10.11 Lakhs to 98.01 Lakhs |
| 3. | Period of completion | : | 2 Months to 3 Months |
| 4. | Date & time of availability of bid document in the portal | : | 29.01.2026 from 11.00 A.M to 12.02.2026 upto 5.00 P.M |
| 5. | Last date & time of seeking clarification | : | 02.02.2026 upto 5.00 P.M |
| 6. | Last date/time of receipt of bids in the portal | : | 12.02.2026 upto 5.00 P.M |
| 7. | Date & time of opening of bids | : | 13.02.2026 at 11.00 A.M |
| 8. | Name and address of the officer inviting bid | : | The Superintending Engineer, P.H.Division, Cuttack-753004, Odisha.Ph. (0671) 2441063, email:- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- I/C Superintending Engineer
P.H. Division, Cuttack

O-2137

E-Mail :- nayagarhrw2@yahoo.in

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-II, NAYAGARH**
**"e" Procurement Notice for Road works**
**Identification No. Online Tender / 07 / RWD - II / 2025-26**

| | | | |
|---|---|---|---|
| 1. | Name of the work | : | Road works. |
| 2. | Total Number of works | : | 9 Nos |
| 3. | Approx. Estimated cost | : | Rs. 1.03 lakh to Rs.6.36 lakhs |
| 4. | Class of Contractor | : | D & C Class of Contractor |
| 5. | Period of Completion | : | 1 month |
| 6. | Other details | : | |

| Procurement Officer | Bid Identificaiton No. | Availability of tender On-line for Bidding | | Last Date & Time of seeking Tender Clarification | Date and Time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | Online Tender / 07/RWD-II/ 2025-26 | Dt.29.01.2026 at 11.00 A.M. | Dt. 07.02.2026 upto 5.00 P.M. | Dt. 06.02.2025 upto 5.00 P.M. | Dt. 07.02.2026 at 5.30 P.M. |

Further details can be seen from the website www.tendersodisha.gov.in

Sd/- Superintending Engineer
R.W. Division-II, Nayagarh



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୨୧୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ସେଣ୍ଟ ଜାଭିୟର୍ସ ସ୍ମାର୍ଟ ସ୍କୁଲରେ "ଉମଙ୍ଗ ୨୦୨୬'

ଭୁବନେଶ୍ୱର, (ସବ୍ୟୁ) : କଟକ ସେଣ୍ଟ ଜାଭିୟର୍ସ ସ୍ମାର୍ଟ ସ୍କୁଲ୍ ଏହାର ବାର୍ଷିକ ଉତ୍ସବ "ଉମଙ୍ଗ ୨୦୨୫ କଇରାପାରୀ, ଟାଙ୍ଗୀସ୍ଥିତ ବିଦ୍ୟାଳୟ ପରିସରରେ ସଫଳତାର ସହିତ ଆୟୋଜନ କରିଛି । ସ୍କୁଲ୍ ନିର୍ଦ୍ଦେଶକ ଡଃ ଜନାର୍ଦ୍ଦନ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ଡଃ ସତ୍ୟକାମ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସେ ତାଙ୍କ ଭାଷଣରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ସମାଜ ପ୍ରତି ଅବଦାନ ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଅନେକ ମାନଗଣ୍ୟ ବ୍ୟକ୍ତି ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସ୍କୁଲ୍ ତଥା ସ୍କୁଲ୍ ଟ୍ରଷ୍ଟର ସଭାପତି ତାପସ ରଞ୍ଜନ ମଲ୍ଲିକ, ସାଲେପୁରର ବିଧାୟକ ପ୍ରଶାନ୍ତ ବେହେରା, ଟ୍ରଷ୍ଟର ପ୍ରବାହିକା ମଧୁସ୍ମିତା ମଲ୍ଲିକ ଓ ଟ୍ରଷ୍ଟି ଶ୍ରୀଯୁକ୍ତ ଶୁଭମ୍ ମଲ୍ଲିକ, ଟେଟ୍ରାହେଡ୍ରନ୍ ସଂସ୍ଥାର ମୁଖ୍ୟ ତଥା ସ୍କୁଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ତ୍ରିଦିବ ବେହେରା ଓ ତାଙ୍କର ପତ୍ନୀ ଡଃ ସସ୍ମିତା ପଟନାୟକ, ସମାଜସେବୀ ରବୀନ୍ଦ୍ର କୁମାର ମଲ୍ଲିକ, ନୃସିଂହ ଚରଣ ପରିଡା, ସ୍କୁଲ୍ ନିର୍ଦ୍ଦେଶକଙ୍କ ପତ୍ନୀ ପ୍ରଣତି ମିଶ୍ର, ଇତ୍ୟାଦି । ସ୍କୁଲର ସଭାପତି ତାପସ ରଞ୍ଜନ ମଲ୍ଲିକ ଶିକ୍ଷକ ଓ




ଶିକ୍ଷୟିତ୍ରୀମାଙ୍କର ଉଚ୍ଚ ପ୍ରଶଂସା କରି ସ୍କୁଲର ଭବିଷ୍ୟତ ଯୋଜନା ଉପରେ ମନ୍ତବ୍ୟ ରଖୁଥିଲେ ।ଟେଟ୍ରାହେଡ୍ରନ୍ ଶିକ୍ଷା ଅନୁଷ୍ଠାନର ସଭାପତି ତ୍ରିଦିବ ବେହେରା ଏହି ସ୍କୁଲକୁ ଟେଟ୍ରାହେଡ୍ରନ୍ କାଇଣ୍ଡ ଇଣ୍ଟରନ୍ୟାସନାଲ ସ୍କୁଲ୍ ଭାବରେ ନାମକରଣ କରାଯାଇ ଏକ ଆନ୍ତର୍ଜାତୀୟ ବିଦ୍ୟାଳୟରେ ପରିଣତ କରାଯିବାକୁ ଘୋଷଣା କରିଥିଲେ । ଏହି ଉତ୍ସବରେ ସ୍କୁଲର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହା ସହିତ ଅତିଥିମାନେ ସ୍କୁଲର ବାର୍ଷିକ ପତ୍ରିକା, 'ଦ ଆଟିଷ୍ଟ୍ରି ଇନ୍ ଆକ୍ସନ୍'ର ଉନ୍ମୋଚନ କରିଥିଲେ । ସ୍କୁଲର ଅଧ୍ୟକ୍ଷା ସୁଶ୍ରୀ ପୂର୍ଣ୍ଣିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ନୃତ୍ୟ, ନାଟକ ପରି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ । ଶେଷରେ ପ୍ରଧାନ ଆଚାର୍ଯ୍ୟା ନିବେଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଓ ଲଣ୍ଡନରେ ପାଳନ ହେବ

## ଓଡ଼ିଶୀ ଗୁରୁ କେଲୁଚରଣଙ୍କ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶୀଗୁରୁ ପଦ୍ମବିଭୂଷଣ କେଲୁ ଚରଣ ମହାପାତ୍ରଙ୍କର ଜନ୍ମଶତବାର୍ଷିକୀ ପାଳନ ନିମିତ୍ତ ଲଣ୍ଡନଠାରେ "କଳା ଦି ଆର୍ଟସ୍ ଚାରିଟି'ର ସଂସ୍ଥାପକ ନୃତ୍ୟଶିଳ୍ପୀ ସୁସ୍ମିତା ପତି ଉଦ୍ୟମ ଆରମ୍ଭ କରିଛନ୍ତି । ୧୯୯୬ ମସିହାରୁ ଲଣ୍ଡନଠାରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଉଦ୍ୟମ କରି ଆସୁଥିବା ସୁସ୍ମିତା ଓଡ଼ିଶା ଏବଂ ଲଣ୍ଡନରେ କେଲୁ ଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ କରିବା ଲାଗି ସ୍ଥିରୀକୃତ ହୋଇଛି । ଗୁରୁବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ "କଳା ଦି ଆର୍ଟସ୍ ଚାରିଟି'ର ପ୍ରତିଷ୍ଠାତା ତଥା ସିଇଓ ସୁସ୍ମିତା ପତି କହିଛନ୍ତି ଯେ, ଏହି ଶତବାର୍ଷିକୀ ପାଳନ ଉତ୍ସବ ରାଜ୍ୟ ସଂଗ୍ରହାଳୟ ସହଯୋଗରେ ଅନୁଷ୍ଠିତ ହେବ । ଇଂଲଣ୍ଡର ବିଭିନ୍ନ ସ୍ଥାନରେ ସୁସ୍ମିତାଙ୍କର ଥିବା ଅନେକ ଓଡ଼ିଶୀ ଛାତ୍ର ଓଡ଼ିଶା ଆସି ନୃତ୍ୟ ପରିବେଷଣ କରିବେ । ଦେଶ ବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାରର ଲକ୍ଷ୍ୟ ନେଇ ଏ ପ୍ରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଦେଶର ୭ଟି ଶାସ୍ତ୍ରୀୟ ନୃତ୍ୟ ମଧ୍ୟରୁ ଓଡ଼ିଶୀ ଅନ୍ୟତମ ହୋଇଥିବା ସ୍ଥଳେ ବିଦେଶରେ ଏହାର ଲୋକପ୍ରିୟତା ବଢୁଥିବା ସୁସ୍ମିତା କହିଛନ୍ତି । ଏହି ଜନ୍ମ ଶତବାର୍ଷିକୀ ଉତ୍ସବ ବର୍ଷବ୍ୟାପୀ ପାଳନ ଭାରତ ଏବଂ ଇଂଲଣ୍ଡରେ ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେଉଛନ୍ତି ସୁସ୍ମିତା ପତି । ସୁସ୍ମିତାଙ୍କ ପିତା କଥକ ଏବଂ ଛଉର ଜଣେ ପ୍ରଚାରକ ତଥା ଶୈଳୀ ଭାବଭଙ୍ଗୀର ନିର୍ଦ୍ଦେଶକ ଅଟନ୍ତି । ତାଙ୍କର ମାତା ଜଣେ ବେହେଲା ବାଦକ । ତେଣୁ ସେ ପିଲାଟି ଦିନରୁ ନିଜ ପସନ୍ଦ ମୁତାବକ ଓଡ଼ିଶୀ ନୃତ୍ୟରେ ଆଗ୍ରହ ପ୍ରକାଶ କରିଥିଲେ ।

# ସଂଘର୍ଷରୁ ସଶକ୍ତିକରଣ - ଅନୁସୂୟାଙ୍କ ଅପରାଜେୟ ଯାତ୍ରା ଅନ୍ଧକାରରୁ ଆଲୋକ ଅଭିମୁଖେ

ଭୁବନେଶ୍ୱର, (ସବ୍ୟୁ) : ସମାଜର ସବୁଠାରୁ ନିମ୍ନ ସ୍ତରରେ ଥିବା ଜଣେ ମଣିଷ ପାଇଁ 'ସ୍ୱପ୍ନ' ଦେଖିବା ଏକ ବିଳାସିତା। ଯେଉଁଠି ଦୈନିକ ରୋଜଗାର କେବଳ ଭୋକ ମେଣ୍ଟାଇବା ପାଇଁ ଯଥେଷ୍ଟ ନୁହେଁ, ସେଠାରେ ଭବିଷ୍ୟତର ଚିତ୍ର ଅସ୍ପଷ୍ଟ ରହିବା ସ୍ୱାଭାବିକ। କିନ୍ତୁ ଓଡ଼ିଶାର ଅନୁସୂୟା ପ୍ରଧାନଙ୍କ ଜୀବନ କାହାଣୀ ପ୍ରମାଣ କରେ ଯେ, ଦୃଢ଼ ଇଚ୍ଛାଶକ୍ତି ଏବଂ ସରକାରୀ ପ୍ରୋତ୍ସାହନ ମିଳିଲେ ଦାରିଦ୍ର୍ୟର ଶୃଙ୍ଖଳକୁ ମଧ୍ୟ ଭାଙ୍ଗି ହୁଏ। ରାସ୍ତାକଡ଼ରେ ମକା ବିକ୍ରି କରୁଥିବା ଜଣେ ସାଧାରଣ ମହିଳାଙ୍କଠାରୁ ଆରମ୍ଭ କରି ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ିତୋଳିବା ପର୍ଯ୍ୟନ୍ତ ତାଙ୍କର ଏହି ଯାତ୍ରା ଆଜି ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଏକ ନୂତନ ଆରମ୍ଭ ଅନୁସୂୟାଙ୍କ ସଂଘର୍ଷ କେବଳ ଆର୍ଥିକ ନଥିଲା, ବରଂ ଏହା ଥିଲା ମାନସିକ। ସାହୁକାରଙ୍କଠାରୁ ଦୈନିକ ୧୦ ପ୍ରତିଶତ ସୁଧରେ ଟଙ୍କା ଆଣି ବ୍ୟବସାୟ କରିବା ଅର୍ଥ ହେଉଛି ନିଜର ସର୍ବସ୍ୱ ହରାଇବା।



ଏହି "ଋଣ-ଯନ୍ତ୍ର" ଅନେକ ଉଠାଦୋକାନୀଙ୍କ ଜୀବନକୁ ଶେଷ କରିଦିଏ। ଏହି ସମୟରେ ଯୋଜନା ତାଙ୍କ ପାଇଁ 'ସଞ୍ଜୀବନୀ' ସଦୃଶ ହୋଇ ଆସିଲା। ମାତ୍ର ୧୦,୦୦୦ ଟଙ୍କାର ପ୍ରାଥମିକ ଋଣ ସହାୟତା ତାଙ୍କୁ ସାହୁକାରଙ୍କ ଶୋଷଣରୁ ମୁକ୍ତ କରିବା ସହ ନିଜ ଗୋଡ଼ରେ ଛିଡ଼ା ହେବାର ଆତ୍ମବିଶ୍ୱାସ ଦେଇଥିଲା। ସୁଯୋଗର ସଦୁପଯୋଗ ଓ ସଫଳତାର ସୋପାନ ସରକାରୀ ସହାୟତା ସେତିକିବେଳେ ସଫଳ ହୁଏ, ଯେତେବେଳେ ହିତାଧିକାରୀଙ୍କ ମଧ୍ୟରେ ସାଧୁତା ଓ ଅନୁଶାସନ ରହିଥାଏ। ଅନୁସୂୟା ପ୍ରଥମ ପର୍ଯ୍ୟାୟର ଋଣ ଠିକ୍ ସମୟରେ ପରିଶୋଧ କରି ଦ୍ୱିତୀୟ ପର୍ଯ୍ୟାୟରେ ୨୫,୦୦୦ ଏବଂ ପରେ ୫୦,୦୦୦ ଟଙ୍କାର ଋଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା କେବଳ ଏକ ଆର୍ଥିକ ଅଙ୍କ ନୁହେଁ, ବରଂ ତାଙ୍କର ବ୍ୟବସାୟିକ ଅଭିବୃଦ୍ଧି ଓ ସାମାଜିକ ପ୍ରତିଷ୍ଠାର ମାପକାଠି। ନିକଟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସେ ସମ୍ମାନିତ ହେବା ଏହାର ଜ୍ୱଳନ୍ତ ପ୍ରମାଣ। ଅନୁସୂୟାଙ୍କ ସଫଳତା କେବଳ ମକା ଦୋକାନରେ ସୀମିତ ହୋଇ ରହିନାହିଁ। ଏହାର ସକାରାତ୍ମକ ପ୍ରଭାବ ତାଙ୍କ ପରିବାର ଉପରେ ପଡ଼ିଛି। ତାଙ୍କ ଝିଅ ଏବଂ ପୁଅ ପଢ଼ିବା ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ଏକ ବଡ଼ ସଫଳତା। ପଥଭ୍ରଷ୍ଟ ସ୍ୱାମୀଙ୍କ ମନୋଭାବରେ ପରିବର୍ତ୍ତନ ଏବଂ ତାଙ୍କର ସହଯୋଗୀ ସାଥୀ ଭାବେ ଉଭା ହେବା ଦର୍ଶାଏ ଯେ ଆର୍ଥିକ ସ୍ଥିରତା କିପରି ଏକ ଭାଙ୍ଗିଯାଉଥିବା ପରିବାରକୁ ଯୋଡ଼ିପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ' ପରିକଳ୍ପନାରେ ପିଏମ୍ ସ୍ୱନିଧି ପରି ଯୋଜନାଗୁଡ଼ିକ ଶେଷ ଧାଡ଼ିର ମଣିଷକୁ ମୁଖ୍ୟ ସ୍ରୋତକୁ ଆଣିବାରେ ସହାୟକ ହେଉଛି। ଅନୁସୂୟାଙ୍କ ଲୁହ ଆଜି ଆଉ ଦୁଃଖର ନୁହେଁ, ବରଂ ଗର୍ବ ଓ କୃତଜ୍ଞତାର। ସରକାରୀ ସହଯୋଗ ଏବଂ ଜଣେ ମହିଳାର ଅଦମ୍ୟ ସାହସ ମିଶିଗଲେ କିପରି ଭୋକରୁ ଆଶା ପର୍ଯ୍ୟନ୍ତ ଏକ ସୁନ୍ଦର ଯାତ୍ରା ସୃଷ୍ଟି ହୋଇପାରେ, ତାହା ଅନୁସୂୟା ପ୍ରଧାନ ଆଜି ସମଗ୍ର ଦେଶକୁ ଦେଖାଇ ଦେଇଛନ୍ତି।

## ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ

# ୨୪ ପ୍ରତିଭାଙ୍କୁ "ଡାଲମିଆ ପ୍ରତିଭା ସମ୍ମାନ

କଟକ,(ସବ୍ୟୁ) : ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ତାହାର କପିଳାସ ସିମେଣ୍ଟ ୱାର୍କସ (କେସିଡବ୍ଲୁ) ଜରିଆରେ ୨୦୨୬ ଜାନୁଆରୀ ୨୬ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍କୁଲ ଛାତ୍ର ଛାତ୍ରୀଙ୍କର ଉଲ୍ଲେଖନୀୟ ସଫଳତା ନିମନ୍ତେ ସେମାନଙ୍କୁ ସମ୍ମାନଜନକ "ଡାଲମିଆ ପ୍ରତିଭା ସମ୍ମାନ ଆୱାର୍ଡ ୨୦୨୬' ପ୍ରଦାନ କରିଛି । ଏହି ଉତ୍ସବରେ ୧୦ମ ଓ ୧୨ଶ ଶ୍ରେଣୀର ୧୮ ଜଣ ଛାତ୍ର ଛାତ୍ରୀ ଏବଂ ୬ଜଣ ସମାଜସେବୀଙ୍କୁ ଯଥାକ୍ରମେ ସେମାନଙ୍କର ଶିକ୍ଷାଗତ ଓ ସମାଜସେବାରେ ଉତ୍କର୍ଷ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉଚ୍ଚ ସଫଳତା ହାସଲକାରୀମାନଙ୍କୁ ଓଡ଼ିଶାର କଟକ ଓ ଯାଜପୁର ଜିଲ୍ଲାର



ପଡୋଶୀ ପଞ୍ଚାୟତ ଅନ୍ତର୍ଗତ ୧୭ଟି ସ୍କୁଲରୁ ମନୋନୀତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ୧୮ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରତେକ ୨୫୦୦ ଟଙ୍କାର ଅର୍ଥ ପୁରସ୍କାର ଏବଂ ୬ଜଣ ଉଲ୍ଲେଖନୀୟ ସମାଜସେବୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ଦେବୀ ପ୍ରସାଦ ଦାସ,ୟୁନିଟ ହେଡ- କେସିଡବ୍ଲ୍ୟୁ, କଟକ ଏହି ଉତ୍ସବରେ ମୁଖ ଅତିଥି ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସହିତ ଅନ ବିଶିଷ୍ଟ ବକ୍ତିମାନଙ୍କ ମଧ୍ୟରେ ୟୁନିଟର ଏକଜିକ୍ୟୁଟିଭ , କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ । ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଦେବୀ ପ୍ରସାଦ ଦାସ, ୟୁନିଟ ହେଡ, ଡିସିବିଏଲ କେସିଡବ୍ଲ୍ୟୁ କହିଥିଲେ, ଡାଲମିଆ ଭାରତ ଉତ୍କର୍ଷର ପରିପୋଷଣ ଏବଂ ଭବିଷତ ପିଢ଼ିଙ୍କୁ ପ୍ରେରଣା ଦେବା କ୍ଷେତ୍ରରେ ନିଜର ପ୍ରତିବଦ୍ଧତାରେ ଅଟଳ ରହିଛି । "ଡାଲମିଆ ପ୍ରତିଭା ସମ୍ମାନ ଆୱାର୍ଡ' କଠିନ ପରିଶ୍ରମ, ଏକାଗ୍ରତା ଏବଂ ଉତ୍ସର୍ଗୀକୃତ କାର୍ଯ କ୍ଷେତ୍ରରେ ଅନନ ପ୍ରଦର୍ଶନ କରୁଥିବା ଉଜ୍ଜ୍ୱଳ ଯୁବ ମାନସିକତାକୁ ଚିହ୍ନଟ କରିବା, ସ୍ୱୀକୃତି ଦେବା ଏବଂ ପୁରସ୍କୃତ କରିବାରେ ଆମ ବିଶ୍ୱାସର ଏକ ନିଦର୍ଶନ ହୋଇଛି ।

# ବିଶ୍ୱ ଅଲଟରନେଟିଭ୍ ମେଡିସିନ୍ ଫୋରମ୍ ପାଇଁ ଚିନ୍ତା କଲେ କେନ୍ଦ୍ର ସରକାର

ଭୁବନେଶ୍ୱର, (ସବ୍ୟୁ) : ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଚିକିତ୍ସାର ଏକ ବୈପ୍ଳବିକ ପରିବ ନ ଆଣିବା ପାଇଁ ଭାରତରେ ଥିବା ମୌଳିକ ଚିକିତ୍ସା ଯେପରିକି, ଆର୍ଯ୍ୟୁବେଦିକ, ନେଚରପାଥ, ଏଲୋପାଥ, ହୋମିଓପାଥ୍ ତଥା ସମସ୍ତ ପାରମ୍ପରିକ ଚିକିତ୍ସା ପଦ୍ଧତିର ମିଳିତ ସହଯୋଗରେ ଏକ ବିଶ୍ୱ ସ୍ୱାସ୍ଥ୍ୟ ଫୋରମ୍ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ଅଣ୍ଟାଭିଡିଛି । ଗୋଆ ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ସାରା ଭାରତ ବର୍ଷରୁ ବିଶିଷ୍ଟ ମାନ୍ୟଗଣ୍ୟ ଏବଂ ସ୍ୱାସ୍ଥ୍ୟ ଚିକିତ୍ସା ସଂପର୍କିତ ବିସ୍ତୃତ ଜ୍ଞାନ ଥିବା ୭୧ଜଣ ବିକ୍ତିତ୍ୱଙ୍କୁ ନେଇ ଗୋଆରେ ଏକ ସମ୍ମିଳନୀ କରାଯାଇଥିବା ବେଳେ ଏଥିରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ନିମନ୍ତ୍ରିତ କରାଯାଇଥିଲା । ସାରା ଭାରତରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଜ୍ଞାନୀଗୁଣି ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ । କ୍ୟାନସର, ବ୍ରେନ୍



ଡେଡ୍‌ର ପୂର୍ବାବସ୍ଥା ଏବଂ ଅନ୍ୟାନ୍ୟ ଦୁରାତ୍ମକ ରୋଗ ଭଳି ଦୀର୍ଘଦିନ ଧରି ମଣିଷ ଶରୀରରେ ବ୍ୟାପୁଥିବା ରୋଗକୁ ସଂପୂର୍ଣ୍ଣ ନିରାକରଣ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଏହା କାର୍ଯ୍ୟ କରିବବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ଏହି ସମ୍ମିଳନୀରେ ବାବା ରାମଦେବ, ଆଚାର୍ଯ୍ୟ ବାଲକ୍ରିଷ୍ଣା, କେରଳ ଆଡିସନାଲ ଚିଫ୍ ସେକ୍ରେଟାରୀ, ଆୟୁଷର ସେକ୍ରେଟାରୀ, ଆର୍ଯ୍ୟୁବେଦିକ୍ କାଉନ୍‌ସିଲ ଚେୟାରମ୍ୟାନ୍, ଏନ୍‌ଏମ୍‌ସି ନିର୍ଦ୍ଦେଶକ ରାଜେଶ ଶର୍ମାଙ୍କ ସମେତ ବହୁ ପଦାଧିକାରୀ ଯୋଗଦାନ କରିଥିଲେ। ଏହି ଚିକିତ୍ସା ପଦ୍ଧତି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଲୋପାଥକ୍ ମେଡିସିନ୍ ସହ ସଂଯୁକ୍ତ କରାଯିବା ସହ ଭାରତରେ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏକ ନବଦିଗନ୍ତ ଆସିବବୋଲି ଡଃ ତିରୁପତି ପାଣିଗ୍ରାହୀ କହିଛନ୍ତି ।

# ଚଳନ୍ତା ବାଇକ୍‌ରୁ ମହିଳାଙ୍କ ମୋବାଇଲ ଲୁଟ

ସୋର (ସବ୍ୟୁ)-ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରେ ଏକ ଚଳନ୍ତା ବାଇକ୍‌ରୁ ଜଣେ ମହିଳାଙ୍କ ନିକଟରୁ ୨ଜଣ ଦୁର୍ବୃତ୍ତ ଏକ ମୋବାଇଲ ଝାମ୍ପିନେଇଯାଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଔପଦା ଥାନା ଚଁପୁର ଗ୍ରାମର ରଶ୍ମିପ୍ରିୟା ମହାନ୍ତି ଓ ଅନୀଲ କୁମାର ନାୟକ ସୋର ପୌରପାଳିକା ଅନ୍ତର୍ଗତ ପାଇକସାହିରେ ଘରଭଡ଼ା ନେଇ ରୁହନ୍ତି । ବୁଧବାର ସନ୍ଧ୍ୟାରେ ଉଭୟ ସ୍ୱାମୀସ୍ତ୍ରୀ ଏକ ବାଇକରେ ଉତ୍ତରେଶ୍ୱର ଆସି ଭଡ଼ାଘରକୁ ଫେରୁଥିବା ବେଳେ ଉତ୍ତରେଶ୍ୱର ନିକଟରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାଇକରେ ଆସି ରଶ୍ମିପ୍ରିୟା ଧରିଥିବା ମୋବାଇଲଟିକୁ ଛଡ଼ାଇ ନେଇ ପଳାଇଥିଲେ । ଏବାବଦରେ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କ୍ରମ୍ପଟନ ଭାରତକୁ ବିଶ୍ୱର ନଂ.୧ ସିଲିଙ୍ଗ ଫ୍ୟାନ ବ୍ରାଣ୍ଡ

ଭୁବନେଶ୍ୱର, (ସବ୍ୟୁ) : କ୍ରମ୍ପଟନ,ଭାରତର ଅନ୍ୟତମ ଆଇକନିକ୍ ପ୍ରତିଷ୍ଠିତ ଗ୍ରାହକ ବ୍ରାଣ୍ଡ ଭାବେ, ବିଶ୍ୱର ଅଗ୍ରଣୀ ସ୍ୱାଧୀନ ବଜାର ଗବେଷଣା ସଂସ୍ଥା ୟୁରୋମନିଟର ଇଣ୍ଟରନ୍ୟାସନାଲ ପକ୍ଷରୁ ବିଶ୍ୱର ନଂ.୧ ସିଲି ଫ୍ୟାନ ବ୍ରାଣ୍ଡ କ୍ରମ୍ପଟନ ଏକ ସମୃଦ୍ଧ ପରମ୍ପରା ସହିତ ଏହି ଯାତ୍ରାକୁ ଭାରତୀୟ ନବସୃଜନର ବିକାଶକୁ ପ୍ରଦର୍ଶିତ କରୁଛି । କୋଟି କୋଟି ପରିବାରର ବିଶ୍ୱାସ ଜିତିବାଠାରୁ ଆରମ୍ଭ କରି କାର୍ଯ୍ୟଦକ୍ଷତା, ସାମର୍ଥ୍ୟତା ଏବଂ କୌଶଳ କ୍ଷେତ୍ରରେ ଏହା

Crompton

ଭାବେ ଏହାକୁ ମାନ୍ୟତା ପ୍ରଦାନ କରାଯାଇଛି ।ୟୁରୋମନିଟରର ଏହି ସ୍ୱୀକୃତି କ୍ରମ୍ପଟନକୁ ସେହି ଅଳ୍ପ କେତେକ ଭାରତୀୟ ବ୍ରାଣ୍ଡ ତାଲିକାରେ ସାମିଲ କରିଛି, ଯେଉଁମାନେ କେବଳ ଦେଶରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛନ୍ତି । ୮୫ ବର୍ଷରୁ ଅଧିକ ଏକ ଗୌରବମୟ ଯାତ୍ରା ସମୟରେ, ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିଛି । ଏହି ସଫଳତା ଉପରେ ମନ୍ତବ୍ୟ ପ୍ରଦାନ କରି ପ୍ରୋମିତ୍ ଘୋଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ,କ୍ରମ୍ପଟନ କହିଛନ୍ତି, ମୁଁ ଅତ୍ୟନ୍ତ ଗର୍ବିତ ଯେ ପିଢ଼ି ଧରି ଭାରତୀୟ ଗ୍ରାହକଙ୍କ ବିଶ୍ୱାସ ଜିତିଥିବା କ୍ରମ୍ପଟନ ଆଜି ବିଶ୍ୱର ନଂ.୧ ସିଲିଙ୍ଗ ଫ୍ୟାନ ବ୍ରାଣ୍ଡ ଭାବେ ପରିଚିତ ହେବାର ଗୌରବ ଅର୍ଜନ କରିଛି ।

# ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ୍ ମେଡିକାଲ୍ ସାଇନ୍ସର ପ୍ରଥମ ବାର୍ଷିକ ଉତ୍ସବ

କଟକ, (ସବ୍ୟୁ): ସଦଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ୍ ମେଡିକାଲ୍ ସାଇନ୍ସର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଥିଲେ ଯେ, ଆଜିର ଦିନ କେବଳ ସଫଳତାର ଉତ୍ସବ ନୁହେଁ, ବରଂ ଏହା ହେଉଛି ସେବା ପାଇଁ ଏକ ପ୍ରେରଣା। ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ସୂତ୍ର ବାଣ୍ଟିବା ସହ ଜୀବନରେ ନୈତିକତା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତେବେ ଏହି ନର୍ସିଂ କଲେଜ ଆଗାମୀ ଦିନରେ ଏକ ପ୍ରତିଷ୍ଠିତ ମେଡିକାଲ କଲେଜର ରୂପ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସଦଗୁରୁ କଲେଜର ମ୍ୟାନେଜିଂ ଟ୍ରଷ୍ଟି ନନ୍ଦିତା ପଣ୍ଡା କହିଥିଲେ ଯେ, ନର୍ସିଂ ଏକ ଅତ୍ୟନ୍ତ ସମ୍ମାନନୀୟ ପେଶା। ଡାକ୍ତର ରୋଗ ଚିହ୍ନଟ କରିପାରନ୍ତି ଏବଂ ମେସିନ୍ ରୋଗୀଙ୍କୁ ନିରୀକ୍ଷଣ କରିପାରେ, କିନ୍ତୁ କେବଳ ଜଣେ




ନର୍ସ ହିଁ ସ୍ନେହ, ମମତା ଓ ସହାନୁଭୂତି ସହିତ ରୋଗୀର ଚିକିତ୍ସା କରେ। ଦକ୍ଷତା ଚାକିରି ଦେଇପାରେ, କିନ୍ତୁ ଚରିତ୍ର ସମ୍ମାନ ଦିଏ। ଲୋକେ ହୁଏତ ପରୀକ୍ଷାର କେତେ ନମ୍ବର ରଖିଲ ତାକୁ ଭୁଲିଯାଇପାରନ୍ତି, କିନ୍ତୁ ତମେ ମାନେ ଯେଉଁ ସେବା ଓ ବ୍ୟବହାର ସେମାନଙ୍କୁ ପ୍ରଦାନ କରିଥିବ ତାହା ସେମାନେ କେବେ ଭୁଲିବେ ନାହିଁ। ତେଣୁ କର୍ତ୍ତବ୍ୟକୁ ଦାୟିତ୍ୱ ବୋଧତାରେ ପରିଣତ କରିବାକୁ ସେ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡା. ପ୍ରଦୀପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ସମିତା ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ କଲେଜ ଦୁଇ ବର୍ଷ ମଧ୍ୟରେ ପାଇଥିବା ସଫଳତା ସମସ୍ତଙ୍କ ମିଳିତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଗୋବିନ୍ଦ ଚରଣ ଦାଶ, ସମ୍ମାନୀତ ଅତିଥି ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଷ୍ଣୁ ପଟ୍ଟନାୟକ, ଅନ୍ୟତମ ଅତିଥି ବିଶିଷ୍ଟ ଲେଖକ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଦଗୁରୁ କଲେଜର ପ୍ରିନ୍ସିପାଲ ଲାଡଲି ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଏଲାଇଡ୍ ମେଡିକାଲ୍ ସାଇନ୍ସର ଏଚଓଡି ଡ. ପ୍ରୀତିମୟୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ନର୍ସିଂ କଲେଜରୁ କୃତୀତ୍ୱ ହାସଲ କରିଥିବା ସଫଳ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ସହ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ମାନୀତ କରାଯାଇଥିଲା। ଚର୍ଚ୍ଚିତ ୟୁଟ୍ୟୁବର କ୍ରୀଷ୍ଣା ଓ ରାଧେଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଚନ୍ଦ୍ରଭାନୁ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ସାପ୍ତାହିକ ଖବର କାଗଜ "ହର୍ଷିକା' ଉନ୍ମୋଚିତ

କଟକ, (ସ୍ୱପ୍ର): ଗରିବ, ଅସହାୟ ଓ ଅବହେଳିତ ଲୋକଙ୍କୁ ସଦାସର୍ବଦା ନ୍ୟାୟ ପ୍ରଦାନ ସହ ନିରପେକ୍ଷ ଖବର ପ୍ରକାଶନ କରିବା ଗଣମାଧ୍ୟମର ପ୍ରମୁଖ କର୍ତ୍ତବ୍ୟ ବୋଲି ୭୭ତମ ସାଧାରଣତନ୍ତ୍ର ଦିବସରେ ସ୍ଥାନୀୟ ସୌଭାଗିନୀ ଜେନା ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଖାଲି ଖବର ପରିବେଷଣ କରିଦେଲେ ହେବ ନାହିଁ, ଯେପର୍ଯ୍ୟନ୍ତ ସାଧାରଣ ଲୋକଟି ତାର ନାର୍ଯ୍ୟ ଦାବି ହାସଲ ନକରିଛି ସେପର୍ଯ୍ୟନ୍ତ ଆମର ଲଢ଼େଇ



ଦରଖାପାଟଣା ସ୍ଥିତ କାର୍ଯ୍ୟାଳୟ ପରିସରରେ ସାପ୍ତାହିକ ଖବରକାଗଜ ହର୍ଷିକାର ଉନ୍ମୋଚନ ଅବସରରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ସମ୍ମାନିତ ଅତିଥି ଭାବେ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ଏବଂ ୫୨ନଂ ୱାର୍ଡ କର୍ପୋରେଟର ଜାରି ରହିବ ବୋଲି ମୁଖ୍ୟ ସମ୍ପାଦକ ଡଃ ବ୍ୟୋମକେଶ କାନୁନଗୋ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିରଜା ପ୍ରସାଦ କାନୁନଗୋ, ସହ-ସମ୍ପାଦକ ଡଃ ପ୍ରଦୋତ୍ତ ତ୍ରିପାଠୀ, ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମହାନ୍ତି, ପ୍ରଦୀପ ଦାସ, ସୁଧାଂଶୁ ଦାସ, ସାମ୍ବାଦିକ ସମୀର କର, ନଗେନ ଦାସଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବେଦାନ୍ତ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟରେ କର୍ମଚାରୀ, ପରିବାର, ଛାତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ର କରି ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛି । ଏହି ବର୍ଷ, ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ବନ୍ଦେ ମାତରମ୍ (ସ୍ୱତନ୍ତ୍ରତା ମନ୍ତ୍ର)ର ୧୫୦ ବର୍ଷ ଥିମ୍ ଅଧୀନରେ ପାଳନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସମସ୍ତ ସ୍ଥାନରେ, ଉତ୍ସବଗୁଡ଼ିକ କର୍ମଚାରୀ, ପରିବାର ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ଅଂଶଗ୍ରହଣ ମାଧ୍ୟମରେ ଏକତା, ଜାତୀୟ ଗର୍ବ ଏବଂ ସାମୂହିକ ଦାୟିତ୍ୱର ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ, ଯାହା ଦୃଢ଼ ସମ୍ପ୍ରଦାୟ ସଂଯୋଗକୁ ସୁଦୃଢ଼ କରିଥାଏ । ଏହି ଅବସରରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସାଧାରଣତନ୍ତ୍ର ଦିବସ ଆମ ଦେଶର ପ୍ରଗତିକୁ ମାର୍ଗଦର୍ଶନ କରୁଥିବା ଆଦର୍ଶର ଏକ ଶକ୍ତିଶାଳୀ ସ୍ମରଣକାରୀ ଅଟେ । ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ରେ ଏହାର କାର୍ଯ୍ୟକାଳ ମଧ୍ୟରେ, ଏହି ଉତ୍ସବରେ ନେତୃତ୍ୱ ନେତୃତ୍ୱରେ ପତାକା



ଉତୋଳନ, ସମନ୍ୱିତ ପରେଡ୍, ବିଭିନ୍ନ ବିଭାଗରେ କର୍ମଚାରୀମାନଙ୍କ ଦ୍ୱାରା ବିକଶିତ ଟେବୁଲ ଉପସ୍ଥାପନା ଏବଂ କର୍ମଚାରୀଙ୍କ ପିଲା ଏବଂ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ୍ ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା । ସିଜିମାଲି ପରିଧିରେ, ୨୮ ଟି ସ୍କୁଲକୁ ମିଠା ପ୍ୟାକେଟ ବଂଟନ କରାଯାଇଥିଲା, ଜାମଖାଣି ଏବଂ ଘୋଘରପାଲି ଦଳଗୁଡ଼ିକ, କର୍ମଚାରୀ, ସ୍ୱେଚ୍ଛାସେବକମାନଙ୍କ ସହିତ, କ୍ରୀଡା ଟ୍ରଫି, ପ୍ରମାଣପତ୍ର ଏବଂ ଜଳପାନ ବାକ୍ସ ବଂଟନ ମାଧ୍ୟମରେ ନଅଟି ସ୍କୁଲ ଏବଂ ୧୭ଟି ଅଙ୍ଗନଓ୍ୱାଡି କେନ୍ଦ୍ରକୁ ସହାୟତା କରିଥିଲେ, ଯାହା ଦ୍ୱାରା ୧୮୦୦ ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସମ୍ପ୍ରଦାୟ ସଦସ୍ୟ ଉପକୃତ ହୋଇଥିଲେ ।

# ନିରାପଦ ଏବଂ ସ୍ଥାୟୀ ସ୍କିନ୍ କେୟାର ବ୍ରାଣ୍ଡ "କୋଡ୍ ସ୍କିନ୍"ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ବହୁବର୍ଷଧରି କସ୍ମେଟିକ ବ୍ରାଣ୍ଡରେ ନିଜର ଅଭିଜ୍ଞତା ପରେ ଅସ୍କାର ପେରେରା ପୁଣିଥରେ ସ୍କିନ୍ କେୟାର (ତ୍ୱଚା ଯତ୍ନ) ଶିଳ୍ପରେ ନିଜକୁ ସ୍ଥାପିତ କରିଛନ୍ତି । ସେ ନିଜର ନୂତନ କମ୍ପାନୀ 'ଏଫେଜା ସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍' ଅଧୀନରେ ପ୍ରମୁଖ ବ୍ରାଣ୍ଡ "କୋଡ୍ ସ୍କିନ୍"ର ଶୁଭାରମ୍ଭ କରିଛନ୍ତି । ଦୀର୍ଘ ଦଶନ୍ଧିର ଅଭିଜ୍ଞତାକୁ ଆଧାରକରି, ଶ୍ରୀ ପେରେରା ତ୍ୱଚା ସୁରକ୍ଷାକୁ ପ୍ରାଥମିକତା ଦେଇ ଭାରତୀୟ ସ୍କିନ୍



କେୟାର କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି। କୋଡ୍ ସ୍କିନ୍ ସ୍ଥାନୀୟ ନିୟମାବଳୀଠାରୁ ଅଧିକ କଠୋର ସୁରକ୍ଷା ମାନଦଣ୍ଡ ପାଳନକରି ନିଜକୁ ଅନ୍ୟମାନଙ୍କଠାରୁ ଅଲଗା କରିପାରିଛି । ପେରେରା କହିଛନ୍ତି, "ଯଦିଓ ବର୍ତ୍ତମାନର ଆଇନ ଅନୁଯାୟୀ କୌଣସି ଉତ୍ପାଦ ବ୍ୟବହାର ପାଇଁ ଅନୁମତି ଥାଏ କିନ୍ତୁ ଯଦି ଏହା ମଣିଷ ପାଇଁ ସ୍ୱାସ୍ଥ୍ୟକର ନୁହେଁ କିମ୍ବା ପରିବେଶକୁ କ୍ଷତି ପହଞ୍ଚାଏ, ତେବେ ଆମେ ଏହାକୁ ବ୍ୟବହାର କରିବୁ ନାହିଁ।" କୋଡ୍ ସ୍କିନ୍‌ର ପ୍ରାରମ୍ଭିକ ଉତ୍ପାଦଗୁଡ଼ିକ ଭାରତୀୟ ତ୍ୱଚା ଜନିତ ମୁଖ୍ୟ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏଥିରେ ହାଇପରପିଗମେଣ୍ଟେସନକୁ ପ୍ରଭାବଶାଳୀ ଏବଂ ନିରାପଦ ଭାବରେ ଦୂର କରିବା ପାଇଁ ଏକ ସ୍ପଟ୍-କରେକ୍ଟିଂ ଲୋସନ ଅନ୍ତର୍ଭୁକ୍ତ । ଓଡ଼ିଶାର ରାଉରକେଲାରୁ ଏହାର ଶୁଭାରମ୍ଭ ହେବାସହ, ଆଗାମୀ ଦିନରେ ଓଡ଼ିଶାର ଅନ୍ୟାନ୍ୟ ସହରରେ ଉପଲବ୍ଧ ହେବାର ଯୋଜନା ରହିଛି ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ସକାଳେ ଅନୁଷ୍ଠାନର ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ଓ ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅନ୍ୟାନ୍ୟ କର୍ମଚାରୀ ତଥା ଆବାସିକ ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଉକ୍ତ ବିଦ୍ୟାଳୟର ଚେୟାରମ୍ୟାନ ପତାକା ଉତ୍ତୋଳନ କରିଥିଲେ । ସକାଳୁ ପ୍ରଭାତ ଫେରି ସହ ସ୍ୱତନ୍ତ୍ରତାର ସ୍ଲୋଗାନ ସମଗ୍ର ଅଞ୍ଚଳକୁ ଗଣତନ୍ତ୍ରମୟ କରିଥିଲା । ସମସ୍ତଙ୍କ ଉପସ୍ଥିତିରେ ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ରର ରକ୍ଷାନିମନ୍ତେ ଆମ ଗଣତନ୍ତ୍ରର ମହନୀୟତା, ସ୍ୱତନ୍ତ୍ରତା, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ମନ୍ତ୍ରରେ ଅଭିମନ୍ତ୍ରୀତ କରିବା ସହ ୭୭ ବର୍ଷର ଏହି ବୃହତ୍ତମ ଗଣତାନ୍ତ୍ରୀକ ରାଷ୍ଟ୍ରର ଭବିଷ୍ୟତ ଆଜିର ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରୁବୋଲି ଆଶା ପୋଷଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ପିଲାମାନଙ୍କୁ ତାଙ୍କର ବକ୍ତବ୍ୟରେ ସ୍ୱାଧୀନୋତ୍ତର ଭାରତର ଯୁବଶକ୍ତି ଭାରତର ଉର୍ଦ୍ଧ୍ୱଗତିତାକୁ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାହିଁ ଭବିଷ୍ୟତର ଚାବିକାଠି ବୋଲି କହିବା ସହିତ ଶୃଙ୍ଖଳା ଏଭଳି ଏକ ଅସ୍ତ୍ର ଯାହା ତୁମର ଭବିଷ୍ୟତ ଜୀବନ ସହ ସମଗ୍ର ଦେଶକୁ ପରିବର୍ତ୍ତନ କରିଦେଇ ପାରିବ



ସାକାର କରିବାରେ ଗୁରୁଦାୟିତ୍ୱ ନିଅନ୍ତୁ କାରଣ ଛାତ୍ର ହେଉଛି ରାଷ୍ଟ୍ରର ଶକ୍ତି ବୋଲି ମତ ପୋଷଣ କରିଥିଲେ । ଅନୁଷ୍ଠାନର ଶୁଭେଚ୍ଛୁ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ବୋଲି ନିଜର ମତବ୍ୟକ୍ତ କରିଥିଲେ । ଶେଷରେ ପିଲାମାନେ ଜାତୀୟ ସଙ୍ଗୀତ ଗାନ କରିବସହ ମିଷ୍ଟାନ୍ନ ବଣ୍ଟନ କରାଯାଇ ସାଧାରଣତନ୍ତ୍ର ଦିବସର ପର୍ବକୁ ସମାପ୍ତ କରାଯାଇଥିଲା ।





ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଯାଉଥିବା ବିମାନ ବାରାମତିଠାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏହାର ଅଂଶବିଶେଷ ବିଛାଡି ହୋଇପଡିଛି ।

# ବିଶ୍ୱରେ ଲିଓରଜେଟ୍-୪୫ ବିମାନ ଘଟାଇଛି ୨୦୦ ଦୁର୍ଘଟଣା

**ବାରାମତି:** ଏକ ବିମାନ ଦୁର୍ଘଟଣାରେ ବୁଧବାର ସକାଳେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ଘଟିଛି। ପୁଣେର ବାରାମତି ଜିଲ୍ଲାରେ ଦୁର୍ଘଟଣାଗ୍ରସ୍ତ ହେବା ସମୟରେ ପାୱାର ଏକ ଚାର୍ଟର୍ଡ ବିମାନରେ ଯାତ୍ରା କରୁଥିଲେ। ଯେହେତୁ ଏହା ଏକ ଚାର୍ଟର୍ଡ ବିମାନ, ଏଥିରେ କେବଳ ୬ ରୁ ୮ ଜଣଙ୍କ ବସିବା କ୍ଷମତା ଅଛି। ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଏହା ପ୍ରଥମ ଥର ନୁହେଁ। ସାରା ବିଶ୍ୱରେ ଏହି ବିମାନ ପ୍ରାୟ ୨୦୦ ଥର ଏପରି ଦୁର୍ଘଟଣା ଘଟାଇଛି। ଅଜିତ ପାୱାର ଯେଉଁ ଚାର୍ଟର୍ଡ ବିମାନରେ ଯାତ୍ରା କରୁଥିଲେ ତାହା ଏକ ଲିଅରଜେଟ୍ ବ୍ୟବସାୟିକ ଜେଟ୍। ଏହି କମ୍ପାନୀ ୧୯୬୦ ମସିହାରେ କାନାଡା ବ୍ୟବସାୟୀ ୱିଲିୟମ୍ ପାୱେଲ୍ ଲିଅର୍ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ବିମାନ କମ୍ପାନୀ ବମ୍ବାର୍ଡିୟର୍ ଏରୋସ୍ପେସର ମାଲିକାନାରେ ରହିଛି। ଯଦିଓ କମ୍ପାନି ୨୦୨୧ ମସିହାରେ ଉତ୍ପାଦନ ବନ୍ଦ କରିଦେଇଥିଲା, ତେବେ ବିଦ୍ୟମାନ ବିମାନଗୁଡ଼ିକର ସେବା ଓ



ରକ୍ଷଣାବେକ୍ଷଣ ଜାରି ରଖିଛି। ଲିଅରଜେଟ୍ ନିଜର ଚାର୍ଟର୍ଡ ବିମାନ ପାଇଁ ବିଶ୍ୱରେ ପ୍ରସିଦ୍ଧି ହାସଲ କରିଛି। ପାୱାର ଯେଉଁ ବିମାନରେ ଯାତ୍ରା କରୁଥିଲେ ତାହା ଏକ ଲିଅରଜେଟ୍ ୪୫ ମଡେଲ୍।

ଲିଅରଜେଟ୍ ୪୫ ମଡେଲ୍ର ସର୍ବାଧିକ ଗତି ଘଣ୍ଟା ପ୍ରତି ୮୬୦ କିଲୋମିଟର। ଯେତେବେଳେ ଏହାର କ୍ରୁଜ୍ ଗତି ମଧ୍ୟ ପ୍ରାୟ ସମାନ। ଏହାର ରେଞ୍ଜ୍ ୧,୯୦୦ ରୁ ୨,୨୦୦ନଟିକାଲ୍ ମାଇଲ୍ ଅଥାତ୍ ପ୍ରାୟ ୩,୫୦୦ ରୁ ୪,୦୦୦କିଲୋମିଟର। ଏହାର ଅର୍ଥ ହେଉଛି ଏହି ବିମାନ ଗୋଟିଏ ଥର ଉଡ଼ାଣରେ ପ୍ରାୟ ୪,୦୦୦ କିଲୋମିଟର ଯାତ୍ରା କରିପାରିବ। ଏହା ବ୍ୟତୀତ, ଭୂମିରୁ ଉଚ୍ଚତାରେ ପହଞ୍ଚିବାର ଏହାର ଗତି ମଧ୍ୟ ବହୁତ ଦ୍ରୁତ। ଏହି ଚାର୍ଟର୍ଡ ବିମାନ ମାତ୍ର ୧୮ରୁ ୨୦ ମିନିଟରେ ୪୧,୦୦୦ ଫୁଟ ଉଚ୍ଚତାରେ ପହଞ୍ଚିପାରିଥାଏ।

ଏହି ଚାର୍ଟର୍ଡ ଲିଅର୍ଜେଟ୍ ୪୫ ମଡେଲ୍ ବିମାନରେ ୬ ରୁ ୮ ଜଣ ବସିପାରିବେ। ବିମାନ;ର ପ୍ରାୟ ୬ ଫୁଟ ଉଚ୍ଚତା ବିଶିଷ୍ଟ ଓ ସୁବିଧା ପାଇଁ ଫୋଲ୍ଡିଂ ଟେବୁଲ୍ ତଥା ଚେୟାର ରହିଥାଏ। ୱାଇଫାଇ ଓ ସାଟେଲାଇଟ୍ ଫୋନ୍ ସୁବିଧା ସହିତ ଏଥିରେ ବ୍ୟାଗେଜ୍ ଷ୍ଟୋରେଜ୍ ଉପଲବ୍ଧ। ମନୋରଞ୍ଜନ ପାଇଁ ଏଥିରେ ଡିଭିଡି ଓ ଟିଭି ମଧ୍ୟ ରହିଛି।। ଏହି ବିମାନ ଏକ ବିଳାସପୂର୍ଣ୍ଣ ଅନୁଭବ ପ୍ରଦାନ କରିବା ସହିତ ଗୋପନୀୟତା ସୁନିଶ୍ଚିତ କରିଥାଏ।

ଏହି ବିମାନକୁ ଛୋଟ ରନୱେରେ ଅବତରଣ ଓ ଉଡ଼ାଣ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଇଥାଏ। ଏହା କାନାଡାର ପ୍ରାଟ୍ ଆଣ୍ଡ ୱିଟନିର ଏକ ଟ୍ୱିନ୍-ଟର୍ବୋଫ୍ୟାନ୍ ଇଞ୍ଜିନ୍ ଦ୍ୱାରା ଚାଳିତ। ଫଳରେ ଏହା ଇନ୍ଧନ ସଞ୍ଚୟ କରିବାକୁ ସକ୍ଷମ। ଏଥିରେ ଡିଜିଟାଲ୍ ଉଡ଼ାଣ ନିୟନ୍ତ୍ରଣ ନେଭିଗେସନ୍ ଓ ଉନ୍ନତ ସୁରକ୍ଷା ବ୍ୟବସ୍ଥା ରହିଛି।। ଏହା ଦ୍ରୁତ ଗତିରେ ଉଡାଣ କରିବା ସହିତ ବେଶ୍ ଆରାମଦାୟକ। ସେଥିପାଇଁ ଏହି ବିମାନଟି ଘରୋଇ ତଥା ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିପାରିଛି।

# ଅଜିତଙ୍କୁ ଚିହ୍ନାଇଲା ହାତଘଣ୍ଟା



**ବାରାମତି:** ଆଜି ଏକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ହୋଇଛି। ସେ ମୁମ୍ବାଇରୁ ବାରାମତି ଯାତ୍ରା କରୁଥିବା ବେଳେ ତାଙ୍କ ଚାର୍ଟାଡ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେ ବାରାମତିରେ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ଏକ ନିର୍ବାଚନୀ ରାଲିରେ ଯୋଗଦେବାକୁ ଯାଉଥିଲେ। ହେଲେ ଅବତରଣ ପୂର୍ବରୁ ତାଙ୍କ ବିମାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

ଦୁର୍ଘଟଣା ପରେ ସମସ୍ତ ୫ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାର କାରଣ ସାମ୍ନାକୁ ଆସିନଥିବା ବେଳେ ହାତଘଣ୍ଟା ଦେଖି ପରିବାର ଲୋକେ ଜୀବନ୍ତ ଦଗ୍ଧ ହୋଇଥିବା ଅଜିତ୍ଙ୍କୁ ଚିହ୍ନିଥିଲେ ବୋଲି ସାମ୍ନାକୁ ଆସିଛି। ବିମାନଟି ପୂରା ଜଳିଯିବା ସହ ଭିତରେ ଥିବା ଯାତ୍ରୀ ମଧ୍ୟ ଜଳିଯାଇଥିଲେ। ଏହା ଦ୍ୱାରା ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ମୁହଁ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ଅଜିତ୍ ହାତରେ ପିନ୍ଧିଥିବା ଘଣ୍ଟା ଦେଖି ତାଙ୍କୁ ପରିବାର ଲୋକେ ଚିହ୍ନିଥିବା ସାମ୍ନାକୁ ଆସିଛି। ବିଡ଼ମ୍ବନାର ବିଷୟ ହେଉଛି, ଏନସିପିର ସରକାରୀ ନିର୍ବାଚନ ପ୍ରତୀକ ହେଉଛି ଘଣ୍ଟା।

## ଅର୍ଥମନ୍ତ୍ରଣାଳୟକୁ ଦାବିପତ୍ର

# ପଛୁଆ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ

**ନୂଆଦିଲ୍ଲୀ:** କେନ୍ଦ୍ର ବଜେଟ ୨୦୨୬-୨୭ ପୂର୍ବରୁ, ଓଡ଼ିଶାର ପଛୁଆ ଅଞ୍ଚଳ, ବିଶେଷକରି ଦକ୍ଷିଣ-ପଶ୍ଚିମ ଅଞ୍ଚଳ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ଗତ ବର୍ଷର ଟ.୯,୧୭୬ କୋଟିର ଅତିରିକ୍ତ ପାଣ୍ଠି ସହାୟତାକୁ ବଜାୟ ରଖିବା ସହିତ ସ୍ଥାୟୀ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପ୍ରହାର ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି । ଗତ କେନ୍ଦ୍ର ବଜେଟରେ ପ୍ରଦାନ କରାଯାଇଥିବା ବର୍ଦ୍ଧିତ କେନ୍ଦ୍ରୀୟ ସହାୟତାକୁ ଭୂମିରେ ବ୍ୟାପକ ଭାବରେ ସ୍ୱାଗତ କରାଯାଇଛି ଏବଂ ଏହା ଓଡ଼ିଶା ସରକାରଙ୍କ ବିକାଶମୂଳକ ପ୍ରୟାସକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଛି । ଏହା ପ୍ରକାଶ କରିଛି ଯେ ଗତ ବର୍ଷ ଅତିରିକ୍ତ ୯,୧୭୬ କୋଟି ଟଙ୍କାର ଆବଣ୍ଟନ ଭୌତିକ ଭିତିଭୂମି ଏବଂ କଲ୍ୟାଣ ଫଳାଫଳରେ ମଧ୍ୟ ଦୃଶ୍ୟମାନ ଉନ୍ନତି ଆଣିଛି । ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଅଭୟ ରାଜ ମିଶ୍ର କହିଛନ୍ତି, ଆଦିବାସୀ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ନିବେଶ କରିବାରେ ଓଡ଼ିଶା ସରକାରଙ୍କ ପ୍ରୟାସକୁ ଆମେ ସ୍ୱୀକାର କରୁଛୁ । ତଥାପି, ବିଶେଷକରି ଦକ୍ଷିଣ ଏବଂ ପଶ୍ଚିମ ଅଂଚଳରେ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲା ଦଶନ୍ଧି ଧରି ଅବହେଳାର ସମ୍ମୁଖୀନ ହୋଇଛି ଯାହାକୁ କେବଳ ବିକାଶମୂଳକ ପାଣ୍ଠି ପ୍ରତ୍ୟାହାର କରିପାରିବ ନାହିଁ।

# ଦୁର୍ଘଟଣା ଗସ୍ତ ବିମାନରେ ଥିଲେ ଦୁଇ ପାଇଲଟ ସୁମିତ ଓ ସମ୍ଭାବୀ



**ବାରାମତି:** ଅଜିତ ପାୱାରଙ୍କ ଦୁର୍ଘଟଣାଗସ୍ତ ବିମାନରେ ଥିବା ଦୁଇ ପାଇଲଟ ହେଲେ କ୍ୟାପ୍ଟେନ ସୁମିତ କପୁର ଓ କ୍ୟାପଟେନ ସମ୍ଭାବୀ ପାଠକ। ଉଭୟ ବେମସାରିକ ବିମାନ ଚଳାଚଳରେ ବେଶ ଅଭିଜ୍ଞ। ବିମାନର ପରିଚାଳନା କରୁଥିବା ଭିଏସ୍ଆର ଆଭିଏସନ ସେମାନଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛି। କ୍ୟାପଟେନ ସମ୍ଭାବୀ ପାଠ ହେଉଛନ୍ତି ଜଣେ ଆର୍ମି ଅଫିସରଙ୍କ ଝିଅ।

ସେ ଏୟାର ଫୋର୍ସ ବାଲ ଭାରତୀରେ ପାଠ ପଢ଼ିଥିବା ବେଳେ ଅରୋନଟିକ୍ସ, ଆଭିଏସନ ଓ ଏରୋସ୍ପେଶ ସାଇନ୍ସ ଏବଂ ଟେକ୍ନୋଲୋଜିରେ ବିଏସସି ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଶେଷ କରିଥିଲେ। ପରବର୍ତ୍ତୀ ସମୟରେ ସେ ନ୍ୟୁଜିଲାଣ୍ଡ ଅନ୍ତର୍ଜାତୀୟ ବ୍ୟବସାୟିକ ପାଇଲଟ ଏକାଡେମୀରେ ତାଲିମ ନେଇଥିଲେ। କ୍ୟାପଟେନ ସୁମିତ କପୁରଙ୍କ ଅଭିଜ୍ଞତା ସମ୍ଭାବୀଙ୍କ ଠାରୁ ଢେର ଅଧିକ। ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ସେ ବିମାନ କ୍ରୁଙ୍କ ନେତୃତ୍ୱ ନିଅନ୍ତି। ବିଶେଷ କରି ଉଡ଼ାଣ ଓ ଅବତରଣ ସମୟରେ ତାଙ୍କ ନିର୍ଦ୍ଦେଶକୁ ପାଳନ କରାଯାଇଥିଲା। ଦୁର୍ଘଟଣା ଗ୍ରସ୍ତ ଚାର୍ଟାର୍ଡ ବିମାନର ମାଲିକ ତଥା ଭିଏସଆରର ନିର୍ଦ୍ଦେଶକ ବିଜୟ କୁମାର ସିଂହ କହିଛନ୍ତି, ଲ୍ୟାଣ୍ଡିଂ ନିଷ୍ପତ୍ତି ପାଇଲଟରଙ୍କର ଥିଲା। ପ୍ରଥମେ ସେ ରନୱେ ୨୯ ଆଡ଼କୁ ଯାଇଥିଲେ। ସେଠାରେ ବିଫଳତା ମିଳିବାରୁ ସେ ପୁଣି ରନୱେ ୧୧ରେ ଅବତରଣ କରିବାକୁ ଚେଷ୍ଟା କରିଥିଲେ। ଦୁଇ ପାଇଲଟଙ୍କ ସହ ମୋର କୌଣସି ଯୋଗାଯୋଗ ନଥିଲା। ଏହା ଗୋଟିଏ ଦୁର୍ଭାଗ୍ୟଜନକ ଘଟଣା। ଆମେ ବହୁତ ଦୁଃଖିତ। ପ୍ରାଥମିକ ଭାବେ ଜଣାପଡୁଛି ଯେ ପାଇଲଟ ସମ୍ଭବତଃ ରନୱେ ଦେଖି ପାରି ନଥିଲେ। ସୁମିତଙ୍କ ପାଖରେ ୧୬ ହଜାର ଘଣ୍ଟାରୁ ଅଧିକ ସମୟ ବିମାନ ଉଡ଼ାଇବାର ଅଭିଜ୍ଞତା ରହିଥିଲା। ସହ ପାଇଲଟ ସମ୍ଭାବୀ ପାଠକ ୧୫ଶହ ଘଣ୍ଟାରୁ ଅଧିକ ସମୟ ବିମାନ ଉଡ଼ାଇଛନ୍ତି।

ଦୁଇ କ୍ୟାପଟେନ ବେଶ ଅଭିଜ୍ଞ ଥିଲେ। ସୁମିତ ପୂର୍ବରୁ ସାହାରା, ଜେଟଲାଇଟ ଓ ଜେଟ ଏୟାରୱେଜ ବିମାନ ଉଡ଼ାଇଛନ୍ତି। ଦୁର୍ଘଟଣା ଗ୍ରସ୍ତ ବିମାନ ୧୬ ବର୍ଷ ପୁରୁଣା ହୋଇଥିଲେ ହେଁ ସଂପୂର୍ଣ୍ଣ ସୁରକ୍ଷିତ ରହିଥିଲା। ବିମାନରେ କୌଣସି ବୈଷୟିକ ତ୍ରୁଟି ପାଇଁ ଏତେ ବଡ଼ ଘଟଣା ଘଟିନି।


କ୍ୟାପଟେନ ସୁମିତ କପୁର ମୋର ଜଣେ ଭଲ ବନ୍ଧୁ ଥିଲେ। ତାଙ୍କ ପୁଅ ମଧ୍ୟ ଆମ ସହ ପାଇଲଟ ଭାବେ କାମ କରୁଛନ୍ତି। କ୍ୟାପଟେନ ସମ୍ଭାବୀ ମୋର ଝିଅ ଭଳି। ଉଭୟ ବହୁତ ଭଲ ମଣିଷ।

# ନାସାର ବିମାନରେ ଲାଗି ଗଲା ନିଆଁ

**ହ୍ୟୁଷ୍ଟନ:** ଆମେରିକାର ହ୍ୟୁଷ୍ଟନର ଏଲିଂଟନ୍ ବିମାନବନ୍ଦରରେ ନାସାର ଏକ ଗବେଷଣା ବିମାନର ଲ୍ୟାଣ୍ଡିଂ ଗିଅର ବିନା ଜରୁରୀକାଳୀନ ବେଲି ଲ୍ୟାଣ୍ଡିଂ କରିଥିଲା।

ଅବତରଣ ସମୟରେ, ବିମାନଟି ରନୱେ ଉପରେ ଖସିପଡ଼ିଥିଲା। ରନୱେରେ ଘର୍ଷଣ ଯୋଗୁ ବିମାନର ପଛ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। ତେବେ ଏହି ଘଟଣାରେ କୌଣସି କ୍ରୁ ସଦସ୍ୟ ଆହତ ହୋଇ ନାହାନ୍ତି।

ରିପୋର୍ଟ ଅନୁଯାୟୀ, ବିମାନଟି



ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେବା ପରେ ପାଇଲଟଙ୍କୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା। ସୋସିଆଲ ମିଡିଆରେ ପ୍ରସାରିତ ଏକ ଭିଡିଓରେ ଦେଖାଯାଉଛି ଯେ, ବିମାନର ଚକ ବାହାରି ନଥିଲା। ବିମାନଟି ସିଧାସଳଖ ରନୱେରେ ତଳଅଂଶ ବା ବେଲିରେ ଅବତରଣ କରିଥିଲା। ଅବତରଣ କରିବା ପରେ, ବିମାନଟି ବହୁତ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ପରେ ଶେଷରେ ଅଟକି ଯାଇଥିଲା। ବିମାନବନ୍ଦରରେ ଥିବା ଜରୁରୀକାଳୀନ ଦଳ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଓ ନିଆଁକୁ ଆୟତ୍ତ କରିଥିଲେ। ହ୍ୟୁଷ୍ଟନ ବିମାନବନ୍ଦର ପ୍ରଶାସନ ଅନୁଯାୟୀ, ଘଟଣାଟି ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଘଟିଥିଲା। ବିମାନଟି ରନୱେ ୧୭ଆର୍-୩୫ଏଲ୍ରେ ଅବତରଣ କରୁଥିଲା।

# ଆମେରିକାକୁ ସାଉଦି ଆରବ-ୟୁଏଇ ଝଟକା

**ୱାଶିଂଟନ:** ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଦୁଇଦେଶ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଥିବା କୁହାଯାଉଛି। ଉଭୟ ଦେଶ ମଧ୍ୟରେ ସାମରିକ, ରାଜନୈତିକ ଓ ରଣନୈତିକ ମୁକାବିଲା ଜାରି ରହିଛି। ଇରାନ ବିରୋଧରେ ପରମାଣୁ କାର୍ଯ୍ୟକ୍ରମ ଉଲ୍ଲଂଘନ, ଆଞ୍ଚଳିକ ମିଲିସିଆକୁ ସମର୍ଥନ ତଥା ମାନବାଧିକାର ଉଲ୍ଲଂଘନ କରିବା ଭଳି ଅଭିଯୋଗ ଆମେରିକା ଆଣିଛି। ତେବେ ଆମେରିକା ମଧ୍ୟପ୍ରାଚ୍ୟରେ ହସ୍ତକ୍ଷେପ ଓ କଟକଣା ମାଧ୍ୟମରେ ଇରାନର ଅର୍ଥନୀତିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରାଯାଉଛି। ଗତ କିଛି ମାସ ମଧ୍ୟରେ, ଆମେରିକା ଉପସାଗରୀୟ ଅଞ୍ଚଳରେ ବିମାନ ବାହକ, ଯୁଦ୍ଧଜାହାଜ ଓ ଲଢୁଆ ବିମାନ ମୁତୟନ କରିଛି। ଜବାବରେ, ଇରାନ ଚେତାବନୀ ଦେଇଛି ଯେ, ଆମେ ଯେକୌଣସି ଆକ୍ରମଣକୁ ଏକ ପୂର୍ଣ୍ଣ-ସ୍ତରର ଯୁଦ୍ଧ ଭାବରେ ଗ୍ରହଣ କରିବୁ। ଦୁଇ ଦେଶ ମଧ୍ୟରେ ବୟାନବାଜି, ସାମରିକ ପ୍ରସ୍ତୁତି, କଟକଣା, ସାଇବର ଓ ଗୁପ୍ତଚର କାର୍ଯ୍ୟ ପ୍ରଭୃତି ସ୍ଥିତିକୁ ଅଧିକ ଜଟିଳ କରୁଛି। ବୁଧବାର ଦିନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଏକ ବଡ଼ ଆମେରିକୀୟ ନୌସେନା ଇରାନ ଅଭିମୁଖେ ଯାଉଛି। ମୁଁ ଆଶା କରୁଛି ଏସବୁର ବ୍ୟବହାର କରିବାକୁ ପଡ଼ିବ ନାହିଁ।

# ଆଜି ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ

**ନୂଆଦିଲ୍ଲୀ:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ପୂର୍ବାହ୍ନ ୧୧ଟାରେ ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୨୫-୨୬କୁ ଉପସ୍ଥାପନ କରିବେ। ଏହା ହେଉଛି କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରଦର୍ଶନ ଓ ଦେଶର ଅର୍ଥନୈତିକ ସ୍ଥିତିର ଏକ ରିପୋର୍ଟ ଯେଉଁଥିରେ ଅଭିବୃଦ୍ଧି ହାର, ମୁଣ୍ଡପିଛା ଆୟ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଅଭିବୃଦ୍ଧି ତଥ୍ୟ ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ଏହି ରିପୋର୍ଟ ତିଆରି କରୁଛି। ସର୍ବେକ୍ଷଣ ରିପୋର୍ଟ ସଂସଦର ଉଭୟ ସଦନରେ ଉପସ୍ଥାପିତ ହେବା ପରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବେ। ପ୍ରତିବର୍ଷ ବଜେଟ୍ ଉପସ୍ଥାପନ ହେବା ପୂର୍ବରୁ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯାଇଥାଏ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରବିବାର ଦିନ ବଜେଟ୍ ଉପସ୍ଥାପନ ହେବ।

# ଭାରତ-ୟୁରୋପ ବାଣିଜ୍ୟ ରାଜିନାମାକୁ ସ୍ୱାଗତ

**ନୂଆଦିଲ୍ଲୀ:** ଭାରତ-ୟୁରୋପୀୟସଂଘମୁକ୍ତବାଣିଜ୍ୟ ରାଜିନାମାକୁ ବିଶ୍ୱ ସ୍ତରରେ ଦୃଢ଼ ଏବଂ ସକାରାତ୍ମକ ସମର୍ଥନମିଳିଛି ।ଅନ୍ତର୍ଜାତୀୟ ଗଣମାଧ୍ୟମ, ବିଦେଶୀ ରାଜନୈତିକ ନେତୃବୃନ୍ଦ, ବିଶ୍ୱ ବ୍ୟବସାୟ ମୁଖ୍ୟ ଏବଂ ବିଶିଷ୍ଟ ନୀତି ବିଶେଷଜ୍ଞମାନେଏହାକୁସ୍ୱାଗତକରିଛନ୍ତି। ଏହି ରାଜିନାମାକୁ ଆର୍ଥିକ ଏବଂ ଭୂ-ରାଜନୈତିକ ଦୃଷ୍ଟିରୁ ଐତିହାସିକ, ରଣନୀତିକ ଏବଂ ସମୟୋଚିତ ବୋଲି ବ୍ୟାପକ ଭାବରେ ବର୍ଣ୍ଣନା କରାଯାଇଛି। ପ୍ରମୁଖ ବିଶ୍ୱସ୍ତରୀୟ ଗଣମାଧ୍ୟମଗୁଡ଼ିକ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମାର ବ୍ୟାପକତା, ମହତ୍ୱାକାଂକ୍ଷୀଲକ୍ଷ୍ୟ ଏବଂ ରଣନୀତିକ ସମୟ ଉପରେ ଆଲୋକପାତ କରିଛନ୍ତି। ଦି ଟେଲିଗ୍ରାଫରେଜେମ୍ସ କ୍ରିସ୍ଙ୍କ ଦ୍ୱାରା 'ମୋଦୀଇଜ୍ ରିଅଲ୍ ୱିନର୍ ଇନ୍ ମଦର୍ ଅଫ୍ ଅଲ୍ ଟ୍ରେଡ୍ ଡିଲ୍ସ ୱିଦ୍ ଇୟୁ'ଶୀର୍ଷକ ଏକ ଲେଖାରେ ଏହିଚୁକ୍ତିନାମାକୁ "ସବୁଠୁବଡ଼ଏବଂ ଗୁରୁତ୍ୱପୂର୍ଣ୍ଣ ରାଜିନାମା" ଭାବରେ ବର୍ଣ୍ଣନା କରାଯାଇଛି । ଭାରତ ପ୍ରକୃତ ରଣନୀତିକ ବିଜେତା ଭାବରେ ଉଭା ହୋଇଥିବାଏଥିରେତର୍କଦର୍ଶାଯାଇଛି। ପତ୍ରିକାରେ ଉଲ୍ଲେଖ କରାଯାଇଛି ଯେ, ଏହି ଚୁକ୍ତି ଦ୍ୱାରାସାତ ବର୍ଷ ମଧ୍ୟରେ ୟୁରୋପରୁଭାରତକୁ ହେଉଥିବାରପ୍ତାନିର ୨୬.୬% ସାମଗ୍ରୀ ଓ ସେବାଉପରୁ ଶୁଳ୍କ ହଟାଇ ଦିଆଯାଇଛି କିମ୍ବା ହ୍ରାସ କରାଯାଇଛି । ଅନ୍ୟପକ୍ଷରେ୯୯.୫% ଭାରତୀୟ ସାମଗ୍ରୀ ଉପରେ ୟୁରୋପଶୁଳ୍କ ହ୍ରାସ କରିବ। ଦ ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲରେ ଏହି ରାଜିନାମାକୁବିଶ୍ୱ ଶୁଳ୍କବାଧାପରିପ୍ରେକ୍ଷୀରେମଧ୍ୟମ ବର୍ଗରଶକ୍ତିଙ୍କଦ୍ୱାରାଏକଉପଯୁକ୍ତଜବାବଭାବେବର୍ଣ୍ଣନା କରାଯାଇଛି । ଆମେରିକାରବାଣିଜ୍ୟନୀତି କାରଣରୁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ମଧ୍ୟରେ ଭାରତ ଏବଂୟୁରୋପକିଭଳିସେମାନଙ୍କରସହଯୋଗକୁବିସ୍ତାରକରୁଛନ୍ତି ସେ ସମ୍ପର୍କରେଏଥିରେ ଉଲ୍ଲେଖ କରାଯାଇଛି । ନ୍ୟୁୟର୍କ ଟାଇମ୍ସ ଲେଖିଛି, ଏହି ରାଜିନାମାପ୍ରାୟ ଦୁଇ ଦଶନ୍ଧି ଧରି ଆଲୋଚନା ପରେ ବିଶ୍ୱର ସର୍ବବୃହତ ଆର୍ଥିକ ଗୋଷ୍ଠୀ ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥାକୁ ଏକାଠି କରିଛି।ୱାଶିଂଟନ୍ ପୋଷ୍ଟ ଏହାକୁ ଏକ ଐତିହାସିକ ଚୁକ୍ତି ବୋଲି କହିଛି ଏବଂ ଏହାର ଶୀର୍ଷକରେଥିବାଲେଖାରଅର୍ଥହେଉଛି- ଏକ ଐତିହାସିକମୁକ୍ତବାଣିଜ୍ୟରାଜିନାମାରେ ଭାରତ ଏବଂୟୁରୋପସବୁଠୁ ଗୁରୁତ୍ୱପୂର୍ଣ୍ଣ ବୁଝାମଣାକରିଛନ୍ତି । ଗାର୍ଡିଆନ୍ ଏହାକୁ 'ସମସ୍ତ ଚୁକ୍ତିନାମାର ଜନନୀ' ବୋଲି ଉଲ୍ଲେଖ କରିଛି। ଭାରତ ଏବଂ ୟୁରୋପଏପରି ଏକରାଜିନାମାସ୍ୱାକ୍ଷରକରିଛନ୍ତିଯାହା'ସମସ୍ତ ବାଣିଜ୍ୟ ରାଜିନାମାର ଜନନୀ'ବୋଲିବିବିସିଲେଖିଛି । ବ୍ଲୁମବର୍ଗରରିପୋର୍ଟରେଅଧିକଗଭୀରଯୋଗାଣଶୃଙ୍ଖଳଏକୀକରଣଉପରେଆଲୋକପାତକରାଯାଇଛି ।

# ପ୍ରଥମ ଗ୍ଲୋବାଲ ଗେମିଂ ସୁପରଷ୍ଟାର ପାଇଁ ସନ୍ଧାନ

## ବିଜେତାଙ୍କୁ ମିଳିବ ୧କୋଟି ଟଙ୍କାର ପୁରସ୍କାର ରାଶି

**ନୂଆଦିଲ୍ଲୀ:** ବିଶ୍ୱର ପ୍ରଥମ ଆଜ୍-ଲାଇଭ ଗ୍ଲୋବାଲ ଗେମିଂ ରିଅଲିଟି ଶୋ' ଗୁଡ୍ ଗେମ୍ ପକ୍ଷରୁ ଭାରତର ପ୍ରଥମ ଗ୍ଲୋବାଲ ଗେମିଂ ସୁପରଷ୍ଟାରଙ୍କ ସନ୍ଧାନ କରିବା ପାଇଁ ଭାରତରେ ଏହାର ଶୁଭାରମ୍ଭ ଘୋଷଣା କରାଯାଇଛି ।ଲୋକପ୍ରିୟ ଅଭିନେତ୍ରୀ, ଉଦ୍ୟୋଗୀ ଓୟୁଥ୍ ଆଇକନ ସାମନ୍ଥ ରୁଥ୍ ପ୍ରଭୁଙ୍କୁ ଭାରତର ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ରିଷଭ ପନ୍ତ ଏବଂ ଭାରତର ଅନ୍ୟତମ ପ୍ରଭାବଶାଳୀ ଗେମିଂ କ୍ରିଏଟର ଉଜ୍ଜ୍ୱଳ ଚୌରସିଆ (ଟେକ୍ନୋ ଗେମର୍ଜ)ଙ୍କ ସହିତ ଜଣେ ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସାଡର ଭାବେ ନାମିତ କରାଯାଇଛି । ଗୁଡ୍ ଗେମ୍ ପକ୍ଷରୁ ଏକ କୋଟି ଟଙ୍କା (୧୦୦,୦୦୦ ଡଲାର)ର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି, ଯାହାକି ଭାରତରେ ଯେକୌଣସି ରିଅଲିଟି ଶୋ' ବିଜେତାଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ଅଟେ । ଏଥିସହିତ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ମଧ୍ୟ ଏହା ଏକ ସୁଯୋଗ ପ୍ରଦାନ କରିବ । ଗୁଡ୍ ଗେମ୍ ଏହି ଶୋ'ରେ ବାର୍ଷିକ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବା ପାଇଁ ଯୋଜନା ରଖିଛି ଏବଂ ବର୍ତ୍ତମାନ ଏହି ସ୍ୱତନ୍ତ୍ର ପ୍ରସ୍ତାବ ସହିତ ଜଡିତ ହେବା ପାଇଁ ବ୍ରାଣ୍ଡ ପାର୍ଟନର ଓ ପ୍ରାୟୋଜିତମାନଙ୍କୁ ଆମନ୍ତ୍ରଣ କରୁଛି । ଏହି ଶୁଭାରମ୍ଭ ଅବସରରେ ଗୁଡ୍ ଗେମର ପ୍ରତିଷ୍ଠାତା ରାଇ କକ®ଲା କହିଛନ୍ତି, ଗୁଡ୍ ଗେମ ଆନ୍ତର୍ଜାତୀୟ ସ୍ୱୀକୃତି ଓ ଜୀବନକାଳ ସୁଯୋଗ ପାଇଁ ବାଟ ଫିଟାଇବା ଲାଗି ଭାରତବ୍ୟାପୀ ପ୍ରତିଭାମାନଙ୍କୁ ସଶକ୍ତ କରିବ, ଯାହା ଜୀବନ ଓ କ୍ୟାରିୟରରେ ବଡ ପରିବର୍ତ୍ତନ ଆଣିପାରିବ । ସେହିଭଳି ନିଜର ସହଯୋଗିତା ସମ୍ପର୍କରେ ସାମନ୍ଥା ରୁଥ ପ୍ରଭୁ କହିଛନ୍ତି, ଏହି ପ୍ଲାଟଫର୍ମ ସମ୍ପର୍କରେ ଯାହା ମୋତେ ଉତ୍ସାହିତ କରିଛି ତାହା ହେଉଛି ଏହା ଚାପ ମଧ୍ୟରେ ପ୍ରଦର୍ଶନ କରିବା ପାଇଁ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ସାହସକୁ ସ୍ୱୀକୃତି ପ୍ରଦାନ କରୁଛି ଏବଂ ଯୁବ ଭାରତୀୟମାନଙ୍କୁ ଆନ୍ତର୍ଜାତୀୟ ମଂଚରେ ନିଜକୁ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ଦେଉଛି । ଗୁଡ ଗେମ ଇଣ୍ଡିଆ ଅଡିସନଗୁଡିକ ପାଇଁ ପଞ୍ଜୀକରଣ ଏବେ ଖୋଲା ରହିଛି ଏବଂ ୧୮ ବର୍ଷରୁ ଉର୍ଦ୍ଧ୍ୱର୍ ଯେକୌଣସି ଭାରତୀୟ ନାଗରିକ ଏଥିପାଇଁ ପଞ୍ଜୀକରଣ କରିପାରିବେ । ମନୋନିତ ଅଂଶଗ୍ରହଣକାରୀଙ୍କୁ ଆସନ୍ତା ଫେବୃଆରୀ ୧୪ ଓ ୧୫ ତାରିଖରେ ମୁମ୍ବାଇରେ ଏବଂ ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ଦିଲ୍ଲୀରେ ଏକ ଇନ୍-ପର୍ସନ ଅଡିସନ ପାଇଁ ସିଧାସଳଖ ଆମନ୍ତ୍ରିତ କରାଯିବ ।



### ଆଇସିସି ର୍‌ୟାଙ୍କିଙ୍ଗ

# ଶ୍ରେଷ୍ଠ ୧୦ରେ ସୂର୍ଯ୍ୟ କୁମାର




ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଦୀର୍ଘ ସମୟ ପରେ ଆଇସିସି ଟି-୨୦ ମାନ୍ୟତାର ଶ୍ରେଷ୍ଠ ୧୦ରେ ସୂର୍ଯ୍ୟ କୁମାର ଯାଦବ ପ୍ରବେଶ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ୨ଟି ମ୍ୟାଚରେ ଲଗାତାର ଅର୍ଦ୍ଧଶତକ ଇନିଂସ ଖେଳିବାରୁ ତାଙ୍କ ମାନ୍ୟତାରେ ଉନ୍ନତି ହୋଇଛି । ବୁଧବାର ଆଇସିସି ପକ୍ଷରୁ ଟି-୨୦ ମାନ୍ୟତା ପ୍ରକାଶ ପାଇଥିଲା । ସେ ୫ଟି ସ୍ଥାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛନ୍ତି । ପୂର୍ବରୁ ନଂ.୧ ସ୍ଥାନରେ ରହିଥିବା ସୂର୍ଯ୍ୟକୁମାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ୩ଟି ମ୍ୟାଚରେ ଯଥାକ୍ରମେ ୩୨, ୮୨ ଓ ୫୭ ରନ୍ କରିଥିଲେ । ଏଥିପାଇଁ ସୂର୍ଯ୍ୟଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି । ଅନ୍ୟପଟେ ଭାରତର ବିସ୍ଫୋରକ ଓପନର ଅଭିଶେକ ଶର୍ମା ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ତିଲକ ବର୍ମା ତୃତୀୟ ସ୍ଥାନରେ ରହିଛନ୍ତି । ଆହତ କାରଣରୁ ତିଲକ ଏହି ଶୃଙ୍ଖଳା ଖେଳିପାରିନାହାନ୍ତି । ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ୩୨ ବଲରେ ୭୬ ରନ୍ କରିଥିଲେ । ଏହାପରେ ଇଶାନ ୬୪ତମ ସ୍ଥାନ ସହ ମାନ୍ୟତାରେ ପ୍ରବେଶ କରିଛନ୍ତି । ଶିବମ ଦୁବେ ୯ଟି ସ୍ଥାନ ଉପରକୁ ଉଠି ୫୮ତମ ଏବଂ ରିଙ୍କୁ ସିଂ ୧୩ଟି ସ୍ଥାନ ଉପରକୁ ୬୮ତମ ସ୍ଥାନରେ ପହଞ୍ଚିଛନ୍ତି ।

ବୋଲିଂ ମାନ୍ୟତାରେ ଆଫଗାନିସ୍ତାନର ମୁଜୀବ ଉର ରହମାନ ୫ଟି ସ୍ଥାନ ଉପରକୁ ଉଠି ନବମରେ ପହଞ୍ଚିଛନ୍ତି । ଭାରତର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ୪ଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି । ଦ.ଆଫ୍ରିକାର କାର୍ବିନ ବୋଶ୍ ୮ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ୩୨ତମ ସ୍ଥାନ ହାସଲ କରିଛନ୍ତି ।

ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ମ୍ୟାଚରେ ୪ ୱିକେଟ୍ ଅକ୍ତିଆର କରି ୧୮ଟି ସ୍ଥାନ ଉପରକୁ ଉଠି ୫୯ତମ ସ୍ଥାନରେ ପହଞ୍ଚିଛନ୍ତି । ବ୍ୟାଟିଂ ମାନ୍ୟତାରେ ସେ ଦୁଇଟି ସ୍ଥାନ ଉପରକୁ ଉଠି ୫୩ତମ ସ୍ଥାନରେ ପହଞ୍ଚିଛନ୍ତି ।

# ବିଶାଖାପଟନମରେ ନ୍ୟୁଜିଲାଣ୍ଡ ବିଜୟୀ




ବିଶାଖାପଟନମ୍,୨୮।୧(ଏଜେନ୍ସି): ଟି-୨୦ ଶୃଙ୍ଖଳାର ଚତୁର୍ଥ ମ୍ୟାଚରେ ନ୍ୟୁଜିଲାଣ୍ଡ ଜମାଣିଆ ବିଜୟ ହାସଲ କରିଛି । ଶୃଙ୍ଖଳା ହାତଛଡା କରିସାରିଥିବା ନ୍ୟୁଜିଲାଣ୍ଡ ସମ୍ମାନ ଲଢ଼େଇରେ ସମ୍ମାନ ରଖିଛି । ବିଶାଖାପଟନମରେ ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଭାରତ ୧୮.୪ ଓଭରରେ ୧୬୫ ରନ କରିବାକୁ ସକ୍ଷମ ହୋଇଥିଲା । ତେଣୁ ନ୍ୟୁଜିଲାଣ୍ଡ ୫୦ ରନ ବ୍ୟବଧାନରେ ବିଜୟଲାଭ କରିଛି । ଏଥିସହ ଏହି ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ୩-୧ ସ୍ଥିତିକୁ ଆସିଛି ।

ଟସ ଜିତି ଭାରତୀୟ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ନ୍ୟୁଜିଲାଣ୍ଡର ଦେବନ କନୱେ ଓ ଟିମ ସେଫଟ୍ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଦୁହେଁ ୮.୨ ଓଭରରେ ୧୦୦ ରନ ଯୋଡି ଥିଲେ । କନୱେ ୨୩ ବଲରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୪୪ ରନ୍ କରିଥିଲେ । ସେଫଟ ୩୬ ବଲରୁ ୬୨ ରନ୍ କରି ଆଉଟ୍ ହୋଇଥିଲେ । ରଚିନ ରବିନ୍ଦ୍ର ୪ ବଲରୁ ୨, ଗ୍ଲେନ୍ ଫିଲିପ୍ସ ୧୬ ବଲରୁ ୨୪ ରନ, ମାର୍କ ଚାମ୍ପମ୍ୟାନ ୯ ରନ କରିଥିଲେ । ଡାର୍ଲି ମିଚେଲ ୧୮ ବଲ ଅପରାଜିତ ୩୯ ରନ୍, ମିଚେଲ ସାଣ୍ଟନର ୧୧ ରନ୍, ଜ୍ୟାକ ଫୋଲକିସ ୧୩ ତଥା ମାଟ ହେନରୀ ୬ ରନ୍ କରିଥିଲେ । ତେଣୁ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନ କରିଥିଲା । ଭାରତର ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ ଦୁଇଟି ଲେଖାଏଁ ତଥା ଯଶପ୍ରୀତ ବୁମରା ଓ ରବି ବିଷ୍ଣୋଇଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା ।

୨୧୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରଥମ ବଲରେ ଓପନର ଅଭିଶେକ ଶର୍ମାଙ୍କୁ ୱିକେଟ୍ ହରାଇଥିଲା । ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮ ରନ୍ କରି ପାଭିଲିୟନ୍ ଫେରିଥିଲେ । ପୁଣି ସଞ୍ଜୁ ସାମସନ ୨୪ ତଥା ହାର୍ଦ୍ଦିକ ପାଣ୍ଡ୍ୟା ୨ ରନ୍ କରି ଆଉଟ୍ ହେବାରୁ ୬୩ ରନରେ ୪ ୱିକେଟ୍ ହରାଇ ଭାରତ ବ୍ୟାକଫୁଟକୁ ଚାଲିଯାଇଥିଲା । ରିଙ୍କୁ ସିଂ ୩୦ ବଲରୁ ୩୯ ରନ ତଥା ଶିବମ ଦୁବେ ବିସ୍ଫୋରକ ୬୫ ରନ କରିଥିଲେ । ଦୁବେ ୭ଟି ଛକା ଓ ଦୁଇଟି ଚୌକା ମାରି ୨୩ ବଲରୁ ୬୫ ରନ୍ କରିଥିଲେ । ହର୍ଷିତ ରାଣା ୯, ରବି ବିଷ୍ଣୋଓ ଅପରାଜିତ ୧୦, ଯଶପ୍ରୀତ ବୁମରା ୪ ରନ ତଥା କୁଲଦୀପ ଯାଦବ ଗୋଟିଏ ରନ୍ କରିଥିଲେ । ଭାରତ ୧୮.୪ ଓଭରରେ ୧୬୫ ରନ କରି ଅଲଆଉଟ୍ ହୋଇଥିଲା । ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନରଙ୍କୁ ୩ ୱିକେଟ୍ ସଫଳତା ମିଳିଥିଲା ।

# ବଡ଼ ନିଷ୍ପତ୍ତି ନେବ ବିସିସିଆଇ

ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବ୍ୟାଟିଂ ଦେଖିବା ପାଇଁ ପ୍ରଶଂସକଙ୍କ ସର୍ବଦା ଆଗ୍ରହ ଦେଖାଇଥାନ୍ତି । ପ୍ରଶଂସକଙ୍କ ଆଗ୍ରହ ଦେଖି ବିସିସିଆଇ ଘରୋଇ କ୍ରିକେଟକୁ ନେଇ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ବିସିସିଆଇ ସମ୍ପାଦକ ଦେବଦତ୍ତ ସାଇକିଆ ମଧ୍ୟ ଏନେଇ ସୂଚନା ଦେଇଛନ୍ତି । ଆଗକୁ ଘରୋଇ କ୍ରିକେଟ ପ୍ରସାରଣ ଯୋଜନା କରାଯିବ । ବଡ଼ ବଡ଼ ତାରକା ଖେଳାଳି ଘରୋଇ କ୍ରିକେଟ୍ ଖେଳିବା ଯୋଗୁଁ ପ୍ରଶଂଶକଙ୍କ ଆଗ୍ରହ ବଢ଼ୁଛି । ପ୍ରଥମଥର ପାଇଁ ମୋ ପାଖକୁ ଫୋନ ଆସିଥିଲା ଯେ, ଘରୋଇ କ୍ରିକେଟର ଲାଇଫ କାହିଁକି କରାଯାଉନାହିଁ । ବ୍ରଡ୍‌କାଷ୍ଟ ପ୍ରସରକଙ୍କ ମିଶି ରାସ୍ତା ବାହାର କରାଯିବ ବୋଲି ସାଇକିଆ କହିଛନ୍ତି । ଏଥର କୋହଲି ଓ ରୋହିତଙ୍କ ଅଭ୍ୟାସ ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମରେ ମ୍ୟାଚ ଦେଖିବା ପାଇଁ ଭିଡ ଜମିଥିଲା । ରଣଜୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ପ୍ରଶସକଙ୍କୁ ରୋମାଞ୍ଚକର କରାଯିବ ବୋଲି ଆଶା କରାଯାଉଛି ।

# ସର୍ବଭାରତୀୟ ଭଗବତୀ ଫୁଟବଲ: ଏଫଏଫଏ ମଣିପୁର ଚାମ୍ପିଅନ



ନିରାକାରପୁର,୨୮।୧(ସବ୍ୟ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା ଭଗବତୀ ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ୧୩ ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚରେ ଏ୯ ଏକାଡେମୀ , କଲିକତା ଓ ଏଫ ଏଫ ଏ ମଣିପୁର, ଇଫାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥାମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଶେଷ ପର୍ଯ୍ୟନ୍ତ କୌଣସି ଗୋଲ ନ ହେବାରୁ ସ୍କୋର ଅମିମାଂସିତ ରହିଥିଲା । ଟ୍ରାଇବ୍ରେକର ଜରିଆରେ ପୁନର୍ବାର ଅମିମାଂସିତ ହେଲା ପରେ ସଡନ ଡେଥରେ ୫-୪ ଗୋଲରେ ଏ୯ ଏକାଡେମୀ , କଲିକତା କୁ ଏଫ ଏଫ ଏ ମଣିପୁର, ଇଫାଲ ପରାସ୍ତକ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ।ଆଜିର ଖେଳକୁ ଶିବ ଶଙ୍କର ପଣ୍ଡା, ଏମ ଏସ ବେଗ ,ଶିବ ସାମନ୍ତରାୟ ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ । ଆଜିର ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଶିଷ୍ଟ ସମାଜସେବୀ ଦେବରାଜ ବରିସଲ ,ବିଜେଡି ନେତା ଅମିର ମହମ୍ମଦ, କାଉନସିଲର ଅମିୟ ମହାନ୍ତି, ସମାଜସେବୀ ସୁକାନ୍ତ ବଳିଆରସିଂହ,ରାମଚନ୍ଦ୍ର ପ୍ରଧାନ,ଲଲାଟେନ୍ଦୁ ନାୟକ, ବୀରେନ ମହାପାତ୍ର,ଏସ କେ ଶକୁନ,ନବ କିଶୋର ପ୍ରଧାନ, ପବିତ୍ର କୁମାର ପାଇକରାୟ, ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ , ମାନସ ଚନ୍ଦ୍ର ପଟ୍ଟନାୟକ , ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଯୁବ ସମାଜସେବୀ ଦୁର୍ଗା ମାଧବ ରାୟ , ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର ,ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର ଓ କୋଷାଧକ୍ଷ ଶେଖ ଇସ୍ରାଏଲ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ସଂଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# କ୍ରିକେଟର ଜ୍ୟାକବ ମାର୍ଟିନ ଗିରଫ



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଭାରତୀୟ ଦଳର ପୂର୍ବତନ କ୍ରିକେଟର ଜ୍ୟାକବ ମାର୍ଟିନଙ୍କୁ ବରୋଦା ପୋଲିସ ଗିରଫ କରିଛି । ସେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ । ରାତି ୨.୩୦ରେ ମାର୍ଟିନଙ୍କ କାର ସନ୍ତୁଳନ ହରାଇଥିଲା । ଜଣେ ବ୍ୟକ୍ତିଙ୍କ ଘର ବାହାରେ ଥିବା ୩ଟି କାର ସହ ଧକ୍କା ହୋଇଥିଲା । ତାଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରାଯିବ ପରେ ତାଙ୍କୁ ଗିରଫ କରାଯାଇଛି । ମାର୍ଟିନ ଭାରତ ପକ୍ଷରୁ ୧୦ଟି ମ୍ୟାଚ ଖେଳିଛନ୍ତି । ୯୦ ଦଶକର ଏହି ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ତାଙ୍କ କ୍ୟାରିୟର ବେଶି ଦିନ ତିଷ୍ଠି ନଥିଲା । ସେ ୮ଟି ଇନିଂସରେ ୨୨.୫୭ ହାରରେ ୧୫୮ ରନ୍ ସଂଗ୍ରହ କରିଥିଲେ । ସେ ଅନ୍ତର୍ଜାତୀୟ କ୍ରିକେଟରେ ଗୋଟିଏ ଅର୍ଦ୍ଧଶତକ ମାରିଛନ୍ତି । ଘରୋଇ କ୍ରିକେଟରେ ମାର୍ଟିନ ୧୩୮ ମ୍ୟାଚରେ ୪୬ରୁ ଊର୍ଦ୍ଧ୍ୱ ହାରରେ ୯୧୯୨ ରନ୍ ସଂଗ୍ରହ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୨୩ଟି ଶତକ ମାରିଛନ୍ତି । ଅବସର ନେବା ପରେ ସେ ଅନେକ ବିବାଦରେ ଛନ୍ଦି ହୋଇଛନ୍ତି ।

### ▸▸ ଅଶ୍ୱିନୀଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ୨୦ବର୍ଷ ପୂର୍ତ୍ତି

# ଅଶ୍ୱିନୀ ସୁପର କିଙ୍ଗ୍ସ ଚାମ୍ପିଅନ୍



କଟକ, (ସ୍ୱପ୍ର): ଓଡ଼ିଶାବାସୀଙ୍କୁ ଦୀର୍ଘ ଦୁଇ ଦଶନ୍ଧି ଧରି ନିରନ୍ତର ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆସୁଥିବା ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ନିଜର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ "ଅଶ୍ୱିନୀ ପ୍ରିମିୟର ଲିଗ୍ (ଏପିଏଲ୍)'ର ଶୁଭାରମ୍ଭ କରିଛି । ଏହି କାର୍ଯ୍ୟକ୍ରମକୁ ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ନିର୍ଦ୍ଦେଶକ ଜୟ ଦାଶ ଓ ଅର୍ଥ ନିର୍ଦ୍ଦେଶିକା ସୁମା ଦେବୀ ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଅଶ୍ୱିନୀ ଗ୍ରୁପ୍‌ର ମୋଟ ୮ ଟି ଦଳ ଉତ୍ସାହର ସହିତ ଅଂଶ ଗ୍ରହଣ କରିଥିଲେ । ଏକାଧିକ ରୋମାଞ୍ଚକର ମ୍ୟାଚ ପରେ "ଅଶ୍ୱିନୀ ସୁପର କିଙ୍ଗ୍ସ' ଚାମ୍ପିଆନ୍ ହୋଇଥିବାବେଳେ "ଅଶ୍ୱିନୀ ବ୍ଲାଷ୍ଟର୍ସ' ଉତ୍କୃଷ୍ଟ କ୍ରୀଡ଼ା ଦକ୍ଷତା ଓ ଦୃଢ ପ୍ରତିଦ୍ୱନ୍ଦିତା ପ୍ରଦର୍ଶନ କରି ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା । ଅଶ୍ୱିନୀ ପ୍ରିମିୟର ଲିଗ୍ ଉଦଯାପନୀ ସମାରୋହରେ ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ଅଧକ୍ଷ ଡା. ସୁବ୍ରତ ଜେନା ଓ ପରିଚାଳନା ନିର୍ଦ୍ଦେଶିକା ଡା. ମାୟା ଗନ୍ତାୟତ ଉପସ୍ଥିତ ରହି ସମସ୍ତ ଅଂଶ ଗ୍ରହଣକାରୀ ଦଳ ଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି କ୍ରୀଡା ପରିଚାଳନାରେ ବିଶ୍ୱ ଭୂଷଣ ରାଉତ, ଦେବାନନ୍ଦ ନାୟକ, ସୁଶ୍ରୀ ସୁଜାତା ମହାପାତ୍ର ଓ ସୁବ୍ରତ ପରିଡ଼ାଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା ।

# ସର୍ବ ଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ: ସେମିରେ ପ୍ରୋଗ୍ରେସିଭ କ୍ଲବ

ବନ୍ତ,୨୮।୧(ସବ୍ୟ): ଓଡିଶା କ୍ରିକେଟ ଆସୋସିଏସନ ଓ ଭଦ୍ରକ ଜିଲା କ୍ରିକେଟ ଆସୋସିଏସନର ମିଳିତ ସହଯୋଗରେ ଶାନ୍ତିୟୁଥ୍ ଆସୋସିଏସନ ଆନୁକୂଲ୍ୟରେ ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକ ସ୍ତରୀୟ ଷ୍ଟାଡିୟମ ଠାରେ ରବିବାର ଠାରୁ ଆରମ୍ଭ ହୋଇଥିବା ୨୪ତମ ସର୍ବ ଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ (ବନ୍ତ କପ୍ -୨୦୨୬)ର ଆଜି(ବୁଧବାର) ପୁଲ୍-"ବି'ର ୨ୟ ମ୍ୟାଚ୍‌ୟୁନିୟନ ସ୍ପୋର୍ଟିଂ କଟକ ସହିତ ପ୍ରୋଗ୍ରେସିଭ କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତିୟୁନିୟନ ସ୍ପୋର୍ଟିଂ କଟକ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଅଧିନାୟକ ସର୍ବେଶ୍ୱର ମହାନ୍ତି ୨୨ ବଲରେ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳ ପ୍ରୋଗ୍ରେସିଭ ଝାରସୁଗୁଡାର ବୋଲର ସୁଭମ ସିଂ ୩.୨ ଓଭରରେ ୧୦ ରନ୍ ଦେଇ ୪ ୱିକେଟ ନେଇଥିଲେ। ଜବାବରେ ପ୍ରୋଗ୍ରେସିଭ କ୍ଲବ ଝାରସୁଗୁଡା ୧୬.୧ ଓଭରରେ ୪ ୱିକେଟ ହରାଇ ୧୧୧ ରନ୍ କରି ସେମିଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ ପିୟୁଷ ଯାଦବ ୩୪ ବଲରେ ୪୬ ଓ ଏମ୍.ଏସ ଅର୍‌ମାନ୍ ୪୯ ବଲରେ ୪୬ ରନ୍ କରି ଅପରାଜିତ ରହିଥିଲେ। ପ୍ରତିପକ୍ଷ ଦଳୟୁନିୟନ ସ୍ପୋର୍ଟିଂ କଟକର ବୋଲର ଗଣେଶ କୁମାର ୪ ଓଭରରେ ୧୩ ରନ ଦେଇ ୨ ଉଇକେଟ ନେଇଥିଲେ। ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପ୍ରୋଗ୍ରେସିଭ ଝାରସୁଗୁଡାର ଖେଳାଳୀ ସୁଭମ୍ ସିଂଙ୍କୁ କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା ଏବଂ ବିସିସିଆଇର ପ୍ରଶିକ୍ଷକ ପୂର୍ଣ୍ଣେନ୍ଦୁ ଜେନା ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ, ଶାନ୍ତନୁ ରାଉତ, ସଞ୍ଜୟ ନାୟକ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, ସାଇସତ୍ୟ ନାୟକ, ରନାକର ଜେନା ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା, ଗୁରୁଦେବ ସେଠୀ, ସାଇ ପ୍ରସାଦ ସାହୁ ଦାୟୀତ୍ୱ ତୁଲାଇଥିଲେ। ଗୁରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଇଷ୍ଟ କୋଷ୍ଟ ରେଲୱେ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟିର ବରିଷ୍ଠ ସଦସ୍ୟ ସୁଦର୍ଶନ ବେହେରା, ହୃଷିକେଶ ପରିଡା, ଲିପୁନ ବିଶ୍ୱାଳ, କାହ୍ନା ନାୟକ ସୂଚନା ଦେଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮ ୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮ ୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ଯଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏମବିସିସି ଚାମ୍ପିଅନ

ନିରାକାରପୁର,୨୮।୧(ସବ୍ୟ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଯଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଯଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମ ବି ସି ସି ମଳିପଡା ଚାମ୍ପିଅନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ସମୁଦାୟ ୮ ଟି ବଚ୍ଛା ବଚ୍ଛା ଦଳ ଅଂଶ ଗ୍ରହଣ କରିଥିଲେ । ଆଜିର ଫାଇନାଲ ମ୍ୟାଚରେ ଏମଏସସିସି ବିରତୋଇ ବନାମ ଏମବିସିସି ମଳିପ ମଧ୍ୟରେ ହେଇଥିଲା । ପ୍ରଥମେ ବ୍ୟାଟିଂ କରି ମଳିପ ଦଳ ୧୫ ଓଭର ୬ ଓ୍ୱେକେଟ ବିନିମୟରେ ୨୦୧ କରିଥିଲା । ମଳିପ ଦଳର ପଣ୍ଟିମା ସର୍ବାଧିକ ୫୭ ରନ କରିଥିଲେ । ଜବାବରେ ଏମଏସସିସି ବିରତୋଇ ଟିମ ୧୭୧ ରନ କରିଥିଲେ । ଦଳ ପକ୍ଷରୁ ଶିବୁ ସର୍ବାଧିକ ୭୦ ରନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ବିଜେତା ଦଳର ଶିବୁ, ମାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଥିଲେ । ଆଜିର ମ୍ୟାଚଯଙ୍ଗ ଷ୍ଟାର ର ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜିର ମ୍ୟାଚ କୁ ପ୍ରବୀଣ ରାଉତରାୟ ଓ ମନୋଜ ନାୟକ ପରିଚନା କରିଥିଲେ ।ଅତିଥି ଭାବେ ସୁଶାନ୍ତ ସେନାପତି, ରାକେଶ ପ୍ରଧାନ, ଅନିଲ ସେନାପତି, ଅମେରେନ୍ଦ୍ର ବାରିକ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।ମ୍ୟାଚ କୁ ପ୍ରତ୍ୟୁଷ ସାମନ୍ତରାୟ, ବିଜୟ ପ୍ରଧାନ, ଶ୍ରୀକାନ୍ତ ସାହୁ, ଜିତୁ, ଚଗୁଲୁ, ଗୁଡୁ ସାହାଯ୍ୟ କରିଥିଲେ ।

# ୧୭ ବଲରେ ଶତକ




ଲଣ୍ଡନ,୨୮।୧(ଏଜେନ୍ସି): ଖାଲି ଚୌକା ଛକାର ବର୍ଷା । ପ୍ରଥମ ୪୦ଟି ବଲରେ ଅର୍ଦ୍ଧଶତକ । କିନ୍ତୁ ପରବର୍ତ୍ତୀ ୧୭ ବଲରୁ ଶତକ ମାରି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛନ୍ତି ଇଂଲଣ୍ଡ ଦିନିକିଆ ଦଳ ଅଧିନାୟକ ହ୍ୟାରିବ୍ରୁକ । ଶ୍ରୀଲଙ୍କା ବିପକ୍ଷରେ ସେ ଏହି ବିସ୍ଫୋରକ ଇନିଂସ ଖେଳିଛନ୍ତି । ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳାଯାଉଛି । ପ୍ରଥମ ମ୍ୟାଚରେ ଇଂଲଣ୍ଡ ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଦଳ ପାଇଁ କର ବା ମର ଥିଲା । ନିର୍ଣ୍ଣାୟକ ମ୍ୟାଚରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୫୭ ରନ କରିବାକୁ ସଫଳ ହୋଇଛି । ଦଳୀୟ ସ୍କୋର ୧୯ ରନ୍ ହୋଇଥିବା ବେଳେ ବେନ ଡକେଟ୍ ଆଉଟ୍ ହୋଇଥିଲେ । ଏହାପରେ ୪୦ ରନରେ ଦଳ ଦ୍ୱିତୀୟ ୱିକେଟ୍ ହରାଇଥିଲା । ୧୬୬ ରନରେ ତୃତୀୟ ୱିକେଟ୍ ଝଡି ଥିଲା । ଏହାପରେ ବ୍ୟାଟିଂ କରିବାକୁ ଆସିଥିଲେ ହ୍ୟାରିବ୍ରୁକ । ସେ ବିସ୍ଫୋରକ ଇନିଂସ ଖେଳିଥିଲେ । ପ୍ରଥମ ୪୦ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ ବ୍ରୁକ । ଏଥିରେ ୩ଟି ଚୌକା ଓ ୩ଟି ଛକା ଥିଲା । କିନ୍ତୁ ଏହାପରେ ପରବର୍ତ୍ତୀ ୧୭ ବଲରେ ସେ ଶତକ ପୂରଣ କରିଥିଲେ । ସେ ମୋଟ୍ ୬୬ ବଲ ଖେଳି ୧୩୬ ରନ୍ ସଂଗ୍ରହ କରିଥିଲେ । ଏଥିରେ ୧୧ ଚୌକା ଓ ୯ ଛକା ରହିଛି । ହ୍ୟାରି ଓ ରୁଟଙ୍କ ଶତକ ଯୋଗୁଁ ଇଂଲଣ୍ଡ ୩୫୭ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଶ୍ରୀଲଙ୍କା ବିଜୟଲକ୍ଷ୍ୟଠାରୁ ୫୩ ରନ ପଛରେ ରହିଯାଇଥିଲା ।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି